

ଶୁଳ୍କ ଧମକ ଦେଇ ଭାରତ-ପାକ୍ ଯୁଦ୍ଧ ବନ୍ଦ କରିଥିଲି: ଟ୍ରମ୍ପ
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 132 ଭାଗ ୩୪ | ସଂଖ୍ୟା ୧୩୨ | Sunday 2 August 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର, ୨ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପେହେଲଗାମ ଆକ୍ରମଣର ପୁନରାବୃତ୍ତି

## ଧର୍ମ ପଚାରି ଶ୍ରମିକଙ୍କୁ ହତ୍ୟା



**ଶ୍ରୀନଗର,୧।୮:** ଶୁକ୍ରବାର ବିଳମ୍ବିତ ରାତିରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀମାନେ ପୁଣିଥରେ ପେହେଲଗାମ୍ ଶୈଳୀରେ ଦୁଇଜଣ ଶ୍ରମିକଙ୍କୁ ସେମାନଙ୍କର ଜାତି, ସମ୍ପ୍ରଦାୟ ଓ ଶେଷରେ ନାମ ପଚାରି ହତ୍ୟା କରିଛନ୍ତି। ଠିକ୍ ବର୍ଷକ ପୂର୍ବରୁ ଅର୍ଥାତ୍ ୨୦୨୫ ମସିହା ଏପ୍ରିଲ୍ ୨୨ ତାରିଖରେ ସଶସ୍ତ୍ର ଆତଙ୍କବାଦୀମାନେ ଜାମ୍ମୁ-କାଶ୍ମୀରର ପେହେଲଗାମରେ ଧର୍ମପଚାରି ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ବେଳେ ଶୁକ୍ରବାରର ଘଟଣାକୁ ତାହାର ଆଉ ଏକ ସଂସ୍କରଣ ବୋଲି କୁହାଯାଉଛି।

ଏହି ଘଟଣା ଜାମ୍ମୁ-କାଶ୍ମୀରର କୁଲଗ୍ରାମ ଜିଲ୍ଲାରେ ଘଟିଛି। ମୃତକ ଦୁହିଙ୍କୁ ଛତିଶଗଡ଼ର ଦୀପକ ରାତ୍ରେ ଓ ଭୂପେନ୍ଦ୍ର ବୋଲି ଚିହ୍ନଟ କରାଯାଇଥିବା ବେଳେ ଉଭୟ ପ୍ରବାସୀ ଶ୍ରମିକ ଭାବେ ସେଠାକାର ଇଟାଭାଟିରେ କାମ କରୁଥିବା ଜଣାପଡ଼ିଛି। ବର୍ଷକ ତଳେ ସେଠାକୁ ଯାଇ ଇଟାଭାଟିରେ କାମ କରୁଥିବା ଦୀପକ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ। ଘରେ ତାଙ୍କର ବିଧବା ମାଆ, ଦିବ୍ୟାଙ୍ଗ ବଡ଼ଭାଇ, ପତ୍ନୀ ଓ ଗୋଟିଏ ବର୍ଷକର ପୁଅ ଅଛି। ଗୁଳିକାଣ୍ଡ ସୂଚନା ପାଇବା ପରେ ଏସଡିଏମ୍ ରୁପେନ୍ଦ୍ର ପଟେଲଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚିଛନ୍ତି ଓ ମୃତକଙ୍କ ପରିବାରକୁ ଆବଶ୍ୟକତୀୟ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଶେଷକୃତ୍ୟ ନିମନ୍ତେ ଦୀପକଙ୍କ ମୃତଦେହ ତୁରନ୍ତ ଗ୍ରାମକୁ ପଠାଇବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

ପରିବାର ଚଳାଇବାକୁ ଯାଇଥିବା ଦୁଇଜଣ ଶ୍ରମିକଙ୍କ ପ୍ରତି ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣକୁ ➪ପୃଷ୍ଠା-୬

### ୫ ଜିଲ୍ଲାର ବନ୍ୟାଞ୍ଚଳ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ

# ୮ ଲକ୍ଷ ଲୋକ ପ୍ରଭାବିତ; ୨.୬୯ ଲକ୍ଷ ସ୍ଥାନାନ୍ତରିତ



- ❑ ପାଣି ଛାଡ଼ିବାର ତିନି ଦିନ ଭିତରେ କ୍ଷୟକ୍ଷତି ରିପୋର୍ଟ ପାଇଁ ନିର୍ଦ୍ଦେଶ
- ❑ ସହାୟତା ପ୍ୟାକେଜ ପ୍ରଦାନ କରାଯିବ
- ❑ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ବନ୍ୟା ପରିଚାଳନା ଦାୟିତ୍ୱ



**ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ରାଜ୍ୟର ୫ଟି ବନ୍ୟା ପ୍ରଭାବିତ ଜିଲ୍ଲାର ୧୨ରୁ ଅଧିକ ବ୍ଲକ୍‌ରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ମଧ ଉପସ୍ଥିତ ଥିଲେ।

ପରିଦର୍ଶନ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ରହିଛି। ପରିସ୍ଥିତି ଧିରେ ଧିରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡ଼ିଯିବାର ସମ୍ଭାବନା ରହିଛି। ଏଥିସହ ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଞ୍ଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ପାଖାପାଖି ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ➪ପୃଷ୍ଠା-୬

## ଅଙ୍ଗଦାନ କରି ଅମର ହେଲେ ଓଡ଼ିଆ ପୁଅ

- ● ୪ ଜଣଙ୍କୁ ଦେଲେ ନୂଆ ଜୀବନ
- ● ଇତିହାସ ରଚିଲା ବନ୍ଦେ ଭାରତ



**ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ):** ଗୋଟିଏ ପଟେ ଶୋକାକୁଳ ପରିବାର ଆଖିରୁ ଝରିପଡୁଥିଲା ଲୁହ। କିନ୍ତୁ ଅନ୍ୟପଟେ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବାର ମହାନ୍ ଭାବନା ଉଦ୍ରେକ ହୋଇଥିଲା। ଓଡ଼ିଆ ପୁଅ ମିଥୁନ ନିଜେ ଚାଲିଗଲେ ସତ, କିନ୍ତୁ ଯାଉ ଯାଉ ୪ ଜଣଙ୍କ ଜୀବନରେ ଭରିଦେଇଗଲେ ନୂଆ ଆଶାର ଆଲୋକ। ଏଥିସହ ଭାରତୀୟ ରେଳବାଇ ଇତିହାସରେ ଘଟିଛି ଏକ ଐତିହାସିକ ଘଟଣା। ବନ୍ଦେ ଭାରତ ଏକ୍ସପ୍ରେସରେ ସଫଳତାର ସହ ପରିବହନ କରାଯାଇଛି ଜୀବନ୍ତ ହୃତପିଣ୍ଡ।

ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ସୋରଡ଼ା ଅଞ୍ଚଳର କଳାଖାଡ଼ି ଗାଁର ମିଥୁନ ସ୍ୱାଇଁ ଗତ ୨୮ ତାରିଖରେ ରାତ୍ରିଭୋଜନ କରିସାରିବା ପରେ ହଠାତ୍ ତାଙ୍କ ଶରୀରର ବାମ ପାର୍ଶ୍ୱ ଅଚଳ ହୋଇପଡ଼ିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ସୁରଟ ସିଭିଲ୍ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତରୀ ଟିମ୍‌ର ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଗତ ୩୦ ତାରିଖରେ ମିଥୁନଙ୍କୁ 'ବ୍ରେନ୍-ଡେଡ୍' ଘୋଷଣା କରାଯାଇଥିଲା। ଫଳତଃ ପରିବାର ଉପରେ ଯେମିତି ଦୁଃଖର ପାହାଡ଼ ଭାଙ୍ଗିପଡ଼ିଥିଲା। କିନ୍ତୁ ଏହି ସଙ୍କଟ ସମୟରେ 'ଅର୍ଗାନ୍ ଡୋନେସନ୍ ଚାରିଟେବଲ୍ ଟ୍ରଷ୍ଟ'ର ସ୍ୱେଚ୍ଛାସେବୀଙ୍କ ବୁଝାସୁଝା ପରେ ମିଥୁନଙ୍କ ପତ୍ନୀ ଓ ପରିବାର ଭାରାକ୍ରାନ୍ତ ହୃଦୟ ସତ୍ତ୍ୱେ ନେଇଥିଲେ ଏକ ମହାନ ନିଷ୍ପତ୍ତି। 'ଆମ ମିଥୁନ ଆଉ ଫେରିବନି ସତ, କିନ୍ତୁ ତା'ର ଅଙ୍ଗ ଅନ୍ୟ କାହା ଶରୀରରେ ବଞ୍ଚି ରହିବ' ଏପରି ଏକ ନିଷ୍ପତ୍ତି ୪ ଜଣଙ୍କୁ ଦେଇଛି ନୂଆ ଜୀବନ।

ଦକ୍ଷିଣ ଗୁଜରାଟରେ ପ୍ରବଳ ବର୍ଷା ଯୋଗୁଁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଜୀବନ୍ତ ହୃତପିଣ୍ଡକୁ ଅତି କମ୍ ସମୟ ମଧ୍ୟରେ ସୁରଟରୁ ଅହମ୍ମଦାବାଦ ପହଞ୍ଚାଇବା ସବୁଠାରୁ ବଡ଼ ➪ପୃଷ୍ଠା-୬

### ୬ ବିଭାଗର ୧୧ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ୨.୦କୁ ମଞ୍ଜୁରୀ

- ● ୨୦୧୧ ଦ୍ରବ୍ୟ ଓ ସେବା କରରେ ସଂଶୋଧନ
- ● ଏମ୍‌ଏସ୍‌ଏମ୍‌ଇ ପାଇଁ ରିହାତି ସୁଯୋଗ
- ● ଦୟାନଦୀରେ ନିର୍ମାଣ ହେବ ଉଠା ଜଳସେଚନ ପ୍ରକଳ୍ପ



**ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ):** ଆଜି ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଅର୍ଥ, ବିଧି, ଅନୁସୂଚିତ ଜନଜାତି,ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ(ଏସ୍‌ସି ଏସ୍‌ଟି) ଏବଂ କୃଷି ଓ ସଶକ୍ତିକରଣ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ରହିଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨ଟି ଏବଂ ଜଳସମ୍ପଦ ବିଭାଗର ସର୍ବାଧିକ ୫ଟି ପ୍ରସ୍ତାବ ସାମିଲ୍। କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସବିଶେଷ ସୂଚନା ଦେଇଛନ୍ତି।

କ୍ୟାବିନେଟ୍‌ରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଏଣିକି ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ୨.୦ କାର୍ଯ୍ୟକାରୀ ହେବ। ଏ ବାବଦରେ ୨୯୯୫ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ମିଳିଛି। ରାଜ୍ୟର ୧୯ ହଜାର ୧୩୪ ବ୍ଲକ୍‌ରେ ଏହି ମିଶନ୍ କାର୍ଯ୍ୟକାରୀ ହେବା ନେଇ ନିଷ୍ପତ୍ତି ହୋଇଛି।

ସେହିପରି କୃଷି ବିଭାଗର କୃଷି ଯନ୍ତ୍ରପାତି, ଉପକରଣ ଏବଂ ଡିଜେଲ୍ ପମ୍ପସେଟ୍‌ର ଲୋକପ୍ରିୟକରଣକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାରେ ରାଜ୍ୟର କୃଷକମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି କିଣିବା ସକାଶେ ସରକାର ସବ୍‌ସିଡି ଦେଉଛନ୍ତି। ଗତ ୨୦୨୧-୨୨ରୁ ୨୦୨୫-୨୫ ମଧ୍ୟରେ ଯୋଜନାରେ ୨,୫୪,୭୭୫ ଜଣ କୃଷକ ଏହି ଯୋଜନାର ଫାଇଦା ପାଇଛନ୍ତି। ଆଜି କ୍ୟାବିନେଟ୍‌ରେ ଏହି ଯୋଜନାକୁ ଆହୁରି ୫ ବର୍ଷ ବଢ଼ାଇ ଦିଆଯାଇଛି। ଅର୍ଥାତ୍ ଏହା ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ➪ପୃଷ୍ଠା-୬

● ମୋହର ଲଗାଇଲେ ରାଷ୍ଟ୍ରପତି

## ଆଣ୍ଟି-ପେପର ଲିକ୍ ବିଲ୍ ଆଇନରେ ପରିଣତ

**ନୂଆଦିଲ୍ଲୀ,୧।୮:** ଉଭୟ ଲୋକସଭା ଓ ରାଜ୍ୟସଭାରେ ଯଥାକ୍ରମେ ବାଚନିକ ଭୋଟରେ ପାରିତ ହୋଇଥିବା ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ବିଲ୍‌ରେ ରାଷ୍ଟ୍ରପତି ମୋହର ଲଗାଇଛନ୍ତି। ଫଳରେ ପ୍ରଶ୍ନପତ୍ର ଲିକ୍‌କୁ ରୋକିବା ଲାଗି କଠୋର ଦଣ୍ଡବ୍ୟବସ୍ଥା ସହ କେନ୍ଦ୍ରସରକାର ପ୍ରସ୍ତାବ ଦେଇଥିବା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬ ଏକ ସ୍ୱୟଂସମ୍ପୂର୍ଣ୍ଣ ଆଇନରେ ପରିଣତ ହୋଇଛି। ଗୃହର ଦୁଇ ସଦନରେ ପାରିତ ବିଲଟିକୁ ଆଇନ୍ ହେବା ଲାଗି ରାଷ୍ଟ୍ରପତି ସମ୍ମତି ଜଣାଇଛନ୍ତି ବୋଲି ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ ଜାରି କରିଥିବା ଏକ ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ କରିଛି। ଛାତ୍ରମାନଙ୍କ ସ୍ୱାର୍ଥକୁ ନିରାପଦ ରଖିବା ସହ ସାଧାରଣ (ସାର୍ବଜନୀନ) ପରୀକ୍ଷାଗୁଡ଼ିକର ସମନ୍ୱୟକୁ ସୁଦୃଢ଼ କରିବାକୁ ସଂଶୋଧିତ ଆଣ୍ଟି-ପେପର ଲିକ୍ ବିଲ୍‌ରେ ବ୍ୟବସ୍ଥା ଧାର୍ଯ୍ୟ କରାଯାଇଛି ବୋଲି ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## କଲଭର୍ଟରେ ପିଟିହେଲା ବାଇକ: ୩ ମୃତ

**ଉଦଳା,୧।୮(ସଂଚାର ବ୍ୟୁରୋ):** ଦ୍ରୁତ ଗତିରେ ଗାଡ଼ି ଚଲାଇ ଆସୁଥିବା ବେଳେ ଏକ ବାଇକ ଭାରସାମ୍ୟ ହରାଇ କଲଭର୍ଟ ପାଚେରୀରେ ପିଟି ହୋଇ ତଳକୁ ଖସି ପଡ଼ିଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାଟି ଘଟିଛି ଖୁଣ୍ଟା ଥାନା କୁଆମରା ପୋଷ୍ଟ ଅଫିସ ନିକଟରେ। ମୃତକ ତିନି ଜଣ ହେଲେ କୁଆମରା ଗ୍ରାମର ସହଦେବ ସିଂ, ଶକ୍ତି ସିଂ ଓ ରଘୁ ସିଂ। ମିଳିଥିବା ସୂଚନାନୁସାରେ, ଏକ କେଟିଏମ ଗାଡ଼ିରେ ୩ ଜଣ ଅତି ଦ୍ରୁତ ଗତିରେ କୁଆମରା ଗ୍ରାମ ଭିତର ରାସ୍ତାରେ ଯାଉଥିଲେ। ତେବେ କୁଆମରା ପୋଷ୍ଟ ଅଫିସ ନିକଟରେ ଥିବା ବାଙ୍କରେ ସେମାନେ ଭାରସାମ୍ୟ ହରାଇବା ସହ ବାଇକ୍‌ଟି କଲଭର୍ଟ ପାଚେରିରେ ପିଟି ହୋଇଥିଲା। ଫଳରେ ବାଇକ୍‌ଟି ତଳକୁ ଖସି ପଡ଼ିଥିଲା। ଏଥିରେ ଘଟଣାସ୍ଥଳରେ ସହଦେବ ଓ ଶକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ରଘୁ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ଗୁରୁତର ଅବସ୍ଥାରେ ରଘୁଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି।

## ହାତୀ ଆକ୍ରମଣରେ ଗଲା ଦୁଇ ଜୀବନ

**ସୁନ୍ଦରଗଡ଼,୧।୮ (ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ଦୁଇଟି ପୃଥକ୍ ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଶନିବାର ଭୋର୍ ସମୟରେ ଏହି ଅଘଟଣ ଘଟିଛି।

ମିଳିଥିବା ସୂଚନାନୁସାରେ, କୋଇଡ଼ା ବନାଞ୍ଚଳରେ ରହୁଥିବା ସମ୍ବାରୀ ମୁଣ୍ଡାଙ୍କ ପରିବାର ଲୋକେ ହାତୀ ଆକ୍ରମଣ ଭୟରେ ଘରୁ ବାହାରକୁ ଆସିଥିବା ସମୟରେ ସମ୍ବାରୀ



ଅଚାନକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ସମ୍ବାରୀଙ୍କୁ ଶୁଣ୍ଢରେ ଟେକି ନେଇ ତଳେ କଚାଡ଼ିବା ସହ ତାଙ୍କୁ ପାଦରେ ଦଳିଦେଇଥିଲା। ସେହିପରି ହାତୀକୁ ଡରି ପଳାଇ ଯାଉଥିବା ସମୟରେ ଆକ୍ରମଣରେ ସମ୍ବାରୀଙ୍କ ଝିଅ ବଲ୍ମା ମୁଣ୍ଡା ମଧ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ହାତୀକୁ ଘଉଡ଼ାଇବା ପରେ ତୁରନ୍ତ ସମ୍ବାରୀଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ବୀରମିତ୍ରପୁର ଥାନାଞ୍ଚଳର କୁସୁମଡୋଳି ଗ୍ରାମର ରାମଚନ୍ଦ୍ର ଗୌଡ଼ ପ୍ରାତଃ ଭ୍ରମଣରେ ଯାଇଥିବା ସମୟରେ ଏକ ବଣୁଆହାତୀ ଆକ୍ରମଣରେ ମୃତ୍ୟୁବରଣ ➪ପୃଷ୍ଠା-୬

### 'ସମ୍ବଲପୁରୀ ଦିନ୍'ର ଶୁଭେଚ୍ଛା ଜଣାଇଲେ ସମ୍ବଲପୁର ସାଂସଦ

## ଭାଷା, ସଂସ୍କୃତି ଓ ସଭ୍ୟତାର ସଂରକ୍ଷଣ ମୁଖ୍ୟ ଦାୟିତ୍ୱ



**ସମ୍ବଲପୁରୀ ଭାଷା, ପରିଧାନ ଓ ସଂସ୍କୃତି ଓଡ଼ିଶାର ସ୍ୱତନ୍ତ୍ର ଓ ମହାନ ପରିଚୟ**

**ସମ୍ବଲପୁର,୧।୮ (ସଂଚାର ବ୍ୟୁରୋ):** ପବିତ୍ର 'ସମ୍ବଲପୁରୀ ଦିନ୍' ଅବସରରେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ବିଶେଷ ଅବସରରେ ଭିଡିଓ ବାର୍ତ୍ତା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିକୁ ୧୪ ବର୍ଷ ପୂର୍ବେ ସମ୍ବଲପୁରୀ ଭାଷା ଓ ସାହିତ୍ୟର ମହାନ୍ ପୁରୋଧା ସ୍ୱର୍ଗତଃ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଜୟନ୍ତୀ ଅର୍ଥାତ୍ ଅଗଷ୍ଟ ୧ ତାରିଖକୁ 'ସମ୍ବଲପୁରୀ ଦିନ୍' ଭାବେ ପାଳନ କରିବାର ସୁନ୍ଦର ପରମ୍ପରା ଆରମ୍ଭ ହୋଇଥିଲା। ସମ୍ବଲପୁରର ବୁଦ୍ଧିଜୀବୀ, ନାଗରିକ ଓ ବିଶେଷକରି ଯୁବବନ୍ଧୁମାନେ ଏହି ଗୌରବମୟ ଦିବସକୁ ବହୁ ଉତ୍ସାହର ସହ ପାଳନ କରିଆସୁଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମ ଓଡ଼ିଶାରେ ସମ୍ବଲପୁରୀ ଭାଷା, ସଂସ୍କୃତି, ସଭ୍ୟତା, ଆହାର, ପରିଧାନ ଓ ବାନ୍ଧକଳାର ଏକ ଅନନ୍ୟ ଓ ସ୍ୱତନ୍ତ୍ର ପରିଚୟ ରହିଛି। ଗୋଟିଏ ସାଂସ୍କୃତିକ ସମ୍ପନ୍ନ ପ୍ରଦେଶରେ ନିଜର ଏହି ମହାନ ସଂସ୍କୃତି ଓ ସଭ୍ୟତାକୁ ମନେ ପକାଇବା ଏବଂ ଏହାର ସଂରକ୍ଷଣ କରିବା ଆମ ସମସ୍ତଙ୍କର ପ୍ରମୁଖ ଦାୟିତ୍ୱ। ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଏକ ନୂତନ ଉଚ୍ଚତା ଓ ସ୍ତରକୁ ନେବା ପାଇଁ ଆଜୀବନ ନିରନ୍ତର ପ୍ରଚେଷ୍ଟା କରିଥିଲେ। ଏହି ଗୌରବମୟ ଦିବସରେ ଆମେ ସମସ୍ତେ ତାଙ୍କର ଏହି ମହାନ୍ ଯୋଗଦାନକୁ ଆଦରର ସହ ସ୍ମରଣ କରୁଛୁ। ଏହି ଦିନଟିକୁ ଆଡ଼ମ୍ବର ସହକାରେ ପାଳନ ➪ପୃଷ୍ଠା-୬

## ଓଡ଼ିଶାକୁ ୫୦୦ କୋଟିର ବନ୍ୟା ସହାୟତା

### ଘୋଷଣା କଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୧।୮:** ସମ୍ପ୍ରତି ଓଡ଼ିଶା ସହ ଅନ୍ୟାନ୍ୟ କେତେକ ରାଜ୍ୟ ମଧ ବନ୍ୟା ସହ ଲଢ଼େଇ କରୁଛନ୍ତି। ଏଥିରେ ଅରୁଣାଚଳ ପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ମହାରାଷ୍ଟ୍ର ପରି ୭ଟି ରାଜ୍ୟ ସାମିଲ୍। ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏହିସବୁ ରାଜ୍ୟରେ ବନ୍ୟା ପରବର୍ତ୍ତୀ ପୁନର୍ବାସ ଓ ଅନ୍ୟାନ୍ୟ ଥଇଥାନ କାର୍ଯ୍ୟକ୍ରମ ସକାଶେ ମୋଟ ୨୧୧୭.୮୫ କୋଟି ଟଙ୍କାର ସହାୟତାକୁ ମଞ୍ଜୁରୀ ଦେଇଛନ୍ତି। ଏସଡିଆର୍‌ଏଫ୍ ଅଧୀନରେ ଏହି ସହାୟତା ମିଳିବାକୁ ଥିବା ବେଳେ ଓଡ଼ିଶାକୁ ଦ୍ୱିତୀୟ କିସ୍ତି ବାବଦରେ



୫୦୦ କୋଟି ଟଙ୍କା ମିଳିବ ବୋଲି ଜଣାପଡ଼ିଛି। ପୂର୍ବରୁ ବନ୍ୟା ପରବର୍ତ୍ତୀ ଥଇଥାନ ଓ ରିଲିଫ୍ ଯୋଗାଇଦେବା ସକାଶେ ଓଡ଼ିଶାକୁ ପ୍ରଥମ କିସ୍ତି ମିଳିସାରିଛି। ଏଥିସହ ରାଜ୍ୟରେ ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ସକାଶେ ଆବଶ୍ୟକ ସଂଖ୍ୟକ ଏନଡିଆର୍‌ଏଫ୍ ମୁତୟନ ନେଇ ମଧ କେନ୍ଦ୍ର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ କେନ୍ଦ୍ର ସରକାର ଯୋଗାଇଦେଇଥିବା ➪ପୃଷ୍ଠା-୬



### କାନ ଡେରିଥା

ଭୋଟ ବେଳେ ନେତା ଗାଁକୁ ଆସନ୍ତି
ଭୋଟ ପରେ ଦେଖା ନାହିଁ
ବନ୍ୟାବାତ୍ୟା ହେଲେ ବଡ଼ ଗାଡ଼ି ଚଢ଼ି
ନାମକୁ ଆସନ୍ତି ଧାଇଁ
ଲୋକେ ଏଣେ ତ୍ରାହି ତ୍ରାହି...
ଚୁଡ଼ା, ଚାଉଳ ତ ବହୁ ଦୂର କଥା
ନେତା ମୁହଁ ଦିଶୁନାହିଁ।

■ ଦେବାଶିଷ

# ବନ୍ୟା ବିପ୍ଳାତ ପାଲଟିଛି ପର୍ଯ୍ୟଟନ କ୍ଷେତ୍ର

- ▶ ଲୋକଙ୍କ ଦୁର୍ଦ୍ଦଶା ବଢ଼ୁଛି
- ▶ ନେତାଙ୍କ ପ୍ରଚାର ଜମୁଛି
- ▶ କୁଆଡ଼େ ଗଲେ କର୍ପୋରେଟ ସଂସ୍ଥା ?



**ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ):** ରାଜ୍ୟର ଅଧା ଅଞ୍ଚଳ ବନ୍ୟାରେ ଉବୁଟୁବୁ ହେଉଥିବା ବେଳେ ଲକ୍ଷାଧିକ ଲୋକ ଏବେ ବି ପାଣିଘେରରେ ରହିଛନ୍ତି। କାହାଘରେ ଚୁଲି ଜଳୁନି ତ ଆଉ କିଏ ପିଇବାପାଇଁ ପାଣି ଟୋପାଏ ପାଉନି। ଏପରି ଦୁର୍ଦ୍ଦଶାର ମୁକାବିଲା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିବା ବେଳେ ବନ୍ୟା କିନ୍ତୁ କିଛି ଲୋକଙ୍କ ପାଇଁ ପର୍ଯ୍ୟଟନ ପାଲଟିଛି। ବନ୍ୟା ଦେଖିବା ସହ ବନ୍ୟାଞ୍ଚଳକୁ ଯାଉଥିବା ନେତାଙ୍କ ସହ ଫଟୋ ଉଠାଇବାକୁ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି।

ସରକାରୀ ହିସାବରେ ବନ୍ୟାରେ ୮ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। କେନ୍ଦୁଝରଠାରୁ ଆରମ୍ଭ କରି ବାଲେଶ୍ୱର, ଭଦ୍ରକ, ଅବିଭକ୍ତ କଟକ ଓ ପୁରୀ ଜିଲ୍ଲାର ତଳିଆ ଅଞ୍ଚଳରେ ବନ୍ୟା ବିପ୍ଳାତ ଦେଖାଦେଇଛି। ଘରେ ପାଣି ପଶିଛି। ଲୋକଙ୍କ ଫସଲ ଉଜୁଡ଼ିଯାଇଛି। ବର୍ଷକର ରୋଜଗାର ହରାଇ ଚାଷୀମାନେ ମୁଣ୍ଡ ପିଟୁଛନ୍ତି। ପେଟ ବିକଳରେ ଲୋକେ ପିଲା ଛୁଆଙ୍କୁ ଧରି ବନ୍ୟା ଆଶ୍ରୟସ୍ଥଳରେ ରହିଛନ୍ତି। ହେଲେ ଏଭଳି ଦୁର୍ଦ୍ଦଶା ଏବେ କେତେକଙ୍କ ପାଇଁ ପର୍ଯ୍ୟଟନସ୍ଥଳୀ ପାଲଟିଛି।

ନଈ ବନ୍ଧରେ ଛିଡ଼ା ହୋଇ ପାଣି ଦେଖିବା ହେଉ କିମ୍ବା ଆଶ୍ରୟସ୍ଥଳରେ ଲୋକଙ୍କ ସହ ଫଟୋ ଉଠାଇବା ପାଇଁ ହେଉ ଏବେ ଭିଡ଼ ଲାଗିଛି। ଅବସ୍ଥା ଏଭଳି ହୋଇଛି ଯେ କେତେକ ପୋଲ ଉପରେ ପୁଲିସ୍ ଜଗିଛି। ଲୋକେ ସେଠାରେ ଭିଡ଼ ଜମାଇବା ସହ ଫଟୋ ଉଠାଉଥିବାରୁ ଅଘଟଣ ଆଶଙ୍କାରେ ପୁଲିସ୍ ସେମାନଙ୍କୁ ଘଉଡ଼ାଉଛି। ତଥାପି ସହରୀ ଲୋକେ ବନ୍ୟା ପର୍ଯ୍ୟଟନର ମଜା ଉଠାଇବା ପାଇଁ ସରକାରୀ କାମ ଛାଡ଼ି ବି ପରିବାର ଧରି ଧାଉଁଛନ୍ତି।

ତେବେ ବନ୍ୟା ବି କିଛି ନେତାଙ୍କ ପାଇଁ ପ୍ରଚାରର ସୁଯୋଗ ଆଣି ଦେଇଛି। କେଉଁଠି ଖାଦ୍ୟ ପୁଡ଼ିଆଟିଏ ଧରାଇଲେ ତାହାର ତୁରନ୍ତ ଫଟୋ ସୋସିଆଲ ମିଡ଼ିଆରେ ଛାଡୁଛନ୍ତି। ଯେଉଁଠାରେ ରନ୍ଧାଖାଦ୍ୟ ପ୍ରସ୍ତୁତ ହେଉଛି ସେଠାରେ ଖାଦ୍ୟ ତିଆରିଠାରୁ ଆରମ୍ଭ କରି ପରଷିବା ପର୍ଯ୍ୟନ୍ତ ଘଟଣାକ୍ରମର ସୋସିଆଲ୍ ମିଡିଆରେ ଲାଇଭ୍ ହେଉଛି। ➪ପୃଷ୍ଠା-୬

## ବନ୍ୟା ପାଇଁ ୧୫ ଦିନ ବଢ଼ିଲା ଏସ୍‌ଆଇଆର୍ ଡେଡ୍‌ଲାଇନ୍

### ସୂଚନା ଦେଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ):** ଓଡ଼ିଶାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟାର ସମୟ ସୀମାକୁ ୧୫ ଦିନ ବୃଦ୍ଧି କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍. ଗୋପାଳନ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟର ୧୯ଟି ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଥିବାରୁ ସରକାରୀ କଳ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟରେ ବ୍ୟସ୍ତ ରହିଛି। ଏହି କାରଣରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅଗଷ୍ଟ ୪ରୁ ବଢ଼ାଇ ଅଗଷ୍ଟ ୧୯ କରାଯାଇଛି। ସେହିପରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ତାରିଖ ସେପ୍ଟେମ୍ବର ୬ ପରିବର୍ତ୍ତେ ସେପ୍ଟେମ୍ବର ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି।

ଶ୍ରୀ ଗୋପାଳନ କହିଛନ୍ତି ଯେ ବୁଥ୍ ଲେଭେଲ୍ ଅଫିସର (ବିଏଲ୍‌ଓ)ମାନଙ୍କୁ ଯୋଗ୍ୟ ଭୋଟରଙ୍କଠାରୁ ଫର୍ମ ସଂଗ୍ରହ କରିବା ସହ ଦାବି ଓ ଆପତ୍ତିର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୫ ଭୋଟର ତାଲିକାରେ ଥିବା ପ୍ରାୟ ୧୨ ଲକ୍ଷ ଭୋଟରଙ୍କ ନାମ ୨୦୦୨ ତାଲିକା ସହ ମେଳ ନ ଖାଇବାରୁ ➪ପୃଷ୍ଠା-୬

## ବନ୍ୟାଞ୍ଚଳ ବୁଲିଲେ ମହାକାଳପଡ଼ା ବିଧାୟକ



ମାର୍ଶାଘାଇ, ୧।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଶୁକ୍ରବାର ମାର୍ଶାଘାଇ ବ୍ଲକ ଅଞ୍ଚଳର ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଥିଲେ। ପାଇକା ନଦୀ ଘେରି ବନ୍ଧ ବାହାରେ ଥିବା ମଙ୍ଗରାଜପୁର ପଞ୍ଚାୟତ ରତନପୁର, ଦଶମାଣକୂଳ, ମହାକାଳପଡ଼ା ତିଖିରୀ ପଞ୍ଚାୟତ ନାଳଦିଆପାଳନ୍ଦା, ଖୁରୁଷିଆ ପାଟ ଆଦି ଗ୍ରାମରେ ବନ୍ୟାଜଳ ମାଡ଼ିଯାଇଥିବାରୁ ପାଣି ଭିତରେ ପଶି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରଭାବିତଙ୍କୁ ତୁରନ୍ତ ଶୁଖିଲା ଖାଦ୍ୟ ଯୋଗାଇବା ସହିତ ରନ୍ଧା ଖାଦ୍ୟ, ଗୋ ଖାଦ୍ୟ ବ୍ୟବସ୍ଥା କରିବା ଏବଂ ଡଙ୍ଗା ବ୍ୟବସ୍ଥା କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଶାଘାଇ ବିଡ଼ିଓ ତୃପ୍ତି ମହାନ୍ତି, ତହସିଲଦାର ଶ୍ରୀକାନ୍ତ ପରିଜାଙ୍କ ସହିତ ଜଳସମ୍ପଦ ବିଭାଗ ଯନ୍ତ୍ରୀ ଉପସ୍ଥିତ ଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା କୈବର୍ତ୍ତ ସମାଜ ସଭାପତି ରଞ୍ଜନ କୁମାର ବେହେରା , ୨୬ନଂ ଜୋନ ବିଜେପି ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ଯୁବନେତା ପ୍ରଶାନ୍ତ ସାହୁ, ଗଙ୍ଗାଧର ସାମଲ, ବଟିରା ସମିତି ସଭ୍ୟା ସୁନତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଚାରି ଦିନ ପରେ ବି ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚିଲାନି ପ୍ରଶାସନ

# ସରପଞ୍ଚ ଦେଖାଇଲେ ମାନବିକତା

ଆଳି,୧।୮ (ସଂଚାର ବ୍ୟୁରୋ): ଆଳି ବ୍ଲକ୍ ଧୋଉା ୧୦ ପଞ୍ଚାୟତ ୪ ଦିନ ଧରି ପାଣି ଘେରରେ ଥିବା ବେଳେ ଭୁଇଁପୁର ପଞ୍ଚାୟତର ଦ୍ୱୀପ ଅଞ୍ଚଳ ଭାବେ ପରିଚିତ ୧ ନମ୍ବର ୱାଡ କଳମଡ଼ା ଶାସନ ୭୦ ପରିବାର ଏବେ ପାଣି ଘେର ରହିଛନ୍ତି। ଅପରପକ୍ଷେ ବନ୍ୟାକୁ ୪ ଦିନ ବିତିଥିଲେ ମଧ୍ୟ ପ୍ରଶାସନ ଏମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାହାକୁ ନେଇ ଗ୍ରାମବାସୀ ମନେ ପ୍ରଶାସନ ଉପରେ ଅସୋନ୍ତୋଷ ପ୍ରକଟ କରିଛନ୍ତି।

ଅନ୍ୟପଟେ ସରପଞ୍ଚ ରେଶ୍ମା ରାଣୀ ମଳିକ ଲୋକଙ୍କ ଦୁଃଖ ବୁଝି ମାନବିକତା ଦେଖାଇ ୭୦ରୁ ଉର୍ଦ୍ଧ ଘର ବନ୍ୟା



ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଔଷଧର ବ୍ୟବସ୍ଥା କରି ପହଞ୍ଚିଥିଲେ। ଭୂଇଁପୁର ପଞ୍ଚାୟତ ଅଧୀନରେ ଥିବା ନଦୀନାଳ ଘେରା କଳମଡା ଶାସନ ଗାଁରେ ବୋଟ ଯୋଗେ ସ୍ଥାନୀୟ ସରପଞ୍ଚ ରେସ୍ମାରାଣୀ ମଲ୍ଲିକ ଓ ତାଙ୍କ ପ୍ରତିନିଧି ସ୍ୱାମୀ ପ୍ରିୟବ୍ରତ ପାତ୍ର, ଅରୂପ ପରିଡ଼ା, ସତ୍ୟରଞ୍ଜନ ବିଶ୍ୱାଳ, ବିନୋଦ ଜେନା, ଅଜୟ ଶତପଥୀ, ମଞ୍ଜୁଲତା ସାମଲ ପ୍ରମୁଖଙ୍କୁ ନେଇ ବନ୍ୟା ଘେରରେ ଥିବା ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ସହ ସରକାରଙ୍କୁ ଅନୁରୋଧ କରିଛନ୍ତି ଯଥା ଶୀଘ୍ର ରିଲିଫ ସହ ପାନୀୟ ଜଳ, ଯୋଗାଇ ପାଇଁ ।

ସେହିପରି ମାନପୁର ଗ୍ରାମରେ ୧୦୦ ଘରୁ ଉର୍ଦ୍ଧ ବନ୍ୟା ବିପନ୍ନଙ୍କ ପରିବାରକୁ ଭେଟି ଶୁଖିଲା ଖାଦ୍ୟ ପାଣି ଯୋଗାଇ ଦେଇଥିଲେ। ସରପଞ୍ଚ ଶ୍ରୀମତୀ ମଳିକ କହିଛନ୍ତି ପ୍ରଶାସନର ଖୁବ୍ ଶୀଘ୍ର ଲୋକଙ୍କ ସମସ୍ୟା ଧ୍ୟାନ ଦେବା ଆବଶ୍ୟକ ରହିଛି।

## ବନ୍ୟାରେ ଭାସିଯାଉଥିବା ନାବାଳିକା ଉଦ୍ଧାର



ଆଳି,୧।୮(ସଂଚାର ବ୍ୟୁରୋ): ବନ୍ୟା ଜଳରେ ଭାସିଗଲେ ନାବାଳିକା, ଗାଁ ର ଯୁବକ ଙ୍କ ସମେତ ଆଳି ଅଗ୍ନିଶମ ବାହିନୀ ଓ ଫରେଷ୍ଟ କର୍ମଚାରୀ ପହଞ୍ଚି ଉଦ୍ଧାର କଲେ। ଏଭଳି ଅଭାବନୀୟ ଘଟଣା ଘଟିଛି ଆଳି ଥାନା କଳସପୁର ଗ୍ରାମରେ । ଗ୍ରାମର ପ୍ରହଲ୍ଲାଦ ମଳିକଙ୍କ ନାବାଳିକା ଝିଅ ରଞ୍ଜିତା ମଳିକ କାଣୀ ନଦୀର ବନ୍ୟାଜଳରେ ଗାଧୋଉଥିବା ବେଳେ ଭାସିଯାଇ ଥିଲେ। ନାବାଳିକା ଭାସିଯିବା ଦେଖି କଳସପୁର ହରିଜନ ସାହିର ସାହସୀ ୫ ଜଣ ଯୁବକ ଦୀପକ ମଳିକ, ସୁଜିତ ମଳିକ, ଭୋଳା ମଳିକ, ଚନ୍ଦନ ମଳିକ, ପ୍ରଭାକର ମଳିକ ପ୍ରଥମେ ନାବାଳିକାଙ୍କ ପାଖରେ ପହଞ୍ଚି ଗୋଟେ ଗଛ ସାହାଯ୍ୟରେ ଏକ ଘସିଗଦା ଉପରେ ରଖି ପାଟି କରିଥିଲେ। ଖବର ପାଇ କଳସପୁର ପଞ୍ଚାୟତର ସରପଞ୍ଚ ସୁଧୀର ମଲ୍ଲିକଙ୍କ ସମେତ ଗାଁ ଲୋକେ ପହଂଚି ଅଗ୍ନିଶମ ବାହିନୀକୁ ଖବର ଦେବାପରେ ତୁରନ୍ତ ଆଳି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ।

## ଜଳବନ୍ଦୀ ଅଞ୍ଚଳରେ ପହଞ୍ଚିଲେ ବିଧାୟକ ଅରବିନ୍ଦ ମହାପାତ୍ର



### ପହଣାପନ୍ଦିଆ ଓ ନୂଆପଡ଼ାରେ ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

### ପ୍ରଶାସନକୁ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ନିର୍ଦ୍ଦେଶ

ଗରଦପୁର,୧।୮(ସଂଚାର ବ୍ୟୁରୋ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ପାଟକୁରା ନିର୍ବାଚନ ମଣ୍ଡଳୀର ଗରଦପୁର ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ଜଳବନ୍ଦୀ ହୋଇପଡ଼ିଛି । ଏପରି ସ୍ଥିତିରେ ପାଟକୁରା ବିଧାୟକ ଶ୍ରୀ ଅରବିନ୍ଦ ମହାପାତ୍ର ଶନିବାର ଡଙ୍ଗା ଯୋଗେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜଳବନ୍ଦୀ ପରିବାରମାନଙ୍କ ସହ ସାକ୍ଷାତ କରିଥିଲେ।

ପ୍ରଥମେ ସେ ଗରଦପୁର ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ପହଣା ପନ୍ଦିଆ ଗ୍ରାମରେ ପହଞ୍ଚି ସେଠାରେ ଜଳବନ୍ଦୀ ଅବସ୍ଥାରେ ରହୁଥିବା ପରିବାରମାନଙ୍କ ଦୁଃଖଦୁର୍ଦ୍ଦଶା ବୁଝିଥିଲେ। ସେମାନଙ୍କ ପାଇଁ ତୁରନ୍ତ ଶୁଖିଲା ଖାଦ୍ୟର ବନ୍ଦୋବସ୍ତ କରିବା ସହ ପ୍ରଶାସନକୁ ନିୟମିତ ଭାବେ ରନ୍ଧା ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

ପରେ ବିଧାୟକ ବିଚଣା ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମକୁ ଯାଇ ସେଠାରେ ମଧ୍ୟ ଜଳବନ୍ଦୀ ପରିବାରମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇବା ସହ ପ୍ରଶାସନିକ ଅଧିକାରୀମାନଙ୍କୁ ରନ୍ଧା ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଶୀଘ୍ର ପହଞ୍ଚାଇବାକୁ କହିଥିଲେ ।

ବିଧାୟକ କହିଥିଲେ ଯେ ବନ୍ୟା ପ୍ରଭାବିତ କୌଣସି ପରିବାର ସରକାରୀ ସହାୟତାରୁ ବଞ୍ଚିତ ହେବେ ନାହିଁ । ପ୍ରତ୍ୟେକ ଜଳବନ୍ଦୀ ପରିବାରଙ୍କ ନିକଟରେ ଜରୁରୀ ସାମଗ୍ରୀ ଓ ଖାଦ୍ୟ ପହଞ୍ଚାଇବା ପାଇଁ ପ୍ରଶାସନକୁ ତତ୍ପର ରହିବାକୁ ସେ ପରାମର୍ଶ ଦେଇଥିଲେ ।

ଏହି ପରିଦର୍ଶନ ସମୟରେ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବହୁ କର୍ମୀ ଉପସ୍ଥିତ ରହି ବନ୍ୟା ପୀଡ଼ିତଙ୍କୁ ସହାୟତା କାର୍ଯ୍ୟରେ ସହଯୋଗ କରିଥିଲେ ।

## ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ବନ୍ୟାଞ୍ଚଳ ବୁଲି ଦେଖିଲେ ତେଜେଶ୍ୱର ପରିଡ଼ା

ମାର୍ଶାଘାଇ,୧।୮ (ସଂଚାର ବ୍ୟୁରୋ): ଚଳିତ ବନ୍ୟାରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ସର୍ବାଧିକ ପ୍ରଭାବିତ ଲୁଣା- କରାଣ୍ଡିଆ ଦ୍ୱୀପାଞ୍ଚଳର ବିଭିନ୍ନ ବନ୍ୟାକ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି ପାଟକୁରାର ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା। ସେ ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକ ଅନ୍ତର୍ଗତ ଆଇତିପୁର, ଜଳପୋକ, ବଙ୍ଗାଳପୁର, ଇନ୍ଦାଲୋ ଏବଂ ବସୁପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ।



ପରିଦର୍ଶନ ସମୟରେ ସେ କ୍ଷତିଗ୍ରସ୍ତ ପରିବାର ଓ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଜଳପୋକ ପଞ୍ଚାୟତର ଜଳପୋକ, ପକ୍ଷଟ, କଣିବାଙ୍କ, ଶ୍ରୁତିପୁର ଓ ନାନକାର, ଆଇତିପୁର ପଞ୍ଚାୟତର ଡିହ ବଳରାମପୁର, ବାଲିସିଂ ଓ ଆଇତିପୁର, ସେହିପରି ବଙ୍ଗାଳପୁର ପଞ୍ଚାୟତର ସଲାର, ଶିଶୁଆ ଓ ସଠିଲୋ ଆଦି ଗ୍ରାମରେ ସେ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ସହ ପାଣିଘେରରେ ରହିଥିବା ଘର, ରାସ୍ତାଘାଟ ଏବଂ ଜନଜୀବନର ସ୍ଥିତି ପରଖିଥିଲେ। ବନ୍ୟାପୀଡ଼ିତ ଅଞ୍ଚଳରେ ଯଥାଶୀଘ୍ର ରିଲିଫ୍ ଓ ପୁନର୍ବାସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ କ୍ଷତିଗ୍ରସ୍ତ ଚାଷୀ ଓ ସାଧାରଣ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ସେ ଦାବି କରିଥିଲେ।

## ବନ୍ୟାରେ କୁମ୍ଭୀର ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନତା




ଆଳି,୧।୮(ସଂଚାର ବ୍ୟୁରୋ): ଆଳି ବ୍ଲକ ମାନପୁରରେ ବନ ବିଭାଗ ପକ୍ଷରୁ ବନ୍ୟାରେ କୁମ୍ଭୀର ଓ ଜୀବଜନ୍ତୁଙ୍କ ଠାରୁ ସୁରକ୍ଷା ପାଇବା ନିମନ୍ତେ ଏକ ସଚେତନତା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଦୀରେ ବନ୍ୟା ଆସିଥିବାରୁ କୁମ୍ଭୀର ଓ ଜଙ୍ଗଲି ଜୀବଜନ୍ତୁମାନେ ଜନବସତି ମୁହାଁ ହୋଇଥିବାରୁ କିପରି ଲୋକମାନେ ସୁରକ୍ଷିତ ରହିବେ ଏ ନେଇ ବୁଝାଇବା ସହ ଗାଁ ଗାଁରେ ସଚେତନ କରିଛନ୍ତି ବନ ବିଭାଗର କର୍ମଚାରୀମାନେ। ଏହି ସଚେତନତା କାର୍ଯ୍ୟକ୍ରମରେ ଥିଲେ ଫରେଷ୍ଟର ବିଭୂତି ଭୂଷଣ ତରାଇ, ନିହାର ପରିଡ଼ା, ଲକ୍ଷ୍ମୀପ୍ରିୟା ଖଟୁଆ ସହ ଆଳି ବନ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗ

ମାହାଙ୍ଗା,୧।୮(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଜଣେ ନିଷ୍ପାପ ୪ ବର୍ଷର ଶିଶୁ କନ୍ୟାକୁ ଜଣେ ୨୧ ବର୍ଷର ଏକ ଯୁବକ ଦୁଷ୍କର୍ମ କରିବା ପରେ ଫେରାର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଭଦ୍ରେଶ୍ୱର ଥାନା ଉମର ଅଞ୍ଚଳର ଜଣେ ୪ ବର୍ଷର ଶିଶୁ କନ୍ୟାକୁ ତାଙ୍କ ପଡୋଶୀ ଯୁବକ ଡାକି ନେଇ କୁରକୁରେ ଦେବା ବାହାନରେ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତୁରନ୍ତ ପିଡିତା ଶିଶୁ କନ୍ୟାକୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ମେଡିକାଲକୁ ନେଇ ଚିକିତ୍ସା କରାଇଥିବା ବେଳେ ଶିଶୁ କନ୍ୟାଟି ଗୁରୁତର ଥିବା ଜଣାଯାଇଛି। ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତ କଳ୍ପତରୁ ପଣ୍ଡା (୨୧) ଗିରଫ ଭୟରେ ଫେରାର ହୋଇଯାଇଛି। ପୁଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତଦନ୍ତ ଚାଲୁ ରଖିଛି।

## ଚୋରା ମଦ ଜବତ, ୯ ଗିରଫ



କେନ୍ଦ୍ରାପଡ଼ା,୧।୮(ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, କେନ୍ଦ୍ରାପଡ଼ା ସଦର, ପାଟକୁରା, ମାର୍ଶାଘାଇ, ଡେରାବିଶ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ଗୋପାଳପୁର ଗ୍ରାମର ଚୀନା ମଲ୍ଲିକ(୭୦)ଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀ ମଦ, ଚଣ୍ଡିଆଗଡ଼ି ଗ୍ରାମର କବିତା ମଲ୍ଲିକ(୩୦)ଙ୍କ ନିକଟରୁ ୨୭ ଲିଟର ଚୋରା ବିଦେଶୀ ମଦ, କାନପୁର ଗ୍ରାମର ରତ୍ନାକର ଜେନା(୫୦)ଙ୍କ ନିକଟରୁ ୧୧ ଲିଟର ଚୋରା ବିଦେଶୀ ମଦ, ବ୍ରହ୍ମପୁର ଗ୍ରାମର ମିଟୁନା ଜେନା(୩୨)ଙ୍କ ନିକଟରୁ ୧୩ ଲିଟର ଚୋରା ବିଦେଶୀ ମଦ, ନାନାକାର ଗ୍ରାମର କେଶବ ଚନ୍ଦ୍ର ସ୍ୱାଇଁ (୩୦)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ବାଲିଆ ଭଗବତପୁର ଗ୍ରାମର ଗୁରୁଚରଣ ମଲ୍ଲିକ(୬୨)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ, ବିଷକ ଗ୍ରାମର ପ୍ରେୟାଦୀପ୍ତ ସେଠୀ(୬୦ )ଙ୍କ ନିକଟରୁ ୨୦ ଲିଟର ଚୋରା ବିଦେଶୀ ମଦ, ଆଠବାଟିଆ ଗ୍ରାମର ସନ୍ତୋଷ ବେହେରା(୩୪)ଙ୍କ ନିକଟରୁ ୩୦ ଲିଟର ଚୋରା ବିଦେଶୀ ମଦ ଏବଂ କଜଳା ଗ୍ରାମର କୁନି ଦାସ(୪୫)ଙ୍କ ନିକଟରୁ ୨୫ ଲିଟର ଚୋରା ବିଅର ଜବତ କରାଯାଇଥିଲା । ଏହି ଚଢ଼ାଉରେ ସମୁଦାୟ ୧୯୧ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୯ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ସୁଶ୍ରୀ ଋତୁପ୍ରଭା ସ୍ୱାଇଁଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ସାଂସଦ, ଜିଲ୍ଲାପାଳ ଓ ଏସ୍‌ପି



ପାରାଦ୍ୱୀପ,୧।୮(ସଂଚାର ବ୍ୟୁରୋ): ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ ସହ ଆଶ୍ରୟସ୍ଥଳରେ ରହିଥିବା ଲୋକଙ୍କ ସୁବିଧା-ଅସୁବିଧା ବୁଝିବା ପାଇଁ ଆଜି କୁଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି ଏକ ଉଚ୍ଚସ୍ତରୀୟ ଟିମ୍। ଏହି ଟିମରେ ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଶ୍ରୀମତୀ ଜେ. ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ପ୍ରମୁଖ ସାମିଲ ଥିଲେ। ସେମାନଙ୍କ ସହ ଉପଜିଲ୍ଲାପାଳ, ତହସିଲଦାର ଓ ବିଡିଓ ମଧ୍ୟ ଉପସ୍ଥିତ ଥିଲେ। ଟିମ୍ କୁଜଙ୍ଗ ବ୍ଲକର ସାହାରାଡିଆ, ବରିହାଡିଆ, ଜିଲ୍ଲାନାସି, ଭଣ୍ଡୁଆ ସମେତ ଅନେକ ଗ୍ରାମ ବୁଲି ତଦାରଖ କରିଥିଲେ। ବନ୍ୟା ଆଶ୍ରୟ ସ୍ଥଳରେ ରହିଥିବା ଲୋକଙ୍କ ସହ ଆଲୋଚନା କରି ଖାଦ୍ୟ, ପିଇବା ପାଣି, ଔଷଧ ଓ ଅନ୍ୟାନ୍ୟ ମୌଳିକ ସୁବିଧା ବିଷୟରେ ପଚାରି ବୁଝିଥିଲେ।

ପରିଦର୍ଶନ ସମୟରେ ସାଂସଦ ଶ୍ରୀ ତରାଇ ପ୍ରଶାସନକୁ ତୁରନ୍ତ ତ୍ରାଣ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ଲୋକଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ସେ ଅଧିକାରୀଙ୍କୁ କହିଥିଲେ।

## ବାଲିକଷୋଟି ଘୋଲରୁ ଜଳବନ୍ଦୀ ୧୭ ପରିବାର ଉଦ୍ଧାର

### ରିଲିଫ, ଗୋଖାଦ୍ୟ, ପଲିଥିନ ସହ ଆଲୋକ ପାଇଁ ଜେନେରେଟର ବ୍ୟବସ୍ଥା କରିବାକୁ ଦାବି



ମାର୍ଶାଘାଇ,୧।୮(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ବାଲିକଷୋଟି ଗ୍ରାମର ଘୋଲ ଅଂଚଳର ୧୭ ପରିବାର ୩ଦିନ ହେଲା ଜଳବନ୍ଦୀ ହୋଇ ରହିଥିଲେ। ଶନିବାର ମାର୍ଶାଘାଇ ବ୍ଲକ ପ୍ରଶାସନ ପକ୍ଷରୁ ଯନ୍ତ୍ରଚାଳିତ ଡଙ୍ଗା ଯୋଗେ ଉଦ୍ଧାର କରିଛି ।

ବ୍ଲକ କଲ୍ୟାଣ ସାମ୍ପ୍ରସାରଣ ଅଧିକାରୀ ତଥା ବନ୍ୟା ଜରୁରୀକାଳୀନ ବିଶ୍ୱଜିତ ରଥ, ମଣିକୁଣ୍ଡା ପଂଚାୟତ ନିର୍ବାହୀ ଅଧିକାରୀ ରାମକୃଷ୍ଣ ହାଲଦାର, ଡିଇଓ, ୱାର୍ଡସଭ୍ୟ କୁନା ବସନ୍ତିଆ,ଯୁବନେତା କଳ୍ପତରୁ ରଣା ପ୍ରମୁଖ ଡଙ୍ଗାରେ ଯାଇ ଘୋଲରୁ ୧୫ ଜଣ ଶିଶୁଙ୍କ ସମେତ ବୟସ୍କ ବ୍ୟକ୍ତି ଉଦ୍ଧାର କରି ମାର୍ଶାଘାଇକୁ ଆଣିଥିଲେ । ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରାମର୍ଶ ପରେ କିଛି ଶିଶୁ ମାର୍ଶାଘାଇରେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ଅନ୍ୟମାନେ ବଜାରରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରି ଅପରାହ୍ନରେ ଡଙ୍ଗା ଯୋଗେ ଘରକୁ ଫେରିଥିଲେ।

ଅପରାହ୍ନରେ ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ମହାଭୋଇ, ମାର୍ଶାଘାଇ ରାଜସ୍ୱ ନିରୀକ୍ଷକ ରାଜେଶ ସେଠୀ, ଜରୁରୀକାଳୀନ ଷ୍ଟାଫ ଦିଲ୍ଲୀପ ଖଟୁଆ ପ୍ରମୁଖ ପହଂଚି ସ୍ଥିତି ନିରୀକ୍ଷଣ କରିଥିଲେ । ତହସିଲ କନିଷ୍ଠ ସହାୟକ ସତ୍ୟ ରଞ୍ଜନ ସାମନ୍ତରାୟ,ପ୍ରଶାନ୍ତ ମଲିକ ପ୍ରମୁଖ ସ୍ଥିତି ନିରୀକ୍ଷଣ କରିଥିଲେ । ନଦୀ କୂଳ ଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ପାଣି ଘେରରେ ଜଳବନ୍ଦୀ ହୋଇ ରହିଛୁ, ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଇଛି। ବନ୍ୟା ପାଣିରେ ସାପ ଭଳି ବିଷାକ୍ତ ଜନ୍ତୁ ଭାସି ଆସୁଥିବାରୁ ଭୟ ଲାଗୁଛି । ଆଲୋକୀକରଣ ପାଇଁ ଛୋଟ ଜେନେରେଟର ବ୍ୟବସ୍ଥା ସହିତ ଗୋଖାଦ୍ୟ, ପଲିଥିନ, ପିଇବା ପାଣି ବ୍ୟବସ୍ଥା କରିବାକୁ ଯୁବନେତା କଳ୍ପତରୁ ରଣା, ବୟସ୍କ ବ୍ୟକ୍ତି ଶ୍ୟାମ ବସନ୍ତିଆ, ଗୌରାଙ୍ଗ ବସନ୍ତିଆ, ରବି ବସନ୍ତିଆ ପ୍ରମୁଖ ପ୍ରଶାସନକୁ ନିବେଦନ କରିଛନ୍ତି ।

## କାଣୀନଦୀ ଘାଇ ପରିଦର୍ଶନ କଲେ ସାଂସଦ ରବୀନ୍ଦ୍ର ବେହେରା



ଯାଜପୁର,୧।୮(ସଂଚାର ବ୍ୟୁରୋ):ବୈତରଣୀ ନଦୀର ଶାଖା କାଣୀନଦୀର ପ୍ରଚଣ୍ଡ ସ୍ରୋତରେ ସୃଷ୍ଟି ହୋଇଥିବା ଘାଇ ଦଶରଥପୁର ଅଞ୍ଚଳରେ ବନ୍ୟାର ବିଭୀଷିକାକୁ ଆହୁରି ଗମ୍ଭୀର କରିଦେଇଛି। ଘରଦ୍ୱାର ଜଳମଗ୍ନ, ଚାଷଜମି ଉଜୁଡ଼ିଯାଇଛି ଏବଂ ଅନେକ ପରିବାର ଜଳବନ୍ଦୀ ଅବସ୍ଥାରେ ଜୀବନ ବିତାଉଥିବା ବେଳେ ଶନିବାର ଯାଜପୁର ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ପରିସ୍ଥିତିର ସ୍ଥଳ ପରିଦର୍ଶନ କରିଥିଲେ।

ଘାଇ ସ୍ଥାନରେ ପହଞ୍ଚି ସାଂସଦ ନଦୀର ପ୍ରଖର ସ୍ରୋତ, ଭାଙ୍ଗିଯାଇଥିବା ବନ୍ଧ ଏବଂ ବନ୍ୟାରେ ଅସହାୟ ହୋଇପଡ଼ିଥିବା ଲୋକଙ୍କ ଦୁଃଖଦ ଅବସ୍ଥାକୁ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ବନ୍ୟା ବିପନ୍ନଙ୍କ କଷ୍ଟ କମାଇବା ସରକାରଙ୍କ ପ୍ରଥମ ପ୍ରାଥମିକତା ବୋଲି ସେ ପ୍ରକାଶ କରିଥିଲେ।

ଏହାପରେ ସାଂସଦ ଉପସ୍ଥିତ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ସମୀକ୍ଷା କରି ନିର୍ଦ୍ଦେଶ ଦେଇଥିଲେ ଯେ, କୌଣସି ବନ୍ୟା ବିପନ୍ନ ପରିବାର ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତୁ। ଖାଦ୍ୟ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ଔଷଧ, ଆଶ୍ରୟ, ପଶୁଖାଦ୍ୟ ଓ ଆବଶ୍ୟକ ସମସ୍ତ ରିଲିଫ୍ ସାମଗ୍ରୀ ତୁରନ୍ତ ପହଞ୍ଚାଇବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ସେହିପରି କାଣୀନଦୀରେ ସୃଷ୍ଟି ହୋଇଥିବା ଘାଇକୁ ଯଥାଶୀଘ୍ର ମରାମତି କରି ପରିସ୍ଥିତିକୁ ସ୍ୱାଭାବିକ କରିବା ସହ ବନ୍ୟା ଜଳର ପ୍ରବାହକୁ ନିୟନ୍ତ୍ରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ସମ୍ପୃକ୍ତ ବିଭାଗକୁ କହିଥିଲେ।

## କୋଷାଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେତନଟୀ,୧।୮(ସଂଚାର ବ୍ୟୁରୋ): ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବେତନଟୀ ଶାଖାର କୋଷାଧ୍ୟକ୍ଷ (କ୍ୟାସିୟର) ଅଭିରାମ ପାଣି ଦୀର୍ଘ ଓ ନିଷ୍ଠାପୂର୍ଣ୍ଣ କର୍ମଜୀବନ ସମାପ୍ତ କରି ୩୧ ଜୁଲାଇ ୨୦୨୬ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବେତନଟୀ ଶାଖା ପକ୍ଷରୁ ତାଙ୍କୁ ଏକ ଆନ୍ତରିକ ଓ ସମ୍ମାନଜନକ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶାଖା ପରିଚାଳକ ସ୍ୱସ୍ତିକ ଜେନା, ସହକାରୀ ଶାଖା ପରିଚାଳକ ସାଗରିକା ପଣ୍ଡା, ବେତନଟୀ ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶିକା (ଏମ୍.ଡି.) ମାନସୀ ବେହେରା, ବ୍ୟାଙ୍କ ଆସିଷ୍ଟାଣ୍ଟ ରଜତ ରାଉତ, ବ୍ୟାଙ୍କର ଜମା ସଂଗ୍ରହକାରୀ ଏଜେଣ୍ଟ ଯାମିନୀକାନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀ ପାଣିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



## ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ପଟ୍ଟାମୁଣ୍ଡାଇ,୧।୮(ସଂଚାର ବ୍ୟୁରୋ): ଆଜି ବିଧାୟକ ଗଣେଶ୍ୱର ବେହେରାଙ୍କ ବନ୍ୟାଞ୍ଚଳ ପରିଦର୍ଶନର ତୃତୀୟ ଦିନ ସକାଳେ ୧୧ଟା ସମୟରେ ବିଧାୟକ ଶ୍ରୀ ବେହେରା ଓ ବିଜୁ ଜନତା ଦଳର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନେ ବ୍ରାହ୍ମଣୀ ନଦୀର ବନ୍ୟାପ୍ଲାବିତ ପଟ୍ଟାମୁଣ୍ଡାଇ ବ୍ଲକର ପେଣ୍ଠପାଳ, ଅମୃତମଣୋହି ଓ ଓ୍ୱାଲୁରିଆ ପଞ୍ଚାୟତ ଗସ୍ତକରି ଜଳବନ୍ଦୀ ଥିବା ଲୋକମାନଙ୍କର ସମସ୍ୟା ବିଷୟରେ ଅବଗତ ହେବା ସହିତ ଏହାର ଆଶୁ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିଧାୟକକେନ୍ଦ୍ରାପଡା ଉପଜିଲ୍ଲାପାଳ ଓ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ । ବିଶେଷକରି ବନ୍ୟା ପ୍ଲାବିତ ଅଂଚଳରେ ପାନୀୟ ଜଳର ଘୋର ଅସୁବିଧା ସୃଷ୍ଟି ହୋଇଛି। ଗୃହପାଳିତ ପଶୁମାନେ ବି ବିନା ଖାଦ୍ୟରେ ଦିନ କାଟୁଛନ୍ତି। ବନ୍ୟାଞ୍ଚଳ ମାନଙ୍କରେ କୁମ୍ଭୀର ଭୟ ଥିବାରୁ ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣମାନ କିଣିବାକୁ ବହାରକୁ ଆସୁ ନାହାନ୍ତି। ତେଣୁ ସରକାର ସମସ୍ୟାର ଗମ୍ଭୀରତା ହୃଦବୋଧ କରି ଅବିଳମ୍ବେ ବୋତଲ ପାଣି, ଗୋଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି।

## ଯୋଡ଼ାରେ ବଢ଼ୁଛି ଅପରାଧ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଯୋଡ଼ା,୧।୮(ସଂଚାର ବ୍ୟୁରୋ):ଖଣି ଓ ଶିଳ୍ପ ପାଇଁ ପରିଚିତ ଯୋଡ଼ା ସହର ଏବେ ବଢ଼ୁଥିବା ଅପରାଧିକ ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। କ୍ରମାଗତ ଭାବେ ଘଟୁଥିବା ହତ୍ୟା, ଲୁଟ, ଚୋରି ଓ ଅନ୍ୟାନ୍ୟ ଅପରାଧ ସାଧାରଣ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି କରିଛି। ଫଳରେ ସହରରେ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଦାବି ଜୋର ଧରିଛି।

ସମ୍ପ୍ରତି ଯୋଡ଼ା ଥାନା ଅନ୍ତର୍ଗତ ସୁନାନଦୀର ବଡ଼ ପୁଲିଆ ତଳୁ କୁନ୍ଦୁରନାଳା ବସ୍ତିର ବାସିନ୍ଦା ତଥା ମସଲା ବ୍ୟବସାୟୀ ରାଜନନ୍ଦନ ଚୌଧୁରୀ (୫୮)ଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେ ସକାଳେ ମର୍ଣ୍ଣିଂ ୱାକ୍ ପାଇଁ ଘରୁ



ବାହାରିବା ପରେ ନିଖୋଜ ହୋଇଥିଲେ। ପରେ ପୁଲିସ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

ତଦନ୍ତ କ୍ରମରେ ଏହି ମାମଲାରେ ଚାରିଜଣ ନାବାଳକଙ୍କୁ ଅଟକ ରଖି ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପାଇଁ ଅଦାଲତକୁ ପଠାଯାଇଥିବା ସୂଚନା ମିଳିଛି।

ଅନ୍ୟପଟେ, ବଡ଼ବିଲ ଥାନା ଅଞ୍ଚଳରେ ଲୁହାପଥର ପରିବହନ କରୁଥିବା ଟ୍ରକରୁ ଲୁଟ୍ ଅଭିଯୋଗରେ କିଛି ନାବାଳକଙ୍କୁ ପୁଲିସ ଧରିଥିବା ଘଟଣା ମଧ୍ୟ ସମ୍ପ୍ରତି ଚର୍ଚ୍ଚାରେ ରହିଛି। ଏଭଳି ଘଟଣା ସହରରେ ଅପରାଧୀ ପ୍ରବୃତ୍ତି ବୃଦ୍ଧି ପାଉଥିବା ନେଇ ଚିନ୍ତା ବଢ଼ାଇଛି।

ସେହିପରି, ଯୋଡ଼ା ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ବାଂଶପାଣି ଅଞ୍ଚଳରେ ରାତି ସମୟରେ ଚୋରି, ଛିଡ଼ା ହୋଇଥିବା ଯାନବାହନରୁ ବ୍ୟାଟେରି ଚୋରି ଏବଂ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି।

## ବିରୂପା ଓ ଗେଙ୍ଗୁଟୀ ବନ୍ୟାରେ ବ୍ୟାପକ ଫସଲ ନଷ୍ଟ

ମାହାଙ୍ଗା,୧।୮(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକରେ ପ୍ରବାହିତ ବିରୂପା ଓ ଗେଙ୍ଗୁଟୀ ନଦୀରେ ଜଳପତନ ବୃଦ୍ଧି ପାଉଥିବା ବେଳେ ନଦୀ ପାର୍ଶ୍ୱରେ ଥିବା ଜମିରେ ଏବେ ପାଣି ପଶି ଫସଲ ନଷ୍ଟ ହୋଇଯାଇଛି।

ସୂଚନା ମୁତାବକ ବିରୁପା ନଦୀରେ ଜଗତପୁର ବ୍ୟାରେଜ ଠାରୁ ୨୬ ହଜାର ୪୩୧ କ୍ୟୁସେକ ଜଳ ବିରୂପାକୁ ଛଡାଯାଇଥିବା ବେଳେ ମାହାଙ୍ଗା ବ୍ଲକ ଅଞ୍ଚଳରେ ବିରୂପା ନଦୀରେ ୧୦୫୮୪କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ବଡ ଗେଙ୍ଗୁଟୀ ନଦୀରେ ଜୟପୁର ୧୫୮୪୭ କ୍ୟୁସେକ ପାଣି ପ୍ରବାହିତ ହେଉଛି। ଯାହା ଦ୍ୱାରା ବିରୂପା ଏବଂ ଗେଙ୍ଗୁଟୀ ଜଳ ପତନ ବୃଦ୍ଧି ହେଉଛି। ନଦୀ ବନ୍ଧ ଦୁର୍ବଳ ସ୍ଥାନ ମାନଙ୍କରେ ଜଳସମ୍ପଦ ବାଲିଚନ୍ଦ୍ରପୁର ସେକ୍ସନ ପକ୍ଷରୁ ସହକାରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ସେଠୀ, ମାହାଙ୍ଗା ବିଡିଓ ତିଳୋତମା ପୃଷ୍ଟି, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ, ପ୍ରମୁଖ ଦୁର୍ବଳ ସ୍ଥାନ ଗୁଡିକ ପରିଦର୍ଶନ କରି ବନ୍ୟା ଆସିଲେ ଏହାର ମୁକାବିଲା ନିମନ୍ତେ ପ୍ରଶାସନ ସଜାଗ ରଖିଥିବା ଜଣାଯାଇଛି। ବିରୂପା ଓ ଗେଙ୍ଗୁଟୀ ନଦୀ ପାର୍ଶ୍ୱରେ ଥିବା ପଞ୍ଚାୟତର ବହୁ ଚାଷ ଜମିରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ପନିପରିବା ସହ ଧାନ ତଳି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।



# ସହରୀ ଯନ୍ତ୍ରୀ ଓ ପ୍ଲାନରଙ୍କ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

- ଏମ୍‌ଏସ୍‌ବିୱାଇ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା
- ସମୟସୀମା ଓ ଗୁଣବତ୍ତା ବଜାୟ ରଖିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଓଡ଼ିଶା ଅର୍ବାନ୍ ଏକାଡେମୀଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ୨୫ଟି ପୌରାଞ୍ଚଳର ପ୍ରାୟ ୬୦ ଜଣ ସିଟି ଇଞ୍ଜିନିୟର, ଟାଉନ୍ ପ୍ଲାନର ଏବଂ କନ୍‌ସଲଟାଣ୍ଟଙ୍କ ପାଇଁ ଏକ ଦୁଇଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ସହରୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଯୋଜନା, କାର୍ଯ୍ୟାନ୍ୱୟନ ଓ ଅନୁଧ୍ୟାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା, ବୈଷୟିକ ଦକ୍ଷତା ବୃଦ୍ଧି ଏବଂ ଜ୍ଞାନର ଆଦାନପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ପ୍ରକଳ୍ପ ଯୋଜନା, ଇଞ୍ଜିନିୟରିଂର ଶ୍ରେଷ୍ଠ କାର୍ଯ୍ୟପନ୍ଥା, ଗୁଣବତ୍ତା ନିଶ୍ଚିତକରଣ, ଚୁକ୍ତିନାମା ପରିଚାଳନା, ପ୍ରକଳ୍ପ ଅନୁଧ୍ୟାନ ଓ ସମୟସୀମା ମଧ୍ୟରେ ସହରୀ ଭିତ୍ତିଭୂମି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସମ୍ପର୍କରେ ବୈଷୟିକ ଆଲୋଚନାକୁ ରଖାଯାଇଛି। ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଦକ୍ଷ କାର୍ଯ୍ୟାନ୍ୱୟନ ପାଇଁ ବୈଷୟିକ ଅଧିକାରୀମାନଙ୍କୁ ଆବଶ୍ୟକ ଜ୍ଞାନ ଓ ବ୍ୟାବହାରିକ ଦକ୍ଷତା ପ୍ରଦାନ କରିବା ସହ ପୌରାଞ୍ଚଳଗୁଡ଼ିକ ମଧ୍ୟରେ ଉତ୍ତମ ସହଯୋଗ ଓ ଅଭିଜ୍ଞତା ଆଦାନପ୍ରଦାନକୁ ଏହା ପ୍ରୋତ୍ସାହିତ କରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏମ୍‌ଏସ୍‌ବିୱାଇ ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୫ଟି ପୌରାଞ୍ଚଳର ଅଧିକାରୀ ପ୍ରକଳ୍ପଗୁଡ଼ିକର କାର୍ଯ୍ୟର ଭୌତିକ ଓ ଆର୍ଥିକ ଅଗ୍ରଗତି, ସଫଳତା, କାର୍ଯ୍ୟକାରୀ କରିବାରେ ଆସୁଥିବା ଆହ୍ୱାନ ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ସମୟସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରି ଶ୍ରୀମତୀ ପାଢ଼ୀ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାଗୁଡ଼ିକୁ ଦୂର କରିବା, ପ୍ରକଳ୍ପ ଅନୁଧ୍ୟାନକୁ କଡ଼ାକଡ଼ି କରିବା, ଆନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରିବା ଏବଂ ଗୁଣାତ୍ମକ ମାନ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ କ୍ଷେତ୍ରସ୍ତରୀୟ ସମସ୍ୟାଗୁଡ଼ିକର ସମୟବଦ୍ଧ ସମାଧାନ କରିବାକୁ ସେ ପୌରାଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ମଧ୍ୟ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତାକାଲି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୫ଟି ପୌରାଞ୍ଚଳର ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିବେ।

### ତିନିଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

## କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆସନ୍ତା ୩ରୁ ୫ ତାରିଖ ଯାଏଁ ରହିବ ରାଷ୍ଟ୍ରପତିଙ୍କ ଏହି ଓଡ଼ିଶା ଗସ୍ତ। ଏହି ଗସ୍ତ ଅବସରରେ ଭୁବନେଶ୍ୱର ଓ କଟକରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩ ତାରିଖରେ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ୪ ତାରିଖରେ ମହାମହିମ ଭୁବନେଶ୍ୱର ରେଳ ଷ୍ଟେସନରୁ ଟ୍ରେନ୍ ଯୋଗେ ବ୍ରହ୍ମପୁର ଗସ୍ତ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ଏୟାରପୋର୍ଟଠାରୁ ରେଲୱେ ଷ୍ଟେସନ ଓ ରୁଟ୍ ପର୍ଯ୍ୟନ୍ତ ସବୁଠି ରହିବ କଡ଼ା ସୁରକ୍ଷା। ରୁଟ୍ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଡିସିପି ର୍‍ୟାଙ୍କର ଅଧିକାରୀଙ୍କ ସହ ଏସ୍‌ପି ଓ ଏସିପି ର୍‍ୟାଙ୍କର ଅଧିକାରୀମାନେ ନିୟୋଜିତ ରହିବେ। ସୁରକ୍ଷା ବ୍ୟବସ୍ଥାର ସମସ୍ତ ଦିଗକୁ ନିଜେ ନଜରରେ ରଖିବେ ପୁଲିସ କମିଶନର ଏସ. ଦେବଦତ୍ତ ସିଂ। ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ଏହାକୁ ନେଇ ଭୁବନେଶ୍ୱର ରେଳ ଷ୍ଟେସନରେ ଆଜି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୁଲିସ କମିଶନର ଶ୍ରୀ ସିଂ। ତାଙ୍କ ସହ ଡିସିପି, ଡିସିପି ମୁଖ୍ୟାଳୟ, ରେଳ ଷ୍ଟେସନ ଡାଇରେକ୍ଟରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ରାଷ୍ଟ୍ରପତିଙ୍କ କଟକ ଗସ୍ତ

## ଆଜି ମଧ୍ୟରାତିରୁ ଭାରୀଯାନ ଚଳାଚଳ ବନ୍ଦ



କଟକ,୧।୮(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ତାରିଖରେ ବାଙ୍କୀ ବାଆଁରାସ୍ଥିତ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରୀ ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଆଞ୍ଚଳିକ ସଡକ ପରିବହନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ ୨ ତାରିଖ ରାତି ୧୨ଟାରୁ ୩ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ବାରଙ୍ଗ, ବାରଙ୍ଗ ଅଫିସ ଛକ, ତ୍ରିଶୂଳିଆ, ଗୋଡ଼ିସାହି, ଭାରତ ମସଲା ଛକ, ସିଆଇଏସଏଫ୍ ମୁଣ୍ଡୁଳି, ରାମଚଣ୍ଡୀ (ବାଆଁରା), ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ରାସ୍ତାରେ ବାଲି, ଚିପ୍ସ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଭାରୀ ଯାନ, ଯଥା ଟ୍ରକ୍, ଟିପର, ହାଇୱା ଓ ଟ୍ରାକ୍ଟର ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷିତ ଗସ୍ତ, ସାଧାରଣ ଲୋକଙ୍କ ସୁବିଧା ଓ ଯାତାୟାତର ସୁପରିଚାଳନାକୁ ଦୃଷ୍ଟିରେ ରଖି ଏହି କଟକଣା ଲାଗୁ କରାଯାଇଛି।

## ବିଜେଡିର ନାରୀ ଅଧିକାର ଅଭିଯାନ ସମାବେଶ



କଟକ,୩୧।୭ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ଏକ ବିଶାଳ ମହିଳା ସମାବେଶ ମଙ୍ଗଳାବାଗ ଥୋରିଆ ସାହିସ୍ଥିତ ମୋହନ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂଙ୍କ ପୌରହିତ୍ୟରେ ଚୌଦ୍ୱାର-କଟକ ମହିଳା ସଭାନେତ୍ରୀ ମିତାଲି ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସମ୍ମାନୀତ ଅତିଥିଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ସିଏମସି ଡେପୁଟି-ମେୟର ଦମୟନ୍ତୀ ମାଝୀ, ଚୌଦ୍ୱାର ପୌରପାଳିକା ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ପୂର୍ବତନ ଡେପୁଟି-ମେୟର ସରୋଜିନୀ ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ଅନିତା ବେହେରା, ନଗର ସଭାପତି ସ୍ୱଦେଶ ଦାସ, ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜାନକୀ ପରିଡ଼ା ପ୍ରମୁଖ ଯୋଗଦେଇ ମହିଳାଙ୍କୁ ୩୩ ପ୍ରତିଶତ ସିଟ୍ ସଂରକ୍ଷଣ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳତା ନେଇ ବର୍ଷିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ସୁମିତ ମିତ୍ର ଓ ଚିରଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ କର୍ପୋରେଟର ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ।

### ସୁଦୃଢ଼ ସମବାୟ, ସମୃଦ୍ଧ କୃଷକ

## କେନ୍ଦ୍ର ଅତିରିକ୍ତ ସଚିବଙ୍କ 'ଶ୍ରୀ ଜଗନ୍ନାଥ ଏଫ୍‌ଏସ୍‌ସିଏସ୍' ଓ ଢେଙ୍କାନାଳ 'ଗେଙ୍ଗୁଟିଆ ପ୍ୟାକ୍ସ ଗସ୍ତ



ଭୁବନେଶ୍ୱର/କଟକ/ଢେଙ୍କାନାଳ,୧।୮(ସଂଚାର ବ୍ୟୁରୋ): ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକୁ ଶକ୍ତିଶାଳୀ କରିବା ଓ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପଙ୍କଜ କୁମାର ବଂଶଲ ଓଡ଼ିଶାର କଟକ ଓ ଢେଙ୍କାନାଳ ଜିଲ୍ଲାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗସ୍ତ କରି ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ଅତିରିକ୍ତ ସଚିବ ଶ୍ରୀ ବଂଶଲ ଓଡ଼ିଶାର ସମବାୟ ସମିତି ସମୂହ ନିବନ୍ଧକ (ଆର୍‌ସିଏସ୍) ମନୀଷ ଅଗ୍ରୱାଲଙ୍କ ସହ କଟକସ୍ଥିତ 'ଶ୍ରୀ ଜଗନ୍ନାଥ ଏଫ୍‌ଏସ୍‌ସିଏସ୍' ଗସ୍ତ କରିଥିଲେ। ଏଫ୍‌ଏସ୍‌ସିଏସ୍‌ର ସାଧାରଣ କାର୍ଯ୍ୟକାରିତା, ଋଣ ପ୍ରଦାନ ଯୋଜନା, ବ୍ୟାବସାୟିକ ବିବିଧକରଣ ଓ ଆଗାମୀ ଦିନରେ ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଭବିଷ୍ୟତର ରଣନୀତି ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଗସ୍ତ ସମୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଓଏସ୍‌ସିବିର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ରୁଦ୍ର ପ୍ରସାଦ ଦାସ, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ ରାଉତ, ଡିଆର୍‌ସିଏସ୍ କଟକ ସୁପ୍ରିୟା ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଶ୍ରୀ ବଂଶଲ ଢେଙ୍କାନାଳ ଜିଲ୍ଲାସ୍ଥିତ 'ଗେଙ୍ଗୁଟିଆ ପ୍ୟାକ୍ସ' ଗସ୍ତ କରି ସମିତି ଦ୍ୱାରା ପରିଚାଳିତ ବହୁମୁଖୀ ବ୍ୟାବସାୟିକ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ଏହି ଅବସରରେ ଓଡ଼ିଶାର ଆର୍‌ସିଏସ୍ ମନୀଷ ଅଗ୍ରୱାଲ, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ ରାଉତ, ଏନ୍‌ସିଡିସିର ଆଞ୍ଚଳିକ ନିର୍ଦ୍ଦେଶକ ଅଭିଜିତ କୁଲକର୍ଣ୍ଣି, ଡିଆର୍‌ସିଏସ୍ (ଢେଙ୍କାନାଳ) ଉମା ଶଙ୍କର ଦାସ, ଏଆର୍‌ସିଏସ୍ (ଢେଙ୍କାନାଳ) ଅନନ୍ୟା ଶର୍ମା ଓ ପ୍ୟାକ୍ସ ସଭାପତି ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବିଡିଏରେ ୧୫୨ତମ ବୈଠକ

## ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପକୁ ମଞ୍ଜୁରୀ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୨ତମ କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ ବିଡିଏର ବହୁ ପ୍ରତୀକ୍ଷିତ 'ଏକାମ୍ର ରେସିଡେନ୍ସି' ଆବାସିକ ପ୍ରକଳ୍ପ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପ ପାଇଁ ପୂର୍ବରୁ 'ଅକ୍ୟୁପାନ୍ସି ସାର୍ଟିଫିକେଟ୍' ମିଳିସାରିଛି ଓ କର୍ତ୍ତୃପକ୍ଷ ଆପାର୍ଟମେଣ୍ଟଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତି ଓ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ଏହି ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଏହି ପ୍ରକଳ୍ପ ରାଜଧାନୀର ଅନେକ ପରିବାର ପାଇଁ ନିଜସ୍ୱ ଘରର ସ୍ୱପ୍ନ ସାକାର କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ କହିଛନ୍ତି। ୭.୩୬ ଏକରବିଶିଷ୍ଟ ଏହି ପ୍ରକଳ୍ପରେ ୩ଟି ଟାୱାର (ବି+ଜି+୧୨ ମହଲା)ରେ ୪୧୬ଟି ଦୁଇ ଶୟନକକ୍ଷ (୨ବିଏଚକେ)ଓ ୨୮୮ଟି (୩ବିଏଚକେ) ତିନି ଶୟନ କକ୍ଷ ବିଶିଷ୍ଟ ଫ୍ଲାଟ ରହିଛି। ଏହାକୁ ବିଶ୍ୱସ୍ତରୀୟ ସୁବିଧା ସହ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଥିରେ ଆରସିସି ଫ୍ରେମ୍‌ଡ ଭୂମିକମ୍ପ-ପ୍ରତିରୋଧୀ ଗଠନ, କମ୍ୟୁନିଟି ହଲ, ସୁଇମିଂ ପୁଲ, ୱାକିଂ ଟ୍ରାକ, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟନେସ ସେଣ୍ଟର, ସୁନ୍ଦର ଲ୍ୟାଣ୍ଡସ୍କେପ୍ ଖୋଲା ଜାଗା, ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ୱାଟର ରିଚାର୍ଜ ସିଷ୍ଟମ, ପାୱାର ବ୍ୟାକଅପ୍, ସିସିଟିଭି ନିରୀକ୍ଷଣ, ଅଗ୍ନି ନିରାପତ୍ତା ସିଷ୍ଟମ ଏବଂ ଅନ୍ୟାନ୍ୟ ସହାୟକ ଭିତ୍ତିଭୂମିର ବ୍ୟବସ୍ଥା ରହିଛି। ଏହା ବିଡିଏର ଉଚ୍ଚମାନର ସହର ଜୀବନଶୈଳୀ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଗୃହ ପ୍ରକଳ୍ପ ବ୍ୟତୀତ କର୍ତ୍ତୃପକ୍ଷ ଅନେକ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିରେ ଏକାମ୍ର କାନନ ଜଙ୍କସନରୁ ହାତିଆଶୁଣି ପର୍ଯ୍ୟନ୍ତ ବାମ ସମାନ୍ତରାଳ ରାସ୍ତା ସହ ଏକ ଛାୟାଯୁକ୍ତ ସାଇକେଲ ଟ୍ରାକ୍ ଓ ପାଦଚଲା ରାସ୍ତା ନିର୍ମାଣ ଅନ୍ତର୍ଭୁକ୍ତ। କରିଡରରେ ବହୁ ପଦଯାତ୍ରୀ ଓ ସାଇକେଲ ଚାଳକ ଯାତାୟାତ କରୁଥିଲେ ମଧ୍ୟ ଛାୟାଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି। ପ୍ରସ୍ତାବିତ ପ୍ରକଳ୍ପଟି ସହରରେ ନିରାପଦ ଓ ସ୍ଥାୟୀ ଅଣ-ମୋଟରଚାଳିତ ପରିବହନକୁ ପ୍ରୋତ୍ସାହିତ କରିବ। ବୈଠକରେ ବିଏମସି ମେୟର ସୁଲୋଚନା ଦାସ, ଜଟଣୀ ପୌରପାଳିକା ଅଧ୍ୟକ୍ଷ ଅନନ୍ତ ବେହେରା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଓ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଉପସ୍ଥିତ ଥିଲେ।

## ଚାଉଳ ବଣ୍ଟନରେ କୌଣସି ସମସ୍ୟା ନାହିଁ: ମନ୍ତ୍ରୀ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ରାଜ୍ୟରେ ସରକାରୀ ଚାଉଳ ବଣ୍ଟନକୁ ନେଇ କୌଣସି ସମସ୍ୟା ନ ଥିବା ସ୍ପଷ୍ଟ କରିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଚାଉଳ ବଣ୍ଟନକୁ ନେଇ ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗ ସମ୍ପର୍କରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି ଯେ ଜୁଲାଇ ମାସରେ ଚାଉଳ ବଣ୍ଟନ କରାଯାଇସାରିଛି ଓ ଏଥିରେ କୌଣସି ଅସୁବିଧା ନାହିଁ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେଇସାରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କର କୌଣସି ପ୍ରକାର ଖାଦ୍ୟ ସଙ୍କଟ ନ ହେବା ପାଇଁ ସମସ୍ତ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଚାଉଳ ମହଜୁଦ ବି ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଅନ୍ନପୂର୍ଣ୍ଣ ଯୋଜନା' କାର୍ଯ୍ୟକାରୀ ହେବା ପରେ ଉପଭୋକ୍ତାଙ୍କ ଘରେ ପର୍ଯ୍ୟାପ୍ତ ପରିମାଣର ଚାଉଳ ଉପଲବ୍ଧ ରହିଛି। ତେଣୁ ଚାଉଳ ଅଭାବକୁ ନେଇ ଚିନ୍ତାର କୌଣସି କାରଣ ନାହିଁ। ବନ୍ୟା ପରିସ୍ଥିତିରେ ରିଲିଫ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଚାଉଳ ସହ ଶୁଖିଲା ଖାଦ୍ୟ ସାମଗ୍ରୀ ମଧ୍ୟ ପହଞ୍ଚାଯାଇଛି। ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ ସତର୍କ ନଜର ରଖିଥିବା ବେଳେ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ସାମଗ୍ରୀ ଯୋଗାଣ ଜାରି ରହିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ରାଜ୍ୟର କୌଣସି ସ୍ଥାନରେ ଚାଉଳ ବଣ୍ଟନରେ ବାଧା ସୃଷ୍ଟି ହୋଇ ନ ଥିବା ବେଳେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ସୁନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

### ସେମିଳିଗୁଡ଼ାରେ ନିଷିଦ୍ଧ ଇଞ୍ଜେକ୍ସନ କାରବାର ଠାବ

## ୪ ଗିରଫ ସହ ୪୫୩ ନିଷିଦ୍ଧ ଇଞ୍ଜେକ୍ସନ୍ ଜବତ



କୋରାପୁଟ, ୧।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଅଞ୍ଚଳରେ ଚାଲିଥିବା ଏକ ବଡ଼ ନିଷିଦ୍ଧ ଇଞ୍ଜେକ୍ସନ କାରବାରର ପର୍ଦ୍ଦାଫାସ କରିଛି ସେମିଳିଗୁଡ଼ା ପୁଲିସ। ଗୁପ୍ତ ସୂଚନା ଆଧାରରେ କରାଯାଇଥିବା ଚଢ଼ାଉରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୪୫୩ଟି ନିଷିଦ୍ଧ ଇଞ୍ଜେକ୍ସନ ଆମ୍ପୁଲ, ଏକ କାର, ୪ଟି ମୋବାଇଲ ଫୋନ୍ ଓ ନଗଦ ୭,୫୦୦ ଟଙ୍କା ଜବତ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ଗେରୁଗୁଡ଼ାସ୍ଥିତ ଭୈରବୀ ମନ୍ଦିର ନିକଟରେ ବେଆଇନ ଭାବେ ପେଣ୍ଟାଜୋସିନ ଓ ଅନ୍ୟାନ୍ୟ ନିଷିଦ୍ଧ ଇଞ୍ଜେକ୍ସନ ବିକ୍ରି ଓ ପରିବହନ ହେଉଥିବା ସମ୍ପର୍କରେ ଖବର ମିଳିଥିଲା। ଏହାପରେ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏକ ସ୍ୱତନ୍ତ୍ର ପୁଲିସ ଦଳ ଘଟଣାସ୍ଥଳରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା। ତଲାସୀ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ୩୦୨ଟି ପେଣ୍ଟାଜୋସିନ ଏବଂ ୧୫୧ଟି ଟ୍ରାମାଡଲ ଇଞ୍ଜେକ୍ସନ ସମେତ ମୋଟ ୪୫୩ଟି ଆମ୍ପୁଲ ଜବତ କରାଯାଇଥିଲା। ଏଥିସହ ଏକ ରିନଲ୍ଟ ଟ୍ରାଇବର କାର, ୪ଟି ମୋବାଇଲ ଫୋନ୍ ଓ ନଗଦ ଅର୍ଥ ମଧ୍ୟ ଜବତ ହୋଇଛି।

ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଏନଡିପିଏସ ଆଇନ ଓ ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ସ ଆକ୍ଟର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ନିଷିଦ୍ଧ ଔଷଧର ବେଆଇନ କାରବାର ବିରୋଧରେ ସେମିଳିଗୁଡ଼ା ପୁଲିସର ଏହି ସଫଳ ଅଭିଯାନକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି। ଏଭଳି ଅସାମାଜିକ କାରବାରକୁ ମୂଳପୋଛ କରିବା ପାଇଁ ଆଗାମୀ ଦିନରେ ମଧ୍ୟ କଡ଼ା ଚଢ଼ାଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ଆଇଟିଇପି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ, ଶୁଭେଚ୍ଛା ଜଣାଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ

## ୪ ବର୍ଷ ମଧ୍ୟରେ ସରିବ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆଜିଠାରୁ ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୭ଟି ବିଶ୍ୱବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟ ଏହିପରି ସର୍ବମୋଟ ୧୫ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆଜି ଆରମ୍ଭ ହୋଇଛି। ଆଜି ଅନୁଷ୍ଠିତ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀରେ ଯୋଗ ଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମକୁ ଆରମ୍ଭ କରାଯାଇଛି। ପୂର୍ବରୁ ସ୍ନାତକ ପରେ ୨ ବର୍ଷ ଅର୍ଥାତ୍ ବିଏଡ୍ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ୫ ବର୍ଷ ସମୟ ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମ ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ ଯୁକ୍ତ ୨ ପରେ ସିଧାସଳଖ ଏହି ପାଠ୍ୟକ୍ରମରେ ନାମ ଲେଖାଇ ନିଜର ଶିକ୍ଷକ ଶିକ୍ଷା ପାଠ୍ୟକ୍ରମକୁ ୪ ବର୍ଷ ମଧ୍ୟରେ ଶେଷ କରିପାରିବେ। ଏନସିଇଟି ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି। ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମରେ ଛାତ୍ରଛାତ୍ରୀମାନେ ଦୁଇଟି ମେଜର ବିଷୟ ସହ ମାଇନର ବିଷୟ ବାଛିପାରିବେ। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ (ଆଭାସୀରେ) ଉଚ୍ଚଶିକ୍ଷା ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ଉପସ୍ଥିତ ଥିଲେ।

## ମହାନଦୀ ପ୍ରସଙ୍ଗରେ ଶସ୍ତା ରାଜନୀତି କରୁଛି ବିଜେଡି: ବିରଞ୍ଚି

### ଆତ୍ମସମୀକ୍ଷା ନ କରି ପ୍ରଶ୍ନ ଉଠାଇବା ହାସ୍ୟାସ୍ପଦ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ମହାନଦୀ ଓଡ଼ିଶାର ଜୀବନରେଖା ହୋଇଥିବା ବେଳେ ଦୀର୍ଘଦିନ ଧରି ଏହି ବିବାଦ ଟ୍ରିବ୍ୟୁନାଲରେ ଥିବା କାରଣରୁ ଏହାର ପାଣିକୁ ରାଜ୍ୟ ସରକାର ସଦୁପଯୋଗ କରିପାରୁନାହାନ୍ତି। ଚାଷ ଜମିକୁ ପାଣି ଓ ପାନୀୟ ଜଳ ଯୋଗାଣ ପର୍ଯ୍ୟନ୍ତ ସବୁପ୍ରକାର କାମ ଅଟକିଯାଇଛି। ମାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସ କାରଣରୁ କେନ୍ଦ୍ରର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ସହ ଛତିଶଗଡ଼ ଓ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ବୈଷୟିକ ଅଧିକାରୀ ଉପସ୍ଥିତ ରହି ଏହି ବିବାଦ ସମାଧାନ ଆଡ଼କୁ ଆଗେଇ ନେଉଛନ୍ତି। ଉଭୟ ରାଜ୍ୟ ସରକାରଙ୍କ ବୈଠକ ପରେ ଆସନ୍ତା ଦିପାବଳୀ ସୁଦ୍ଧା ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ପୋଷଣ କରିଛନ୍ତି। ଏନେଇ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଏକ ବୈଷୟିକ କମିଟି ଗଠନ କରିଛି। ମହାନଦୀ ଜଳ କେଉଁ ଆଧାରରେ ବଣ୍ଟନ ହେବ, ସେନେଇ ସିଆର୍ ପାଟିଲଙ୍କ ଉପସ୍ଥିତିରେ କମିଟି ଆଗରେ ରିପୋର୍ଟ ଉପସ୍ଥାପନ କରାଯିବ। ମହାନଦୀର ଯେଉଁ ଜଳ ଉପରେ ଓଡ଼ିଶାର ଅଧିକାର ଅଛି, ସେଥିରୁ ଯେପରି ରାଜ୍ୟ ବଞ୍ଚିତ ନ ହେବ ସେନେଇ ବିଜେପି ସରକାର ପ୍ରୟାସ ଜାରି ରଖିଛନ୍ତି। ତେବେ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଯେଉଁସବୁ ଅବାନ୍ତର ପ୍ରଶ୍ନ ଉଠାଯାଇଛି, ସେଥିରୁ ସେମାନଙ୍କ ନୈରାଶ୍ୟ ଭାବ ସ୍ପଷ୍ଟ ହୋଇଛି। କେବଳ ମିଡିଆରେ ରହିବା ପାଇଁ ବିଜେଡି ଏପ୍ରକାର ପ୍ରଶ୍ନ କରୁଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ସେ କହିଛନ୍ତି ଯେ ବିଜେଡିର ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସହ ଅନ୍ୟାନ୍ୟ ବିଜେଡି ନେତାମାନେ ଯେଉଁ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ବାସ୍ତବରେ ମହାନଦୀ ଜଳ ବିବାଦର ସ୍ରଷ୍ଟା ବିଜେଡି। ଛତିଶଗଡ଼ ପକ୍ଷରୁ ଯେତେ ବ୍ୟାରେଜ ତିଆରି ହୋଇଛି ସେସବୁ ବିଜେଡି ସରକାର ସମୟରେ ହୋଇଛି। ମାତ୍ର ସେତେବେଳେ ଦିନେ ହେଲେ ତତ୍କାଳୀନ ବିଜେଡି ସରକାର ଅବା ତାଙ୍କ ମନ୍ତ୍ରୀ ଓ ବିଧାୟକମାନେ ପ୍ରଶ୍ନ ଉଠାଇ ନ ଥିଲେ।

## ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧।୮(ସଂଚାର ବ୍ୟୁରୋ): ଅଗଷ୍ଟ ୩ ତାରିଖ ସୋମବାର ଡମପଡା ବ୍ଲକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଜାତମୁଣ୍ଡିଆ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ଣ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ପଞ୍ଚାୟତସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କେନାଲରେ ପାଣି ନାହିଁ, ଚାଷ କାର୍ଯ୍ୟ ବାଧାପ୍ରାପ୍ତ



ଭୁବନେଶ୍ୱର,୧।୮: ଅଧା ଓଡ଼ିଶା ବନ୍ୟାରେ ଉବୁଟୁବୁ ହେଉଥିବା ବେଳେ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାର କେତେକ ଅଞ୍ଚଳରେ ଏବେ ଜଳାଭାବ ଯୋଗୁଁ ଚାଷକାର୍ଯ୍ୟ ଆଗେଇ ପାରୁନାହିଁ। ବିଶେଷକରି କେନାଲ ଜଳ ଉପରେ ନିର୍ଭରଶୀଳ ଜମିଗୁଡ଼ିକରେ ଚାଷକାର୍ଯ୍ୟ ପ୍ରଭାବିତ ହୋଇଛି।

ଲଗାଣ ବର୍ଷା ଛାଡ଼ିଯିବା ପରେ ଏବେ ଚାଷୀମାନେ ତଳି ଓପାଡ଼ିବା, ବିଲ କାଦୁଅ କରିବା, ଧାନରୁଆ ଆଦି ପାଇଁ ପାଣି ଆବଶ୍ୟକ କରୁଛନ୍ତି। ହେଲେ କେନାଲରେ ପାଣି ନ ଥିବାରୁ ସେମାନଙ୍କ ଚାଷକାମ ଅଟକିଗଲାଣି। ପୁରୀ କେନାଲର ଅବବାହିକାରେ ଯେଉଁମାନେ କେନାଲ ପାଣି ଉପରେ ନିର୍ଭରଶୀଳ, ସେଠାରେ ଚାଷକାର୍ଯ୍ୟ ଏକପ୍ରକାର ଅଟକିଗଲାଣି।

ଜିଲ୍ଲାର ବହୁ ତଳିଆ ଅଞ୍ଚଳରେ କିନ୍ତୁ ବନ୍ୟାଜଳ ପ୍ରବେଶ କରିବା ଓ ବନ୍ୟା ସତର୍କତା ଜାରି ହୋଇଥିବାରୁ ପ୍ରଶାସନ ଚାଷ ପାଇଁ ଜଳଯୋଗାଣ କଥାକୁ ଏକପ୍ରକାର ପାଶୋରୀ ଗଲାଣି। ଚଳିତବର୍ଷ ବର୍ଷା ଅଭାବ ଯୋଗୁଁ ଚାଷକାମ ବିଳମ୍ବରେ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ କେନାଲ ଜଳର ଅନିଶ୍ଚିତତା ଯୋଗୁଁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

ଲଗାଣ ବର୍ଷା ଛାଡ଼ିଯିବା ପରେ ଏବେ ଟାଇଁ ଟାଇଁ ଖରାରେ ଅନେକ ସ୍ଥାନରେ ବିଲ ଶୁଖିଲା ପଡିଲାଣି। ଯେଉଁମାନେ ଧାନ ରୋଇବାପାଇଁ ଜମି କାଦୁଅ କରିଥିଲେ ଜଳଭାବ ଯୋଗୁଁ ସେହି ଜମିରେ ଆଉ ତଳି ପୋତିବା ବି ସମ୍ଭବପର ହେଉନାହିଁ। ଯେଉଁଠାରେ ଜମିରେ ଧାନତଳି ରହିଛି ପାଣି ନଥିବାରୁ ତାହାକୁ ମୂଲିଆମାନେ ଓପାଡ଼ିପାରୁନାହାନ୍ତି।

ରାଜ୍ୟର ଅଧିକାଂଶ ନଈରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଚାଷୀମାନଙ୍କୁ ପାଣିଟୋପେ ମିଳୁନଥିବାରୁ ଏହାକୁ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହାଦ୍ୱାରା ଧାନ ଚାଷ ବିଶେଷଭାବେ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏ ପଟେ ଧାନ ତଳି ବଢ଼ିବଢ଼ି ଯାଉଥିବାବେଳେ ଅନ୍ୟପଟେ ଜଳାଭାବରୁ ଜମି କାଦୁଆ ହୋଇପାରୁ ନଥିବାରୁ ଚାଷୀମାନେ ଧାନ ତଳିକୁ ନେଇ କ'ଣ କରିବେ ତାହା ବି ଜାଣିପାରୁନାହାନ୍ତି।

ପୁରୀ କେନାଲରେ ସାଧାରଣତଃ ଜୁଲାଇ ମଧ୍ୟଭାଗରୁ ଜଳଯୋଗାଣ ହୋଇଥାଏ। ଫଳରେ ଚାଷୀମାନେ ଠିକଣା ସମୟରେ ଧାନଚାଷ କାର୍ଯ୍ୟ କରିଥାନ୍ତି। କିନ୍ତୁ ଚଳିତବର୍ଷ କୌଣସି କାରଣରୁ ପ୍ରଶାସନ ଏହି କେନାଲରେ ବର୍ତ୍ତମାନ ସୁଦ୍ଧା ପାଣି ଛାଡ଼ି ନଥିବାରୁ ଏହା ଶାଖା କେନାଲଗୁଡ଼ିକ ଶୁଖିଲା ପଡ଼ିବା ସହ ତଳମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। ପ୍ରବଳ ବର୍ଷରେ ଯେଉଁ ଜମିରେ ଫୁଟେ ଉପରେ ପାଣି ଚାଲୁଥିଲା ବର୍ଷା ଛାଡ଼ିବା ପରେ ପରେ ସେଠାରେ ଆଉ ପାଣି ଟୋପାଏ ମିଳୁନାହିଁ।

ଚାଷୀମାନେ କହୁଛନ୍ତି ଯେ ଯଦି ପ୍ରଶାସନ ତୁରନ୍ତ କେନାଲରେ ଜଳ ଯୋଗାଣ ନ କରନ୍ତି ତେବେ ଜଳ ବିହୁନେ ସୃଷ୍ଟି ନାଶ ଭଳି ଅବସ୍ଥା ଉପୁଜିବ ଓ ବହୁ ଅଞ୍ଚଳରେ ଧାନତଳି ବିଲରେ ବି ଶୁଖିଯିବ। ସମସ୍ତ ପ୍ରସ୍ତୁତି ଓ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଚାଷୀମାନେ ଠିକଣା ସମୟରେ ଚାଷକାର୍ଯ୍ୟ କରିପାରିବେ ନାହିଁ। (ତଥ୍ୟ)

জীবন অমৃত অনুচিন্তা

প্রকৃত ধন-আজি পর্য্যন্ত কেহি পার্থিব ধন সংসাররু নেই আর পারিকু যাই নাহাঁন্তি। যাহা নেইছন্তি তাহা সত কর্ম বা পুণ্যর ফল। এহা হিঁ প্রকৃত ধন যাহা আর পারিরে সহায়ক হোইথাএ।

sanchar.live

# সম্পাদকীয়

SANCHAR
সঞ্চার

৪

রবিবার ২ অগষ্ট ২০২৬, ভুবনেশ্বর

Sunday 2 August 2026, Bhubaneswar

# ପିଓକେ ହିଂସା, ସରକାରଙ୍କ ମୁଣ୍ଡବିନ୍ଧା

ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଏବେ ହିଂସା ନିଆଁରେ ଜଳୁଛି। ଅଗଷ୍ଟ ୧୦ ତାରିଖରେ ପାକ୍ ଅଧିକୃତ କାଶ୍ମୀରରେ ପାକିସ୍ତାନ ୩ଟି ପର୍ଯ୍ୟାୟରେ ୪୫ଟି ନିର୍ବାଚନମଣ୍ଡଳୀରେ ନିର୍ବାଚନ କରାଇବାକୁ ଚାହୁଁଛନ୍ତି। ପିଓକେର ତଥାକଥିତ ୫୩ ଆସନ ବିଶିଷ୍ଟ ବିଧାନସଭାରେ ୪୫ଟି ଆସନ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥାଏ। ବାକି ୮ଟି ଆସନ ମହିଳା, ଟେକ୍ନୋକ୍ରାଟ୍ ତଥା ଧର୍ମଗୁରୁଙ୍କ ପାଇଁ ସଂରକ୍ଷିତ ରଖାଯାଇଥାଏ। ପିଓକେର 'ଯୁଗ୍ମ ଆୱାମୀ ଆକ୍ସନ କମିଟି' ଏହି ନିର୍ବାଚନକୁ ବିରୋଧ କରୁଛି। ନିର୍ବାଚନକୁ ବର୍ଜନ କରିବା ପାଇଁ ଏହା ଶାନ୍ତିପୂର୍ଣ୍ଣ ପ୍ରତିବାଦର ଡାକରା



ଦେଇଛି, ଯେଉଁଥିରେ ହଜାର ହଜାର ସାଧାରଣ ନାଗରିକ ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ବିଡ଼ମ୍ବନାର ବିଷୟ, ପାକିସ୍ତାନ ସରକାର ସାମରିକ ବାହିନୀ ମୁତୟନ କରି ଏକ ବିଶାଳ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଏକ ସାମରିକ କ୍ଷେତ୍ରରେ ପରିଣତ କରିସାରିଲେଣି। ପାକ୍ ସୁରକ୍ଷା ବାହିନୀ ଗୁଳିରେ ଇତିମଧ୍ୟରେ ୯୦ ଜଣ ସାଧାରଣ ଲୋକଙ୍କର ମୃତ୍ୟୁ ଘଟିଛି। ଏଥିରେ ବହୁ ଶିଶୁ ଓ ଗର୍ଭବତୀ ମହିଳା ବି ସାମିଲ୍ ଅଛନ୍ତି। ଆମନେଷ୍ଟି ଇଣ୍ଟରନ୍ୟାସନାଲ ମୃତ୍ୟୁସଂଖ୍ୟା ୧୦୦ରୁ ୧୨୦ ବୋଲି ଦାବି କରିଛି। ଜାତିସଂଘ ତଥା ବିଶ୍ୱ ମାନବାଧିକାର କର୍ମୀମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏସବୁକୁ ନେଇ ପାକ୍ ସରକାରଙ୍କ ମୁଣ୍ଡବିନ୍ଧା ଆରମ୍ଭ ହୋଇଛି କହିଲେ ଭୁଲ ହେବନି। ପାକିସ୍ତାନ ଆଉ କିଛି କୁଆଡୁ ନ ପାଇ ଓଡ଼ିଆରେ କୁହାଯାଉଥିବା 'ଏଣ୍ଡୁଅ ଦଉଡ଼ି ଶିଙ୍ଗୁବୁଦାକୁ' ନ୍ୟାୟରେ ପାକିସ୍ତାନ ତା'ର ଚିରାଚରିତ ଢଙ୍ଗରେ ଭାରତ ଉପରେ ବିଷ ଉଦ୍‌ଗାର କରିଛି ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ 'ଭାରତ ପରି ଶତ୍ରୁ' ବୋଲି ଅଭିହିତ କରିଛି। ଅବଶ୍ୟ ଭାରତ ଏହାର ସମୁଚିତ ଜବାବ ରଖିଛି।

ତେବେ କଥାଟି ଏଇଠି ଶେଷ ହେଉନି। ପାକ୍ ଅଧିକୃତ ଜାମ୍ମୁ-କାଶ୍ମୀରରେ ହିଂସା ପରିପେକ୍ଷୀରେ ଜିଓ ନ୍ୟୁଜ୍‌କୁ ଏକ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ବରିଷ୍ଠ ପରାମର୍ଶଦାତା ରାଣା ସାନାଉଲ୍ଲା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଆଜିର ପରିସ୍ଥିତିକୁ ଖୁବ୍ ସୁହାଉଛି। ରାଣା ସାନାଉଲ୍ଲା କହୁକହୁ କହିଦେଇଛନ୍ତି ଯେ, ଏମାନେ ସେହି ସମାନ ଲୋକ, ଯାହାଙ୍କୁ ଆମେ ଦିନେ 'ମୁଜାହିଦ୍ଦିନ' ଭାବେ ତାଲିମ ଦେଇଥିଲୁ ଏବଂ ଭାରତ ବିରୋଧରେ ଲଢ଼ିବାକୁ ପଠାଉଥିଲୁ; ଆଜି ସେହିମାନେ ଆମ ନିଜ ବେକରେ ଛୁରୀ ହୋଇ ଝୁଲୁଛନ୍ତି।

ରାଣା ସାନାଉଲ୍ଲା ହୁଏତ ଆବେଶରେ ଆସି ଏକଥା କହିପାରିଥାଆନ୍ତି, ମାତ୍ର ତାଙ୍କ ତୁଣ୍ଡ ବାଟଦେଇ ସତ୍ୟ ହିଁ ବାହାରକୁ ଆସିଛି। କିଛି ବର୍ଷ ଧରି ଏହା ଦେଖିବାକୁ ମିଳୁଛି ଯେ, ଏକଦା ପାକିସ୍ତାନ ଦ୍ୱାରା ପୋଷିତ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଏବେ ନିଜ ପାକିସ୍ତାନର ବିରୋଧୀ ପାଲଟି ଯାଇଛନ୍ତି। ପାକିସ୍ତାନର ସାମରିକ ବାହିନୀ ଓ ଗୁପ୍ତଚର ସଂସ୍ଥା (ଆଇଏସଆଇ) ଦଶନ୍ଧି ଦଶନ୍ଧି ଧରି ନିଜର ଆଞ୍ଚଳିକ ସ୍ୱାର୍ଥ ହାସଲ ପାଇଁ (ବିଶେଷ କରି ଭାରତ ଓ ଆଫଗାନିସ୍ତାନ ବିରୋଧରେ) ବିଭିନ୍ନ ଉଗ୍ରବାଦୀ ଓ ଆତଙ୍କବାଦୀ ଗୋଷ୍ଠୀକୁ ପ୍ରଶ୍ରୟ ଦେବା ସହିତ ସେମାନଙ୍କୁ ତାଲିମ ଓ ଆର୍ଥିକ ସହାୟତା ଦେଇଆସୁଥିଲେ ଓ ସେହି ଗୋଷ୍ଠୀଗୁଡ଼ିକୁ ନିଜର ପ୍ରୋକ୍ସି ଭାବେ ବ୍ୟବହାର କରୁଥିଲା। ମାତ୍ର ଆଜି ସମୟର ଚକ ବୁଲି ଯାଇଛି ଓ ଖୋଦ୍ ପାକିସ୍ତାନ ପାଇଁ ତାହା ବୁମେରାଂ ପାଲଟିଛି। ଏକଦା ପାକିସ୍ତାନ ପୋଷିଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଅତ୍ମନିବର୍ଭର ଓ ଶକ୍ତିଶାଳୀ ହୋଇ ପାକିସ୍ତାନ ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛନ୍ତି ଓ ନିଜର କଠୋର ଚିନ୍ତାଧାରା ପାକିସ୍ତାନରେ ଲାଗୁ କରିବାକୁ ଚେଷ୍ଟା କରୁଛନ୍ତି। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛି ତେହେରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି)। ଏକଥା ସମସ୍ତେ ଜାଣନ୍ତି ଯେ, 'ଟିଟିପି' ଓ 'ଆଫଗାନ' ତାଲିବାନ୍‌ର ମୂଳ ଚିନ୍ତାଧାରାରୁ ସୃଷ୍ଟି ହୋଇଥିଲା, ଯାହାକୁ ପାକିସ୍ତାନ ଦୀର୍ଘଦିନ ଧରି ସମର୍ଥନ କରିଆସୁଥିଲା। ମାତ୍ର ଆଜି ଟିଟିପି ପାକ୍ ସେନା, ପୁଲିସ ଓ ସାଧାରଣ ନାଗରିକଙ୍କ ପାଇଁ ସବୁଠାରୁ ବଡ଼ ପ୍ରତ୍ୟକ୍ଷ ବିପଦ ପାଲଟିଛି। ଟିଟିପି ପାକିସ୍ତାନର ପେଶାୱାରସ୍ଥିତ ଆର୍ମି ପବ୍ଲିକ ସ୍କୁଲ ଉପରେ ବର୍ବର ଆକ୍ରମଣ କରି ୧୩୦ରୁ ଉର୍ଦ୍ଧ୍ୱ ସ୍କୁଲ ପିଲାଙ୍କୁ ହତ୍ୟା କରିବାକୁ ପଛାଇନାହିଁ।

୨୦୧୧ ରେ ଆମେରିକାର ବୈଦେଶିକ ସଚିବ ଭାବେ ପାକିସ୍ତାନ ଗସ୍ତରେ ଆସିଥିବା ଅବସରରେ ଇସଲାମାବାଦ୍‌ରେ ତତ୍କାଳୀନ ପାକ୍ ବୈଦେଶିକ ମନ୍ତ୍ରୀ ହିନା ରବ୍ବାନୀ ଖାରଙ୍କ ସହ ଆୟୋଜିତ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ହିଲାରୀ କ୍ଲିଣ୍ଟନ୍ ପାକିସ୍ତାନର 'ଭଲ ଆତଙ୍କବାଦୀ' ଓ 'ଖରାପ ଆତଙ୍କବାଦୀ' ନୀତିକୁ କଠୋର ସମାଲୋଚନା କରିଥିଲେ, ତୁମେ ନିଜ ଅଗଣାରେ ସାପ ପୋଷିଲେ ତାହା କେବଳ ପଡ଼ୋଶୀଙ୍କୁ କାମୁଡ଼ିବ ବୋଲି ଆଶା କରିପାରିବ ନାହିଁ ବୋଲି ମଧ୍ୟ ସେ ସରକାରଙ୍କୁ ଚେତାଇ ଦେଇଥିଲେ। ଏକଥା କହିଲେ ଆଜି ଆଦୌ ଅତ୍ୟୁକ୍ତି ହେବନାହିଁ ଯେ ହିଲାରୀଙ୍କ ସେଦିନର ମନ୍ତବ୍ୟ ପାକିସ୍ତାନ ପାଇଁ ଆଜି ସତ ପ୍ରମାଣିତ ହୋଇଛି। ଆତଙ୍କବାଦକୁ ପ୍ରଶ୍ରୟ ଦେବାର ପରିଣାମ ଆଜି ପାକିସ୍ତାନ ନିଜେ ଭୋଗୁଛି।

# ଜଗଜ୍ଜନନୀ ଦିବ୍ୟମାତା ଶ୍ରୀମତୀ ଷୋଡ଼ଶୀବାଳା ଦେବୀ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



'ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ'। ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ। ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ। ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ। କିନ୍ତୁ ଫେରିବା ପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟ ରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ। ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ। ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ। ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସମ୍ପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ। ଦିନକର ଘଟଣା - ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ। ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୁ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ। ଔଷଧ କିଣିବା ପାଇଁ ପଇସା ନାହିଁ। କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ। ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା। କିନ୍ତୁ ବୋହୁର କାନରେ ମାଙ୍କେଡ଼ି ନାହିଁ - ପଚାରିଲେ ଶାଶୁଦେବୀ- 'ବୋହୁମା' କାନର ମାଙ୍କେଡ଼ି କ'ଣ ହେଲା ?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ। ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ - 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ। ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର। ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, - 'ଏଇ ନିଅନ୍ତୁ ମା' ମାଙ୍କେଡି ଦୁଇଟା। ଆପଣମାନେ ଗରିବଙ୍କର ମା'ବାପା। ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି। ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି। ମାସକ ପରେ ଆଜି ମୁକୁଳାଇ ଆଣିପାରିଛି।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି। ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି। ବୋହୁଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ। ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ। ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ। ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ, ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ, ସ୍ୱାମୀଙ୍କର ଇଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି।

ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା - 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ।' ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି। ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା'। ଆଜକୁ ବହୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ। ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ।

**ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,**
**ହେପାଟୋଲୋଜି ବିଭାଗ**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍‌:୯୪୩୭୦୫୧୯୫୭**

# ସମ୍ପର୍କ ବିଶ୍ୱାସର ବଡ଼ ଶକ୍ତି

କିଶୋର ଚନ୍ଦ୍ର ବେହେରା



ମଣିଷ ଜନ୍ମରୁ ପାରିବାରିକ ସମ୍ପର୍କ ପାଇଥାଏ। ଜନ୍ମ ସମୟରେ ପିତା-ମାତା ଏବଂ ଭାଇ-ଭଉଣୀ ପରି ଆମେ ଏହି ସମସ୍ତ ସମ୍ପର୍କ ପାଇଥାଉ। କିନ୍ତୁ ବନ୍ଧୁତା ହେଉଛି ଏକ ସମ୍ପର୍କ ଯାହାକୁ ଆମେ ନିଜେ ବାଛୁ। ବନ୍ଧୁତା ରକ୍ତର ସମ୍ପର୍କ ନୁହେଁ କିନ୍ତୁ ଏହା ଏକ ପବିତ୍ର ସମ୍ପର୍କ, ଯାହା ଅନାବିଳ ପ୍ରେମ, ବିଶ୍ୱାସ ଓ ଭରସାର ପ୍ରତୀକ। ଏଥିରେ ନା ଥାଏ କୌଣସି ବାଛବିଚାର, ନା ବୟସର କଟକଣା। ସେ ଯୁବକ ହେଉ କି ବୃଦ୍ଧ ସମସ୍ତଙ୍କ ପାଖରେ ବନ୍ଧୁତ୍ୱର ମହତ୍ତ୍ୱ ରହିଛି। ଜାତି, ଧର୍ମ, ବର୍ଣ୍ଣ ସର୍ବୋପରେ ଅଟେ ବନ୍ଧୁତ୍ୱର ସଂପର୍କ। ବନ୍ଧୁତ୍ୱ ଏପରି ଏକ ସଂପର୍କ, ଯାହା କୌଣସି ସର୍ତ୍ତରେ ହୋଇ ନ ଥାଏ କେବଳ ହୃଦୟର ସହିତ ଏହି ସଂପର୍କ ଗଢି ଉଠିଥାଏ। ବନ୍ଧୁତା ହେଉଛି ସେହି ସୁନ୍ଦର ଅନୁଭବ ଯାହା ସମୟର ଗତି ସହିତ ଆହୁରି ନୀବିଡ ହୋଇଯାଏ। ପ୍ରକୃତ ବନ୍ଧୁ ହେଉଛନ୍ତି, ଯିଏ ଆମକୁ ଭୁଲ ପଥରେ ଚାଲିବା ଠାରୁ ରକ୍ଷା କରନ୍ତି ଏବଂ ଖରାପ ସମୟରେ ଏକ ଦୃଢ଼ ସ୍ତମ୍ଭ ପରି ଆମ ସହିତ ଠିଆ ହୁଅନ୍ତି। ଭାରତୀୟ ପରମ୍ପରାରେ ବନ୍ଧୁମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ବନ୍ଧୁତା କେବଳ ଆଧୁନିକ ସମାଜରେ ସୀମିତ ନୁହେଁ। ପୂରଣରେ ମଧ୍ୟ ରହିଛି ବନ୍ଧୁତାର ବର୍ଣ୍ଣନା। ସେଥିମଧ୍ୟରୁ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଏବଂ ସୁଦାମା, ଶ୍ରୀକୃଷ୍ଣ-ଦ୍ରୌପଦୀ, ଶ୍ରୀକୃଷ୍ଣ-ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତ୍ୱର ଉତ୍କୃଷ୍ଟ ଉଦାହରଣର ବର୍ଣ୍ଣନା ରହିଛି। ବନ୍ଧୁତ୍ୱର ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର, ଯାହାର କୌଣସି ମୂଲ୍ୟ ଦେବା ସମ୍ଭବ ନୁହେଁ। ମହାଭାରତରେ ବନ୍ଧୁର ବର୍ଣ୍ଣନାରେ କୁହାଯାଇଛି କି ଭଗବାନ ଶ୍ରୀକୃଷ୍ଣ ସଖାଙ୍କ ଅନେକ ରଙ୍ଗ ରୂପ ଥିଲା। ସେ ଲୋକଙ୍କୁ ଭଲ ପାଉଥିଲେ, ତାଙ୍କୁ ରାସ୍ତା ଦେଖାଉଥିଲେ, ଲୋକଙ୍କ ସହ ହସମଜାକ କରୁଥିଲେ। ନିଜ ଆଖପାଖର ଲୋକଙ୍କ ମଧ୍ୟରେ ଭାଇ-ଚାରା ଭାବ ରଖୁଥିଲେ। ବନ୍ଧୁଙ୍କୁ ରକ୍ଷା କରିବା ଓ ତାଙ୍କୁ ଚିତାଇବା ବି ଭଗବାନ କୃଷ୍ଣଙ୍କ ବନ୍ଧୁତ୍ୱର ରୂପ। ବନ୍ଧୁତ୍ୱର ଅନ୍ୟ ଏକ ଦିଗଦର୍ଶନ ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ଅଙ୍ଗଦେଶର ରାଜା କରି ସମାଜରେ ସମ୍ମାନ ଦେଇଥିଲେ ଏବଂ କର୍ଣ୍ଣଜୀବନର ଶେଷ ପର୍ଯ୍ୟନ୍ତ ଏହି ବନ୍ଧୁତାର ମୂଲ୍ୟ ରଖିଥିଲେ ତ୍ୟାଗ ଓ ସମର୍ପଣ ମାଧ୍ୟମରେ। ବନ୍ଧୁ ପାଇଁ ଜୀବନ ଦେବାକୁ ମଧ୍ୟ କର୍ଣ୍ଣ ପଛାଇ ନଥିଲେ। ଏହି ପୌରାଣିକ କଥାଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ସତ କଥା, ବିଶ୍ୱାସ ଓ ସାହାଯ୍ୟ ହିଁ ଏକ ପ୍ରକୃତ ବନ୍ଧୁତାର ମୂଳଦୁଆ ଅଟେ।

ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହୋଇଥିବା କିଛି ନିଚ୍ଛକ ବନ୍ଧୁତ୍ୱର କାହାଣୀ। ଆନନ୍ଦ ଚଳଚ୍ଚିତ୍ରରେ ଯେଉଁଥିରେ ଅମିତାଭ ବଚ୍ଚନ ଓ ରାଜେସ୍ ଖନ୍ନାଙ୍କ ଦୋସ୍ତି ଦେଖିବାକୁ ମିଳିଥିଲା। ସେଥିରେ ରାଜେସ୍ ଖନ୍ନା ମରିବା ଯାଏଁ ବି ଅମିତାଭଙ୍କୁ ଜୀବନର ପ୍ରକୃତ ମର୍ମ କଣ ବୁଝାଇ ଦେଇଯାଇଥିଲେ। ଶୋଲେଚରିତ୍ରରେ ଅମିତାଭ୍ ବଚ୍ଚନ ଓ ଧର୍ମେନ୍ଦ୍ରଙ୍କର ଜବରଦସ୍ତ ଦୋସ୍ତି ଦେଖିବାକୁ ମିଳିଥିଲା। ଆଜି ବି ଅନେକଲୋକ ନିଜ ବନ୍ଧୁତ୍ୱ ସମ୍ପର୍କକୁ ଜୟ ଭୀରୁର ଦୋସ୍ତି ଭଳି ଉଦାହରଣ ସ୍ୱରୂପ ନିଅନ୍ତି। ଯାରାନା ଚଳଚ୍ଚିତ୍ର ଗୀତ 'ତେରେ ଜେସା ୟାର୍' କାହାଁ ଶୁଣିଲେ ଆଜି ବି ଲୋକଙ୍କ ଆଖିରେ ଲୁହ ଜକେଇ ଆସେ, ଦୁଇ ସାଙ୍ଗ କିଭଳି ଦୁହିଁଙ୍କ ଅସୁବିଧାରେ ଦମ୍ଭ ଭଳି ଛିଡା ହେଇପାରନ୍ତି ତାର ଶିକ୍ଷା ଦେଇଥିଲା ଚଳଚ୍ଚିତ୍ର ପ୍ରେମୀଙ୍କୁ। ନବେ ଦଶକର କିଛି ଖାସ୍ କଳାକାରଙ୍କ ଭିତରୁ ଅମିରଖାନ୍ ମଧ୍ୟ ଜଣେ ଜବରଦସ୍ତ ଅଭିନେତା। ତାଙ୍କ ଅଭିନିତ ଜୋ ଜିତା ବହି ସିକନ୍ଦର ଫିଲ୍ମ ସେ ସମୟରେ ଅନେକ ଚର୍ଚ୍ଚା ସାଉଁଟି ଥିଲା। ଛାତ୍ର ସମୟରେ ସାଙ୍ଗ ମାନେ କେତେ ନିଜର ଥାଆନ୍ତି ଓ ପ୍ରତିଟି ସମୟରେ ସେମାନେ ସାଙ୍ଗ ପାଇଁ ଯେକୌଣସି ଅସୁବିଧାର ସମ୍ମୁଖୀନ କରିପାରନ୍ତି ତାର ଉଦାହରଣ ଏହି ଚଳଚିତ୍ରରେ ଦିଆଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବନ୍ଧୁତା ଏବଂ ସମ୍ପର୍କର ପରିଭାଷା



ଅତି ଗଭୀର। ଯେଉଁଠି ପରଦା ପଛର ସହଯୋଗ, ସହ-କଳାକାରଙ୍କ ମଧ୍ୟରେ ଅନ୍ତରଙ୍ଗତା ଏବଂ ପ୍ରାଣବନ୍ଧୁଙ୍କ କାହାଣୀ ସିନେମାକୁ ଜୀବନ୍ତ କରିଥାଏ। ନୀତାଇ ପାଲିତଙ୍କ ସମୟରୁ ଆରମ୍ଭ କରି ଆଜିର ଆଧୁନିକ ଓଲିଉଡ୍ ସିନେମା ପର୍ଯ୍ୟନ୍ତ ବନ୍ଧୁତ୍ୱ ଏକ ପ୍ରମୁଖ ଭାବନା ଭାବେ ରହିଆସିଛି।ସମୟ ଚକ୍ରରେ ସଂସାର ରଥ ଚଳଚ୍ଚିତ୍ରରେ ବିଜୟ ମହାନ୍ତି ଓ ପ୍ରଦ୍ୟୁମ୍ନ ଲେଙ୍କାଙ୍କ ନିଖୁଣ ଅଭିନୟ ସମସ୍ତ ଚଳଚ୍ଚିତ୍ର ପ୍ରେମୀଙ୍କୁ ଆକର୍ଷିତ କରିଥିଲା। ବସନ୍ତ ନାୟକଙ୍କ ପ୍ରଯୋଜିତ ଏ ଯୁଗର କୃଷ୍ଣ ସୁଦାମା ଚଳଚ୍ଚିତ୍ରରେ ମିଥୁନ ଚକ୍ରବର୍ତ୍ତୀ ଓ ଉତ୍ତମ ମହାନ୍ତିଙ୍କ ଯୋଡ଼ି ଓଡ଼ିଶା ବାସୀଙ୍କ ନିକଟତର ହୋଇପାରିଥିଲା।

ଜୀବନରେ ଦୀର୍ଘସ୍ଥାୟୀ ବନ୍ଧୁତ୍ୱ ଶ୍ରେଷ୍ଠ ଆଶୀର୍ବାଦଠାରୁ କୌଣସି ଗୁଣରେ କମ୍ ନୁହେଁ। ବନ୍ଧୁତ୍ୱ ହିଁ ଜୀବନକୁ ସୁନ୍ଦର ଓ ସୁଖମୟ କରେ। ଅସୁବିଧାରେ ପଡ଼ିଲେ ଆଗ ଖୋଜାପଡ଼େ ବନ୍ଧୁ। ଇତିହାସରେ ଏମିତି ଅନେକ ବନ୍ଧୁତ୍ୱର ନିଦର୍ଶନ ରହିଛି। ସମୟ, ବୟସ ଓ ସୀମା ସରହଦ ଡେଇଁ ଗଢ଼ି ଉଠିଥିବା କିଛି ବନ୍ଧୁତ୍ୱର କାହାଣୀର ସ୍ଥାୟିତ୍ୱ କଥା ସହଜରେ ବିଶ୍ୱାସ କରିହୁଏ ନାହିଁ। ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ ଓ ମହମ୍ମଦ ଅଲୀ ଜିନ୍ନାଙ୍କ ବନ୍ଧୁତ୍ୱକୁ ଭାରତର ସବୁଠୁ ଚିତ୍ତାକର୍ଷକ ଐତିହାସିକ ବନ୍ଧୁତ୍ୱ କୁହାଯାଏ। ଲକ୍ଷ୍ୟ ଗୋଟିଏ ରହିଲେ ବନ୍ଧୁତ୍ୱ ଜାତିଧର୍ମ ବାଛବିଚାର କରେ ନାହିଁ। ଏ ଦୁହିଁଙ୍କ କ୍ଷେତ୍ରରେ ସାଧାରଣ ଲକ୍ଷ୍ୟ ଥିଲା ଭାରତରୁ ବ୍ରିଟିସ୍ ଶାସନ ହଟାଇ ସ୍ୱ-ଶାସନ ଚଳାଇବା। ଘନିଷ୍ଠ ବନ୍ଧୁତା କଥା ଉଠିଲେ ମନକୁ ଆସେ ରତନ ଟାଟା ଓ ଶାନ୍ତନୁ ନାଇଡୁଙ୍କ ମଧ୍ୟରେ ଗଢ଼ି ଉଠିଥିବା ଅସମ୍ଭାବ୍ୟ ବନ୍ଧୁତାର କଥା। କୁକୁର ପ୍ରୀତି ହିଁ ଥିଲା ସେମାନଙ୍କ ବନ୍ଧୁତ୍ୱର ଆଧାର। ସେମାନଙ୍କ ବନ୍ଧୁତ୍ୱ ସଙ୍ଗୀତ ଦୁନିଆରେ ଚହଳ ପକାଇଲା। ଦୁଇ ଭିନ୍ନ ସଙ୍ଗୀତ ଶୈଳୀ ସମ୍ମିଶ୍ରଣରୁ ଯେଉଁ ସବୁ ଶ୍ରେଷ୍ଠ ସଙ୍ଗୀତ ସୃଷ୍ଟି ହେଲା ତାହା ଆଜି ମଧ୍ୟ ଲୋକପ୍ରିୟ ହୋଇ ରହିଛି। ଭାରତ ଇତିହାସରେ ଶ୍ରେଷ୍ଠ ବନ୍ଧୁତ୍ୱ ପ୍ରସଙ୍ଗ ଆସିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ବିଶିଷ୍ଟ ଲେଖିକା ଓ ସଂପାଦକ ପୁପୁଲ ଜୟକରଙ୍କୁ ଏଡ଼ାଇ ହେବନାହିଁ। ଉଭୟଙ୍କ ପିଲାଦିନ ଆହ୍ଲାବାଦରେ ଅତିବାହିତ ହୋଇଥିଲା ଏବଂ ସେମାନଙ୍କ ବନ୍ଧୁତ୍ୱ ଥିଲା ଖୁବ୍ ନିବିଡ଼। ପରସ୍ପର ସହ ସମୟ ବିତାଇବାରୁ ସେମାନେ ପାଉଥିଲେ ଅପାର ଆନନ୍ଦ।

ମଣିଷ ଜୀବନ ବନ୍ଧୁ ବିନା ରଙ୍ଗହୀନ। ବନ୍ଧୁତା ଆକାଶ ପରି ଅସୀମ, ସାଗର ପରି ଗଭୀର। ପ୍ରକୃତ ବନ୍ଧୁ ସୁଖଦୁଃଖର ସାଥୀ। ତୁମ ଖୁସିରେ ଯିଏ ଖୁସି ହୁଏ, ଦୁଃଖରେ ଦୁଃଖୀ ହୁଏ ସିଏ ପ୍ରକୃତ ବନ୍ଧୁ। ବନ୍ଧୁତାର ସମ୍ପର୍କ ଯେ କୌଣସି ସମ୍ପର୍କ ଠାରୁ ମଧ୍ୟ ଶକ୍ତିଶାଳୀ। ଈଶ୍ୱର ଯାହାକୁ ରକ୍ତ ସମ୍ପର୍କରେ ବାନ୍ଧିବାକୁ ଭୁଲିଯାଆନ୍ତି, ତାକୁ ବନ୍ଧୁତାର ନିବିଡ଼ ବନ୍ଧନରେ ବାନ୍ଧି ଦିଅନ୍ତି। ବନ୍ଧୁତାରେ ଜାତିଅଜାତି, ଧନୀ ଗରିବର ଭେଦଭାବ ନଥାଏ। ଏହି ସମ୍ପର୍କରେ ସବୁ ନିର୍ମଳ ଆଉ ପବିତ୍ର। ହେଲେ ଯୁଗ ବଦଳିବା ସଙ୍ଗେସଙ୍ଗେ ବନ୍ଧୁତାର ପରିଭାଷା ବଦଳିଛି। ଫେସବୁକ, ଇନଷ୍ଟାଗ୍ରାମ୍, ପରି ସାମାଜିକ ଗଣମାଧ୍ୟମରେ ହେଉଛି ଆଧୁନିକ ବନ୍ଧୁତା।ଡିଜିଟାଲ ବନ୍ଧୁ ହେଉଛି ଆଜିର ଡିଜିଟାଲ ଯୁଗରେ ଜଣେ ସାଥୀ କିମ୍ବା ମାର୍ଗଦର୍ଶକ, ଯିଏ ଆପଣଙ୍କୁ ମୋବାଇଲ, କମ୍ପ୍ୟୁଟର ଏବଂ ଅନଲାଇନ୍ ସେବାଗୁଡ଼ିକର ସଠିକ୍ ଓ ସୁରକ୍ଷିତ ବ୍ୟବହାର କରିବାରେ ସାହାଯ୍ୟ କରେ। ତେବେ ଏଇଠି କହି ରଖୁଛୁ, ଫେସବୁକ ସମେତ ଅନ୍ୟ ସୋସିଆଲ ମିଡ଼ିଆ ମାଧ୍ୟମରେ ହେଉଥିବା ବନ୍ଧୁତ୍ୱରେ ଥାଏ ଅନେକ ବିପଦ। କୌଣସି ବି ଅଜଣା, ଅଚିହ୍ନା ବ୍ୟକ୍ତି ସହ ବନ୍ଧୁତା କରିବାକୁ ଯାଉଥିଲେ, ହଜାରେ ଥର ଚିନ୍ତା କରନ୍ତୁ। କାରଣ ଭବିଷ୍ୟତରେ ସାମାଜିକ ଗଣମାଧ୍ୟମର ବନ୍ଧୁ ଆପଣଙ୍କ ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିପାରନ୍ତି। ଆପଣଙ୍କ ଆଗକୁ ଯାଇ ସ୍ୱାର୍ଥପର ହୋଇ ଧୋକାବାଜ କରପାରନ୍ତି। ଆପଣଙ୍କ ବ୍ୟକ୍ତିଗତ ଫଟୋ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ଅପପ୍ରଚାର କରିପାରନ୍ତି। ଆଉ ଏହାର ଅନେକ ନଜିର ମଧ୍ୟ ରହିଛି। ଏଥିପାଇଁ ବନ୍ଧୁତା କରିବା ପୂର୍ବରୁ ସାମାଜିକ ଗଣମାଧ୍ୟମର ବନ୍ଧୁକୁ ଭଲଭାବେ ବୁଝିନିଅନ୍ତୁ ଓ ଜାଣିନିଅନ୍ତୁ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ, ମୋବାଇଲ୍‌: ୯୪୩୭୯୫୫୫୬୮

# ଭିକ୍ଷା ନୁହେଁ, ଜୀବିକା ହିଁ ସମ୍ମାନର ପଥ

ମନମୋହନ ମିଶ୍ର



"ଜଣେ ମଣିଷକୁ ଗୋଟିଏ ଦିନ ପାଇଁ ଖାଦ୍ୟ ଦେଲେ ସେ ଦିନଟି ବଞ୍ଚିବ, କିନ୍ତୁ ତାକୁ ରୋଜଗାରର ସୁଯୋଗ ଦେଲେ ସେ ସାରା ଜୀବନ ସମ୍ମାନର ସହ ବଞ୍ଚିପାରିବ।" ଏହି ବାର୍ତ୍ତା ଆଜିର ସମାଜ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ। ଭିକ୍ଷାବୃତ୍ତି କେବଳ ଦାରିଦ୍ର୍ୟର ପ୍ରତୀକ ନୁହେଁ, ଏହା ସାମାଜିକ ବୈଷମ୍ୟ, ବେକାରି, ଅସୁସ୍ଥତା ଓ ସୁଯୋଗର ଅଭାବର ଏକ କଠୋର ବାସ୍ତବତା। ଏକ ସଭ୍ୟ ସମାଜର ଦାୟିତ୍ୱ ହେଉଛି ଭିକ୍ଷା ଦେଇ ସାମୟିକ ସହାନୁଭୂତି ଦେଖାଇବା ନୁହେଁ, ବରଂ ଲୋକଙ୍କୁ ସ୍ୱାବଲମ୍ବୀ କରି ସମ୍ମାନର ସହ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା।

ମଣିଷ ଜନ୍ମରୁ ଭିକାରୀ ନୁହେଁ। ପ୍ରତ୍ୟେକ ମଣିଷର ଇଚ୍ଛା ରହିଥାଏ ନିଜ ପରିଶ୍ରମରେ ପରିବାର ପ୍ରତିପୋଷଣ କରିବା ଓ ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବା। କିନ୍ତୁ ଦାରିଦ୍ର୍ୟ, ଶିକ୍ଷାର ଅଭାବ, ବେକାରି, ଶାରୀରିକ ଅକ୍ଷମତା, କୁଷ୍ଠ, ଲିମ୍ଫାଟିକ ଫିଲେରିଆ (ହାତୀଗୋଡ଼), ମାନସିକ ଅସୁସ୍ଥତା, ବୃଦ୍ଧାବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ପରିବାରର ଅବହେଳା ଅନେକ ଲୋକଙ୍କୁ ଭିକ୍ଷାବୃତ୍ତି ଆଡ଼କୁ ଠେଲି ଦେଇଥାଏ। ସେହିପରି ଭିକ୍ଷାବୃତ୍ତିକୁ କେବଳ ବ୍ୟକ୍ତିଗତ ଦୁର୍ବଳତା ଭାବେ ନୁହେଁ, ବରଂ ସାମାଜିକ ଓ ଆର୍ଥିକ ବ୍ୟବସ୍ଥାର ଏକ ଚ୍ୟାଲେଞ୍ଜ ଭାବେ ଦେଖିବା ଆବଶ୍ୟକ।

ଆଜି ମଧ୍ୟ ଆମେ ମନ୍ଦିର, ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ, ବଜାର ଓ ସହରର ବିଭିନ୍ନ ସ୍ଥାନରେ ଭିକ୍ଷା ମାଗୁଥିବା ଲୋକଙ୍କୁ ଦେଖୁଛୁ। ସେମାନଙ୍କ ମଧ୍ୟରେ ଅନେକ କୁଷ୍ଠ ଓ ଲିମ୍ଫାଟିକ ଫିଲେରିଆ ପ୍ରଭାବିତ ବ୍ୟକ୍ତି, ଦିବ୍ୟାଙ୍ଗ, ବୃଦ୍ଧ ଓ ନିରାଶ୍ରୟ ଲୋକ ଅଛନ୍ତି। ସେମାନଙ୍କୁ କିଛି ଟଙ୍କା ଦେବା ଆମର ମାନବିକତାର ପରିଚୟ ହୋଇପାରେ, କିନ୍ତୁ ଏହା ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ପ୍ରକୃତ ସମାଧାନ ହେଉଛି ସେମାନଙ୍କୁ ଜୀବିକାର ସୁଯୋଗ, ଦକ୍ଷତା ବିକାଶ ଓ ସାମାଜିକ ପୁନର୍ବାସ ସହ ଯୋଡ଼ିବା। ଜୀବିକା କେବଳ ଆୟର ମାଧ୍ୟମ ନୁହେଁ; ଏହା ମଣିଷର ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ସାମାଜିକ ପରିଚୟର ଆଧାର। ଯେତେବେଳେ ଜଣେ ବ୍ୟକ୍ତି ନିଜ ପରିଶ୍ରମରେ ରୋଜଗାର କରନ୍ତି, ସେ କେବଳ ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଧାରନ୍ତି ନୁହେଁ, ସମାଜରେ ମଧ୍ୟ ସମ୍ମାନର ସହ ବଞ୍ଚିବାର ଅଧିକାର ପାଆନ୍ତି। ସ୍ୱାବଲମ୍ବନ ହେଉଛି ଦାରିଦ୍ର୍ୟ ଦୂରୀକରଣର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ଏପରି ଅନେକ ଉଦାହରଣ ରହିଛି, ଯେଉଁଠାରେ କୁଷ୍ଠ ଓ ଲିମ୍ଫାଟିକ ଫିଲେରିଆ ପ୍ରଭାବିତ ବ୍ୟକ୍ତିମାନେ ଛତୁ ଚାଷ, ଛେଳି ପାଳନ, କୁକୁଡ଼ା ପାଳନ, ମାଛ ଚାଷ, ପନିପରିବା ଚାଷ, ଗ୍ରୋସରୀ ଦୋକାନ, ସିଲେଇ, କାଗଜ ବ୍ୟାଗ ତିଆରି, ଅଗରବତୀ ଉତ୍ପାଦନ ଓ ଅନ୍ୟାନ୍ୟ କ୍ଷୁଦ୍ର ଉଦ୍ୟମ ମାଧ୍ୟମରେ ସ୍ୱାବଲମ୍ବୀ ହୋଇଛନ୍ତି। ସଠିକ୍ ପ୍ରଶିକ୍ଷଣ, ସ୍ୱଳ୍ପ ପୁଞ୍ଜି, ବଜାର ସଂଯୋଗ ଓ ନିୟମିତ ପରାମର୍ଶ ସେମାନଙ୍କ ଜୀବନରେ ନୂଆ ଆଶା ସୃଷ୍ଟି କରିଛି। ଆଜି ସେମାନଙ୍କ ସନ୍ତାନମାନେ ବିଦ୍ୟାଳୟକୁ ଯାଉଛନ୍ତି, ପରିବାରର ଜୀବନମାନ ସୁଧୁରୁଛି ଏବଂ ସମାଜ ସେମାନଙ୍କୁ ନୂଆ ଦୃଷ୍ଟିରେ ଦେଖୁଛି। ଭିକ୍ଷାବୃତ୍ତି ଦୂର କରିବା ପାଇଁ କେବଳ ଆର୍ଥିକ ସହାୟତା ଯଥେଷ୍ଟ ନୁହେଁ। ସରକାର ଓ ସମାଜକୁ ମିଳିତ ଭାବେ ପୁନର୍ବାସ ଯୋଜନା କାର୍ଯ୍ୟକରୀ କରିବାକୁ ପଡ଼ିବ। ଦକ୍ଷତା ବିକାଶ ପ୍ରଶିକ୍ଷଣ, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ସହ ସଂଯୋଗ,



ବଜାର ବ୍ୟବସ୍ଥା, ନିଶୁଳ୍କ ଚିକିତ୍ସା, ସାମାଜିକ ସୁରକ୍ଷା ଓ ମାନସିକ ପରାମର୍ଶ ଭଳି ବ୍ୟବସ୍ଥା ଏକାସାଙ୍ଗରେ ହେଲେ ହିଁ ଏହାର ସ୍ଥାୟୀ ସମାଧାନ ସମ୍ଭବ।

ସରକାରଙ୍କ ପକ୍ଷରୁ ଅନେକ କଲ୍ୟାଣକାରୀ ଯୋଜନା ରହିଛି, ଯାହା ଭିକ୍ଷାବୃତ୍ତିରୁ ମୁକ୍ତି ପାଇବାରେ ସହାୟକ ହୋଇପାରେ। ଯଥା-ଓଡ଼ିଶା ଜୀବିକା ମିଶନ, ଦୀନଦୟାଳ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ମଧୁବାବୁ ପେନସନ ଯୋଜନା, ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ୟୁଡିଆଇଡି କାର୍ଡ, ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଏବଂ ଲିମ୍ଫାଟିକ ଫିଲେରିଆ ନିରାକରଣ କାର୍ଯ୍ୟକ୍ରମ। ଦୁର୍ଭାଗ୍ୟବଶତଃ ସଚେତନତାର ଅଭାବ, ତଥ୍ୟର ଅଭାବ ଓ ପ୍ରଶାସନିକ ଜଟିଳତା ଯୋଗୁଁ ଅନେକ ଯୋଗ୍ୟ ବ୍ୟକ୍ତି ଏହି ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି।

ସମାଜର ମାନସିକତା ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ। ଆଜି ମଧ୍ୟ ଅନେକ ଲୋକ କୁଷ୍ଠ ଓ ହାତୀଗୋଡ଼ ପ୍ରଭାବିତ ବ୍ୟକ୍ତିଙ୍କୁ ଘୃଣା ଓ ଭୟର ଚକ୍ଷୁରେ ଦେଖନ୍ତି। ଏହି ସାମାଜିକ କୁସଂସ୍କାର ସେମାନଙ୍କୁ ରୋଜଗାର ଓ ସମ୍ମାନରୁ ବଞ୍ଚିତ କରେ। ଯଦି ଆମେ ସେମାନଙ୍କ ତିଆରି କରିଥିବା ଉତ୍ପାଦ କିଣିବା, ସେମାନଙ୍କୁ ନିଯୁକ୍ତିର ସୁଯୋଗ ଦେବା ଓ ସମାନ ମର୍ଯ୍ୟାଦାର ସହ ଗ୍ରହଣ କରିବା, ତେବେ ସେମାନେ ନିଶ୍ଚିତ ଭାବରେ ସମାଜର ମୁଖ୍ୟ ସ୍ରୋତକୁ ଫେରିପାରିବେ।

ଭିକ୍ଷାବୃତ୍ତି ଦୂର କରିବାରେ ଯୁବପିଢ଼ିର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିର ଯୁବକମାନେ ଡିଜିଟାଲ ମାର୍କେଟିଂ, ଇ-କମର୍ସ, କୌଶଳ ବିକାଶ, ସ୍ୱେଚ୍ଛାସେବା ଓ ସାମାଜିକ ଉଦ୍ୟମିତା ମାଧ୍ୟମରେ ବଞ୍ଚିତ ଲୋକଙ୍କୁ ରୋଜଗାର ସହ ଯୋଡ଼ିପାରିବେ। କଲେଜ, ସ୍ୱେଚ୍ଛାସେବୀ ସଂଗଠନ, ଶିଳ୍ପ ପ୍ରତିଷ୍ଠାନ ଓ କର୍ପୋରେଟ ସଂସ୍ଥାମାନେ ସେମାନଙ୍କ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଏହି କ୍ଷେତ୍ରରେ ବୃହତ୍ ଅବଦାନ ରଖିପାରିବେ।

ଆମେ ଏହା ମଧ୍ୟ ବୁଝିବା ଆବଶ୍ୟକ ଯେ ଭିକ୍ଷା ଦେବା ଅପେକ୍ଷା ଜୀବିକାର ସୁଯୋଗ ସୃଷ୍ଟି କରିବା ଅଧିକ ମାନବିକ କାର୍ଯ୍ୟ। ଭିକ୍ଷା ଜଣେ ଲୋକର ଦିନକର ଆବଶ୍ୟକତା ପୂରଣ କରିପାରେ, କିନ୍ତୁ ଜୀବିକା ତାଙ୍କ ଜୀବନର ଭବିଷ୍ୟତ ବଦଳାଇ ଦେଇଥାଏ। ଜଣେ ସ୍ୱାବଲମ୍ବୀ ବ୍ୟକ୍ତି କେବଳ ନିଜେ ନୁହେଁ, ତାଙ୍କ ପରିବାର ଓ ସମାଜକୁ ମଧ୍ୟ ଆଗକୁ ନେଇଥାନ୍ତି।

ଶେଷରେ କହିବାକୁ ଗଲେ, ଏକ ପ୍ରଗତିଶୀଳ ସମାଜର ପରିଚୟ ତାହାର ଉଚ୍ଚ ଅଟ୍ଟାଳିକା କିମ୍ବା ଆର୍ଥିକ ଅଭିବୃଦ୍ଧିରେ ନୁହେଁ; ବରଂ ସେହି ସମାଜ କେତେ ସମ୍ମାନର ସହ ଦୁର୍ବଳ, ଦରିଦ୍ର ଓ ପ୍ରାନ୍ତିକ ଲୋକଙ୍କୁ ସ୍ୱାବଲମ୍ବୀ କରିପାରୁଛି, ତାହାରେ ନିର୍ଭର କରେ। ଆସନ୍ତୁ, ଆମେ ସମସ୍ତେ ମିଶି ଏପରି ଏକ ସମାଜ ଗଢ଼ିବା, ଯେଉଁଠାରେ କାହାର ହାତ ଭିକ୍ଷା ପାଇଁ ନୁହେଁ, ବରଂ ପରିଶ୍ରମ, ସୃଜନଶୀଳତା ଓ ସ୍ୱାବଲମ୍ବନର ପ୍ରତୀକ ହୋଇ ଉଠିବ। ଆମର ସଙ୍କଳ୍ପ ହେଉ-"ଭିକ୍ଷା ନୁହେଁ, ଜୀବିକା ହିଁ ସମ୍ମାନର ପଥ।"

**ସମାଜସେବୀ, ମୋବାଇଲ:୮୦୯୩୪୬୯୭୬୪**

# ପୁଣି ଆକ୍ରମଣ ପାଇଁ ଆମେରିକାର ପ୍ରସ୍ତୁତି





ୱାଶିଂଟନ,୧।୮ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ପୁଣି ଥରେ ଆକ୍ରମଣ ପାଇଁ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟରେ ଆମେରିକୀୟ ଅଧିକାରୀଙ୍କ ସୂଚନା ଆଧାରରେ କୁହାଯାଇଛି ଯେ, ଏହି ଆକ୍ରମଣ ଚଳିତ ସପ୍ତାହାନ୍ତ ସୁଦ୍ଧା କରାଯାଇପାରେ। ରିପୋର୍ଟ ଅନୁଯାୟୀ, ଏହି ସାମରିକ କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଇରାନ ଉପରେ ଯଥେଷ୍ଟ ଚାପ ପକାଇବା ଯାହା ଦ୍ୱାରା ତେହେରାନ ଆମେରିକାର ସର୍ତ୍ତ ଅନୁଯାୟୀ ଆଲୋଚନା କରିବାକୁ ରାଜି ହେବ। ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ଇରାନ ସହିତ ଚାଲିଥିବା କୂଟନୈତିକ ପ୍ରୟାସ ଉପରେ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜୋର୍ଡାନରେ ଆମେରିକୀୟ ସେନା ଘାଟି ଉପରେ ଆକ୍ରମଣ ପରେ ଇରାନ ଉପରେ ଆକ୍ରମଣ ଜାରି ରହିଛି। ଆମେ ସେମାନଙ୍କ ଉପରେ ଜୋରଦାର୍ ଆକ୍ରମଣ କରିବୁ। ଏପରି ଏକ ସମୟ ଆସିବ ଯେତେବେଳେ ସେମାନେ କହିବେ ଯେ, ଆମେ ଆଉ ସହ୍ୟ କରିପାରିବୁ ନାହିଁ। ମେରିଲ୍ୟାଣ୍ଡର କ୍ୟାମ୍ପ ଡେଭିଡରେ ଏକ କ୍ୟାବିନେଟ ବୈଠକ ସମୟରେ ଟ୍ରମ୍ପ ଏପରି କହିଛନ୍ତି। ଅପରପକ୍ଷରେ ଇରାନୀ ନେତୃତ୍ୱ କହିଛନ୍ତି ଯେ, ଆମେରିକୀୟ ଅଧିକାରୀମାନେ ପୂର୍ବ ପ୍ରତିଶ୍ରୁତି ପାଳନ କରିନାହାନ୍ତି ଏବଂ ତେଣୁ ସେମାନଙ୍କୁ ବିଶ୍ୱାସ କରାଯାଇପାରିବ ନାହିଁ।

କଲମ୍ବିଆ ବ୍ରଡକାଷ୍ଟିଂ ସିଷ୍ଟମ(ସିବିଏସ୍) ରିପୋର୍ଟରେ ଦାବି କରାଯାଇଛି ଯେ, ଆମେରିକା ଇରାନର ଶକ୍ତି ଭିତ୍ତିଭୂମି, ଯେପରିକି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଏବଂ ପେଟ୍ରୋଲିୟମ୍ ରିଫାଇନାରୀ ଉପରେ ଆକ୍ରମଣ କରିବାର ବିକଳ୍ପ ଉପରେ ମଧ୍ୟ ବିଚାର କରୁଛି। ତେବେ ମାନବାଧିକାର ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକ କହିଛନ୍ତି ଯେ, ଜାଣିଶୁଣି ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ଯୁଦ୍ଧ ଅପରାଧ ଭାବରେ ବିବେଚନା କରାଯାଇପାରେ। ସିବିଏସ୍ ରିପୋର୍ଟ ପରେ ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲୁଟିଆଇ) ଅଶୋଧିତ ତୈଳର ଦର ପ୍ରତି ବ୍ୟାରେଲ ୮୬ ଆମେରିକୀୟ ଡଲାରରୁ ଅଧିକ ହୋଇଛି। ଏହା ବିଶ୍ୱ ଶକ୍ତି ବଜାରରେ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ ରିପୋର୍ଟର ପ୍ରତିକ୍ରିୟା ଦେଇ କହିଛନ୍ତି,ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଆଲୋଚନା ଟେବୁଲକୁ ନ ଆସେ, ତେବେ ବହୁ ମୂଲ୍ୟ ଦେବାକୁ ପଡିବ।। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଟ୍ରମ୍ପ ବାରମ୍ବାର ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ କିନ୍ତୁ ପରେ ୟୁଟର୍ଣ୍ଣ ନେଉଥିଲେ। ଇରାନ ଯୁଦ୍ଧ ଯୋଗୁଁ ଆମେରିକାର ସାମରିକ ଅସ୍ତ୍ରାଗାର, ବିଶେଷକରି ସାମରିକ ଘାଟିଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟରଗୁଡ଼ିକର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି।

## ୭ ବଡ଼ ତୈଳ କ୍ଷେତ୍ର ଉଡ଼ାଇଦେବୁ: ଇରାନ

ତେହରାନ, ୧।୮ଃ ଯଦି ଆମ ଉପରେ ପୁଣି ଆକ୍ରମଣ କରାଯାଏ, ତେବେ ଆମେ ଇସ୍ରାଏଲରେ ଥିବା ଆମେରିକୀୟ ଶକ୍ତି ସମ୍ପତ୍ତି, ସମଗ୍ର ଆରବ ଅଞ୍ଚଳ ଏବଂ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବୁ ବୋଲି ତେହରାନ ଚେତାବନୀ ଦେଇଛି।

ଇରାନୀ ଗଣମାଧ୍ୟମ ଏବଂ ସାମରିକ ସୂତ୍ର ଅନୁଯାୟୀ, ଆରବ ଦେଶ ଏବଂ ଇସ୍ରାଏଲରେ ଅବସ୍ଥିତ ବିଶ୍ୱର ସର୍ବବୃହତ ତୈଳ ଏବଂ ଗ୍ୟାସ୍ ସୁବିଧାଗୁଡ଼ିକ ଇରାନର ଗାଇଡେଡ୍ ମିସାଇଲର ସିଧାସଳଖ ପରିସର ମଧ୍ୟରେ ଅଛି। ଇରାନ ଯେଉଁ ସାତଟି ପ୍ରମୁଖ ଶକ୍ତି ପ୍ରତିଷ୍ଠାନକୁ ଧ୍ୱଂସ କରିବାକୁ ଧମକ ଦେଇଛି ସେଗୁଡ଼ିକ ମଧ୍ୟରେ ଏହା ସାଉଦି ଆରବର ତୈଳ ଉତ୍ପାଦନର ମେରୁଦଣ୍ଡ କୁହାଯାଉଥିବା ଘାଭର ତୈଳ କ୍ଷେତ୍ର ରହିଛି। ସେଠାରେ ଆକ୍ରମଣ ଦ୍ୱାରା ବିଶ୍ୱର ତୈଳ ଯୋଗାଣର ୫ ପ୍ରତିଶତରୁ ଅଧିକ ବାଧାପ୍ରାପ୍ତ ହେବ। ଏହା ସହିତ ସାଉଦି ଆରବର ବିଶ୍ୱର ସର୍ବବୃହତ ତୈଳ ସ୍ଥିରୀକରଣ ପ୍ଲାଣ୍ଟ ଅବକାଇକ୍ ଏବଂ ଖୁରାଇସ୍ର ନାମ ମଧ୍ୟ ଇରାନ ତାଲିକାରେ ରହିଛି। ଏହାର ଉତ୍ପାଦନ କ୍ଷମତା ପ୍ରତିଦିନ ୭ ନିୟୁତ ବ୍ୟାରେଲରୁ ଅଧିକ ରହିଛି।

## ରୁଷ ସେନାରେ ଆଜି ବି ଅଛନ୍ତି ଦୁଇ ଡଜନ୍ ଭାରତୀୟ



ନୂଆଦିଲ୍ଲୀ, ୧।୮ଃ ରୁଷ ସେନାରେ ଏବେ ବି ପ୍ରାୟ ୨୪ ଜଣ ଭାରତୀୟ ନାଗରିକ କାର୍ଯ୍ୟରତ ଅଛନ୍ତି ଏବଂ ସେମାନଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ କ୍ରମାଗତ ଉଦ୍ୟମ ଜାରି ରହିଛି ବୋଲି ଭାରତ ସରକାର ଶୁକ୍ରବାର ଦିନ ସୂଚନା ଦେଇଛନ୍ତି। ରୁଷ ସୈନ୍ୟବାହିନୀରେ ରୋଷେୟା ଓ ସହାୟକ ଭାବେ କାର୍ଯ୍ୟ କରୁଥିବା ସମସ୍ତ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ମସ୍କୋ ଉପରେ କ୍ରମାଗତ ଚାପ ସୃଷ୍ଟି କରାଯାଉଛି। ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୈସୱାଲ ଏକ ନିୟମିତ ଗଣମାଧ୍ୟମ ସମ୍ମିଳନୀରେ ଜଣାଇଛନ୍ତି ଯେ, ସରକାରଙ୍କ କୂଟନୈତିକ ପ୍ରଚେଷ୍ଟା ବଳରେ ଏପର୍ଯ୍ୟନ୍ତ ୧୩୯ ଜଣ ଭାରତୀୟ ନାଗରିକଙ୍କୁ ରୁଷ ସେନାରୁ ମୁକ୍ତ କରାଯାଇ ସାରିଛି। ଏହାସହ ଅସାଧୁ ଏଜେଣ୍ଟ କିମ୍ବା ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା ବିପଜ୍ଜନକ ବିଦେଶୀ ଚାକିରି ପ୍ରଲୋଭନରୁ ଦୂରେଇ ରହିବାକୁ ସେ ସାଧାରଣ ନାଗରିକଙ୍କୁ ପୁନର୍ବାର ସଚେତନ କରିଛନ୍ତି।

ଅନ୍ୟପକ୍ଷରେ, ଟ୍ରାଭେଲ୍ ଏଜେଣ୍ଟଙ୍କ ଦ୍ୱାରା ପ୍ରତାରିତ ହୋଇ ରୁଷ ସେନାରେ ଯୋଗଦେଇ ମୃତ୍ୟୁବରଣ କରିଥିବା, ନିଖୋଜ ଥିବା କିମ୍ବା ଆହତ ହୋଇଥିବା ଭାରତୀୟଙ୍କ ପରିବାରବର୍ଗଙ୍କ ସହ ସମନ୍ୱୟ ରକ୍ଷା କରିବା ପାଇଁ ବୈଦେଶିକ ମନ୍ତ୍ରଣାଳୟରେ ଜଣେ ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମୃତଦେହ ଫେରାଇ ଆଣିବା, କ୍ଷତିପୂରଣ ପ୍ରଦାନ ଏବଂ ପ୍ରଭାବିତ ପରିବାର ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ଦାବି କରି ଦାଖଲ ହୋଇଥିବା ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୟୁକ୍ରେନ୍ ଯୁଦ୍ଧଫ୍ରଣ୍ଟରେ ରୁଷ ସେନା ପକ୍ଷରୁ ଲଢୁଥିବା ବେଳେ ଏପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିସାରିଛି।

## ଏସଟିଏଫ୍ ହେପାଜତରେ ହମିମ୍ ମଣ୍ଡଳଙ୍କ ପ୍ରେମିକା



କୋଲକାତା, ୧।୮ଃ ସନ୍ଦିଗ୍ଧ ଆତଙ୍କବାଦୀ କାର୍ଯ୍ୟକଳାପରେ ହମିମ୍ ମଣ୍ଡଳଙ୍କୁ ଗିରଫ କରିବା ପରେ, ପଶ୍ଚିମବଙ୍ଗ ସ୍ପେଶାଲ୍ ଟାସ୍କ ଫୋର୍ସ (ଏସଟିଏଫ୍)ଏବେ ଝାଡ଼ଖଣ୍ଡର ସାହିବଗଞ୍ଜରୁ ତାଙ୍କ ଅଭିଯୁକ୍ତ ପ୍ରେମିକା ଅର୍ପିତା ସରକାରଙ୍କୁ ଗିରଫ କରିଛି। ତଦନ୍ତ ପରେ ତାଙ୍କୁ ବର୍ଦ୍ଧମାନକୁ ଅଣାଯାଇଛି। କୋର୍ଟରେ ହାଜର କରାଯିବ ବୋଲି କୁହାଯାଉଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନୁଯାୟୀ, ହମିମ୍ ଏବଂ ଅର୍ପିତାଙ୍କ ମଧ୍ୟରେ ହ୍ୱାଟସଆପ୍ ବାର୍ତ୍ତାଳାପର ପ୍ରମାଣ ମିଳିଛି। ଏସଟିଏଫ୍ ସନ୍ଦେହ କରୁଛି, ଅର୍ପିତାଙ୍କୁ ପ୍ରଭାବଶାଳୀ ବ୍ୟକ୍ତି ଏବଂ ରାଜନେତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଏବଂ ସେମାନଙ୍କ ବ୍ୟକ୍ତିଗତ ଏବଂ ଦୈନନ୍ଦିନ କାର୍ଯ୍ୟକଳାପ ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ବ୍ୟବହାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ହମିମ୍ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଗତିବିଧି ଏବଂ ତାଙ୍କ କନଭୟ ଯାଉଥିବା ରାସ୍ତାଗୁଡ଼ିକ ଉପରେ ନଜର ରଖିଥିଲେ। ତଦନ୍ତକାରୀମାନେ ଦାବି କରିଛନ୍ତି, ପ୍ରଥମେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଉଥିଲା, ଏବଂ ତା'ପରେ ସେମାନଙ୍କର ବ୍ୟକ୍ତିଗତ ସୂଚନା ଏବଂ କାର୍ଯ୍ୟପନ୍ଥା ବିବରଣୀ ସଂଗ୍ରହ କରାଯାଉଥିଲା। ଏହି ସୂଚନା ହମିମ୍‌ଙ୍କୁ ଦିଆଯାଉଥିଲା ବୋଲି ସନ୍ଦେହ କରାଯାଉଛି।

### କେରଳରେ ବର୍ଷା ଓ ଭୂସ୍ଖଳନ

## ଜଣେ ମହିଳା ସମେତ ୩ ମୃତ



ଥିରୁଅନନ୍ତପୁରମ୍, ୧।୦୮ଃ କେରଳରେ ମୌସୁମୀ ଭୟଙ୍କର ରୂପ ଦେଖାଇବା ଆରମ୍ଭ କରିଛି। ଗତ କିଛି ଦିନ ଧରି ପ୍ରବଳ ବର୍ଷା ରାଜ୍ୟର ଅନେକ ସ୍ଥାନରେ ସଙ୍କଟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁ କେନ୍ଦ୍ରୀୟ କେରଳର ଅନେକ ଜିଲ୍ଲାରେ ବନ୍ୟା ଏବଂ ଭୂସ୍ଖଳନର ଘଟଣା ଦେଖିବାକୁ ମିଳୁଛି। ଏହାଯୋଗୁଁ ଏପର୍ଯ୍ୟନ୍ତ ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି। ପରିସ୍ଥିତି ଖରାପ ହେଉଥିବା ଦେଖି ପ୍ରଶାସନ ପକ୍ଷରୁ ଅନେକ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଇଡୁକ୍କି ଜିଲ୍ଲାରେ ଶନିବାର ଭୋର୍ ସମୟରେ ଆଦୁରମାଲା ଅଞ୍ଚଳରେ ଭୂସ୍ଖଳନ ଏକ ସୁଖୀ ପରିବାରକୁ ଉଜାଡ଼ି ଦେଇଛି। ପାହାଡ଼ରୁ ଭୂସ୍ଖଳନ ମାଟି ପଡ଼ିବା ଫଳରେ ସୁମତି ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଅନୁଯାୟୀ, ସେମାନଙ୍କ ଘର ଉପରେ ମାଟି ଧସି ପଡ଼ିଥିଲା। ସ୍ଥାନୀୟ ଲୋକ ଏବଂ ଉଦ୍ଧାରକାରୀ ଦଳଙ୍କ ତୁରନ୍ତ ପ୍ରୟାସ ଯୋଗୁଁ ସୁମତିଙ୍କ ସ୍ୱାମୀ ରବି ଏବଂ ତାଙ୍କ ପୁଅକୁ ସୁରକ୍ଷିତ ଭାବରେ ବାହାର କରାଯାଇଛି। ସେମାନେ ଗୁରୁତର ଆହତ ହୋଇଥିବାରୁ ଚିକିତ୍ସାଲାଗି ଥୋଡୁପୁଝାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଖବର ମଧ୍ୟ ଆସିଛି। ଆଜି ଦେଶର ଅନେକ ସ୍ଥାନରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି।

## ଲଗାଣ ବର୍ଷା ଯୋଗୁଁ ଅମରନାଥ ଯାତ୍ରା ସ୍ଥଗିତ



ଜମ୍ମୁ, ୧।୮ଃ ଲଗାଣ ବର୍ଷା ଯୋଗୁଁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବନ୍ଦ ରହିବା ସହ ଜମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ ଅମରନାଥ ଯାତ୍ରା ସ୍ଥଗିତ ରଖାଯାଇଛି। ରାଜପଥ ମରାମତି କାର୍ଯ୍ୟ ଜାରି ରହିଥିବାରୁ ଶ୍ରଦ୍ଧାଳୁଙ୍କ କୌଣସି ନୂଆ ଦଳକୁ କାଶ୍ମୀର ଉପତ୍ୟକା ଆଡ଼କୁ ଯିବାକୁ ଅନୁମତି ଦିଆଯାଇ ନାହିଁ। ଅନ୍ୟପକ୍ଷରେ, ଜମ୍ମୁରେ ପହଞ୍ଚୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିବା ପରେ ଶ୍ରୀ ଅମରନାଥଜୀ ଶ୍ରାଇନ୍ ବୋର୍ଡ ପକ୍ଷରୁ ପଞ୍ଜୀକରଣ ଓ ଟୋକନ୍ ବଣ୍ଟନ କେନ୍ଦ୍ରକୁ ତାୱି ରିଭରଫ୍ରଣ୍ଟରୁ ଭଗବତି ନଗର ବେସ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ଗତ ଜୁଲାଇ ୩ ତାରିଖରୁ ଯାତ୍ରା ଆରମ୍ଭ ହେବା ପରଠାରୁ ପ୍ରାୟ ୪.୫ ଲକ୍ଷ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫା ଦର୍ଶନ କରିସାରିଛନ୍ତି। ଅଗଷ୍ଟ ୨୮ ରକ୍ଷାବନ୍ଧନ ଅବସରରେ ଏହି ଯାତ୍ରା ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି। ଉଧମପୁର ଜିଲ୍ଲାର ଲାଧା-ସାମରୋଲି ମଧ୍ୟବର୍ତ୍ତୀ ରାସ୍ତାରେ ମରାମତି କାମ ଚାଲିଥିବାରୁ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। କାଶ୍ମୀରକୁ ଦେଶର ଅନ୍ୟ ଭାଗ ସହ ଯୋଡୁଥିବା ଏହି ୨୫୦ କିଲୋମିଟର ଦୀର୍ଘ ଏନଏଚ୍-୪୪ ରାଜପଥରେ ବର୍ଷା ଯୋଗୁଁ କାଦୁଅ ଓ ପ୍ରବଳ ଖସଡ଼ା ପରିସ୍ଥିତି ସୃଷ୍ଟି ହୋଇଛି। ପାଣିପାଗ ଓ ରାସ୍ତା ସ୍ଥିତି ସୁଧୁରିଲେ ଯାତ୍ରା ପୁନଃ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପଶ୍ଚିମ ଏସିଆ ସଂଘର୍ଷରେ ୧୬ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧।୮ଃ ଚଳିତ ୨୦୨୬ ମସିହା ଆରମ୍ଭରୁ ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ) ଅଞ୍ଚଳରେ ଲାଗି ରହିଥିବା ଭୟାବହ ସାମରିକ ସଂଘର୍ଷ କାରଣରୁ ବର୍ତ୍ତମାନ ସୁଦ୍ଧା ୧୦ ଜଣ ବାଣିଜ୍ୟିକ ଜାହାଜ ନାବିକଙ୍କ ସମେତ ମୋଟ୍ ୧୬ ଜଣ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି। ଗତକାଲି ସଂସଦରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି। ସିପିଆଇ(ଏମ) ସାଂସଦ ଜନ୍ ବ୍ରିଟାସଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ସାମରିକ ସଂଘର୍ଷ ଯୋଗୁଁ ଓମାନରେ ୮, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରେ ୪, କୁଏତରେ ୨, ସାଉଦି ଆରବ ଏବଂ ଇରାକରେ ଜଣେ ଲେଖାଏଁ ଭାରତୀୟଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ବିଭିନ୍ନ ଆକ୍ରମଣରେ ମୋଟ୍ ୭୫ ଜଣ ଭାରତୀୟ ଆହତ ହୋଇଛନ୍ତି, ଯେଉଁଥିରେ ୟୁଏଇରେ ୩୨, ଓମାନରେ ୨୪, କୁଏତରେ ୧୩, କତରରେ ୪, ସାଉଦି ଆରବରେ ୧ ଏବଂ ଇସ୍ରାଏଲରେ ମଧ୍ୟ ଜଣେ ସାମିଲ ଅଛନ୍ତି।

## ଦିଲ୍ଲୀକୁ ଆସିଲା ଇବୋଲା

### କ୍ୱାରେଣ୍ଟାଇନ୍‌ରେ ବିଏସଏଫ୍ ଯବାନ




ନୂଆଦିଲ୍ଲୀ, ୧।୮ଃ ସାରା ବିଶ୍ୱରେ ଇବୋଲା ଭାଇରସର ସଙ୍କଟ ମଧ୍ୟରେ ଭାରତରେ ଇବୋଲାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (ଡିଆରସି)ରୁ ଫେରିଥିବା ଜଣେ ୫୨ ବର୍ଷୀୟ ସୀମା ସୁରକ୍ଷା ବାହିନୀ (ବିଏସଏଫ୍)ସୈନିକଙ୍କଠାରେ ଇବୋଲା ଲକ୍ଷଣ ପ୍ରକାଶ ପାଇଛି। ତାଙ୍କୁ ଚିକିତ୍ସା ଲାଗି ଦିଲ୍ଲୀର ରାମ ମନୋହର ଲୋହିଆ(ଆରଏମଏଲ) ହସ୍ପିଟାଲରେ ଭର୍ତ୍ତି କରାଯାଇ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି। ସରକାର ସତର୍କ ମୋଡ୍‌ରେ ଅଛନ୍ତି। ସନ୍ଦିଗ୍ଧ ବିଏସଏଫ୍ ଯବାନ ଏକ ମିଳିତ ଜାତିସଂଘ (ୟୁଏନ) ଶାନ୍ତିରକ୍ଷା ମିଶନରେ ଥିଲେ। ସେ ୧୧ ଜୁଲାଇରେ କଙ୍ଗୋରୁ ଭାରତ ଫେରି ଆସିଥିଲେ। ନିୟମ ଅନୁଯାୟୀ, ସୈନିକଙ୍କୁ ଇବୋଲା ପ୍ରଭାବିତ ଅଞ୍ଚଳରୁ ଆସିଥିବା ଯୋଗୁଁ ୨୧ ଦିନ ପାଇଁ ବିମାନବନ୍ଦର ସ୍ୱାସ୍ଥ୍ୟ ସଂଗଠନ (ଏପିଏଚଓ) ରେ ବାଧ୍ୟତାମୂଳକ କ୍ୱାରେଣ୍ଟାଇନ୍ କରାଯାଇଥିଲା। କ୍ୱାରେଣ୍ଟାଇନ୍ ଅବଧିର ୨୦ ତାରିଖ ସନ୍ଧ୍ୟାରେ, ତାଙ୍କଠାରେ ହଠାତ୍ ଅତ୍ୟଧିକ ଜ୍ୱର ଏବଂ ଶରୀର ଯନ୍ତ୍ରଣା ଲକ୍ଷଣ ପ୍ରକାଶ ପାଇଥିଲା। ଏନେଇ ଯବାନ ଅଭିଯୋଗ କରିଥିଲେ। ଏହାକୁ ଇବୋଲା ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ଭାବରେ ବିବେଚନା କରାଯାଇ କଠୋର ପ୍ରୋଟୋକଲ ଅନୁସାରେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଯବାନଙ୍କ ରକ୍ତ ନମୁନାଗୁଡ଼ିକୁ ପୁନେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି(ଏନଆଇଭି)କୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟକୁ ଅପେକ୍ଷା କରାଯାଇଛି।

## ସିଉଟା ସୀମାରେ ଶରଣାର୍ଥୀଙ୍କ ଦୁର୍ଦ୍ଦଶା; ୫୭ ଜଣଙ୍କ ମୃତ୍ୟୁ



ମାଡ୍ରିଡ, ୧।୮ଃ ସ୍ପେନର ସ୍ୱୟଂଶାସିତ ସହର ସିଉଟା ସୀମାରେ ଶରଣାର୍ଥୀଙ୍କ ଅଭୂତପୂର୍ବ ଭିଡ଼ ମଧ୍ୟରେ ଏପର୍ଯ୍ୟନ୍ତ ୫୭ ଜଣଙ୍କର ମୃତ୍ୟୁ ଘଟିଛି। କେହି ସୀମା ପାଚେରୀ ଓ ବ୍ରେକୱାଟର ଉପରକୁ ଚଢ଼ିବା ବେଳେ ଦଳାଚକଟାରେ ପ୍ରାଣ ହରାଇଥିବାବେଳେ, ଅନ୍ୟ କେତେକ ଲୋକ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗୁରୁବାରଠାରୁ ଏପର୍ଯ୍ୟନ୍ତ ୫୦ ହଜାରରୁ ଅଧିକ ଶରଣାର୍ଥୀ ସ୍ଥଳ ଓ ସମୁଦ୍ର ପଥ ଦେଇ ସିଉଟାରେ ପ୍ରବେଶ କରିଛନ୍ତି। ସ୍ପେନ ସରକାରଙ୍କ ସୂଚନା ଅନୁଯାୟୀ, ମୃତଦେହଗୁଡ଼ିକ ସ୍ପାନିଶ୍ ସୀମା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରଶାସନର ଆକଳନ ଅନୁସାରେ, ଗତ ଦୁଇ ଦିନରେ ପ୍ରାୟ ୬୦ ହଜାର ଲୋକ ସୀମା ପାର ହେବାକୁ ଚେଷ୍ଟା କରିଥିଲେ।

ଏହି ମଧ୍ୟରେ, ପ୍ରାୟ ୪୮,୩୦୦ ଜଣ ଶରଣାର୍ଥୀ ଖାଦ୍ୟ, ପାଣି ଓ ରହିବା ବ୍ୟବସ୍ଥା ନ ମିଳିବାରୁ ସ୍ୱଇଚ୍ଛାରେ ମରୋକ୍କୋକୁ ଫେରିଯାଇଥିବା ସୂଚନା ମିଳିଛି। ସିଉଟାରେ ଖାଦ୍ୟ ଅଭାବ ଓ ସୁରକ୍ଷା ବାହିନୀଙ୍କ କଡ଼ା ନିୟନ୍ତ୍ରଣ ଯୋଗୁ ସେମାନେ ଫେରିବାକୁ ବାଧ୍ୟ ହୋଇଛନ୍ତି।

## ରାତିସାରା କିଭ୍‌ରେ ବୋମା ମାଡ଼, ୩ ମୃତ

ମସ୍କୋ,୧।୮ଃ ମଧ୍ୟପ୍ରାଚ୍ୟରେ ସଙ୍କଟ ଲାଗି ରହିଥିବା ବେଳେ ରୁଷ ଏବଂ ୟୁକ୍ରେନ ଯୁଦ୍ଧ ପୁଣି ଜୋରଦାର ହୋଇଛି। ରୁଷ ରାତିସାରା କିଭ୍‌ରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଛି। ଏହି ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୧୨ରୁ ଅଧିକ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ଆକ୍ରମଣରେ ଆବାସିକ କୋଠାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି, ଲୋକମାନେ ଫସି ରହିଥିବା ସୂଚନା ମିଳିଛି ଏବଂ ରାଜଧାନୀର କିଛି ସ୍ଥାନରେ ଗୋଦାମ ଘରଗୁଡ଼ିକରେ ନିଆଁ ଲାଗିଯାଇଛି। କିଭ୍ ମେୟର ଭିଟାଲି କ୍ଲିଟ୍ସକୋ ଟେଲିଗ୍ରାମରେ ଏକ ପୋଷ୍ଟରେ କହିଛନ୍ତି ଯେ ସୋଲୋମିୟାନସ୍କି ଜିଲ୍ଲାରେ ଏକ ପାଞ୍ଚ ମହଲା ବିଶିଷ୍ଟ ଆବାସିକ କୋଠା ଭଗ୍ନାବଶେଷ ପଡ଼ିବା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି, ଲୋକମାନେ ଏବେ ବି ଭିତରେ ଫସି ରହିଥିବାବେଳେ କୋଠା ପରିସରରେ ନିଆଁ ଲାଗିଯାଇଛି।

## ଶୁଳ୍କ ଧମକ ଦେଇ ଭାରତ-ପାକ୍ ଯୁଦ୍ଧ ବନ୍ଦ କରିଥିଲି: ଟ୍ରମ୍ପ୍

ୱାଶିଂଟନ, ୧।୮ଃ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ବନ୍ଦ କରିବାର ଶ୍ରେୟ ପୁଣିଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେଇଛନ୍ତି। ସେ କହିଛନ୍ତି, ମୁଁ ଶୁଳ୍କକୁ ଅସ୍ତ୍ର ଭାବେ ବ୍ୟବହାର କରିଥିଲି। ସଂଘର୍ଷ ବନ୍ଦ ନ ହେଲେ ଉଭୟ ପକ୍ଷ ଉପରେ ୨୫୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଗତ ବର୍ଷ ଧମକ ଦେଇଥିଲି। ଏନେଇ ଭାରତ ଓ ପାକିସ୍ତାନ ଗଭୀର ଅସନ୍ତୁଷ୍ଟ ହୋଇଥିଲେ ବୋଲି ଟ୍ରମ୍ପ ଦାବି କରିଛନ୍ତି। ତେବେ ଗୋଟିଏ ଦିନ ପରେ ସଂଘର୍ଷ କରିବୁ ନାହିଁ ବୋଲି ସେମାନେ ଫୋନ୍ କରି କହିଥିଲେ। ଟ୍ରମ୍ପ୍ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ନାମ ଉଲ୍ଲେଖ କରି କହିଥିଲେ ଯେ, ଶାହବାଜ ସରିଫ ମତେ ଫୋନ୍ କରି କହିଥିଲେ ଯେ, ମୁଁ ଦୁଇଟି ପରମାଣୁ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ସଂଘର୍ଷକୁ ରୋକି ୫କୋଟି ଲୋକଙ୍କ ଜୀବନ ବଞ୍ଚାଇଛି। କ୍ୟାମ୍ପ ଡେଭିଡରେ ଭାଷଣ ଦେଇ ଟ୍ରମ୍ପ କହିଛନ୍ତି ଯେ, ସେ ତାଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଆଠଟି ଯୁଦ୍ଧ ବନ୍ଦ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଭିଡିଓ ଉପରେ ସଞ୍ଜୟ ସିଂହଙ୍କ ମନ୍ତବ୍ୟ

## ଆପଣଙ୍କ ମା' ମା', ମୋ ମା' କ'ଣ ମା' ନୁହଁନ୍ତି ?



ନୂଆଦିଲ୍ଲୀ, ୧।୮ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି। ଭିଡିଓରେ ସେ କହିଛନ୍ତି ଯେ, ଏନଇଇଟି ପେପର ଲିକ୍ ବିରୋଧରେ ଜନ୍ତରମନ୍ତରରେ ହୋଇଥିବା ପ୍ରତିବାଦ ସମୟରେ କେବଳ ତାଙ୍କ ବିରୋଧରେ ନୁହେଁ, ବରଂ ତାଙ୍କ ସ୍ୱର୍ଗତ ମାଆଙ୍କ ବିରୋଧରେ ମଧ୍ୟ ଅପମାନଜନକ ଭାଷା ବ୍ୟବହାର କରାଯାଇଥିଲା। ଏହି ଭିଡିଓ ଏକ ରାଜନୈତିକ ବିତର୍କ ସୃଷ୍ଟି କରିଛି। ବିରୋଧୀ ଦଳଗୁଡ଼ିକ ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି। ଆମ ଆଦମୀ ପାର୍ଟିର ସାଂସଦ ସଞ୍ଜୟ କହିଛନ୍ତି, ମୋଦି ଜୀ, ମୁଁ ଆପଣଙ୍କ ମାଆଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରୁଛି। କିନ୍ତୁ ମୋତେ କୁହନ୍ତୁ, ଆପଣଙ୍କ ମାଆ ଜଣେ ମାଆ। ଆଉ ମୋ ମାଆ କ'ଣ ଜଣେ ମାଆ ନୁହଁନ୍ତି ? ଆପଣ କହିଥିଲେ, ବିରୋଧୀ ଦଳଗୁଡ଼ିକୁ ମୁଜରା କରନ୍ତୁ। ତେବେ ବିରୋଧୀ ଦଳଗୁଡ଼ିକରେ ଥିବା ମହିଳାମାନେ କ'ଣ କାହାର ମାଆ, ଭଉଣୀ କିମ୍ବା ଝିଅ ନୁହଁନ୍ତି ?

ଆପଣଙ୍କ ଦଳର ଲୋକମାନେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ମାଆ ଏବଂ ଭଉଣୀଙ୍କ ପ୍ରତି ଦୁର୍ବ୍ୟବହାର କରିଛନ୍ତି। କେହି କେବେ ବି ନିଜ ମାଆଙ୍କୁ ଦୁର୍ବ୍ୟବହାର କରିବା ଉଚିତ୍ ନୁହେଁ। ଏହାଠାରୁ ବଡ଼ ଅପରାଧ ଆଉ କିଛି ହୋଇପାରେ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏପରି ଜିନିଷ ବିଷୟରେ ବହୁତ ଭାବପ୍ରବଣ ଦେଖାଯାଆନ୍ତି। ସେ ପ୍ରାୟତଃ ଏହା ଜଣାଇବାକୁ ଚେଷ୍ଟା କରନ୍ତି ଯେ ଏସବୁ ଶୁଣି ସେ ଗଭୀର ଯନ୍ତ୍ରଣା ଅନୁଭବ କରୁଛନ୍ତି। ମୁଁ ଆପଣଙ୍କ ଦଳ, ନୀତି ଏବଂ ବିଚାରଧାରା ବିରୋଧରେ ଲଢୁଛି। ମୋର କାନ୍ଦିବାର ଅଭ୍ୟାସ ନାହିଁ। କିନ୍ତୁ ମୁଁ ଆପଣଙ୍କୁ ହାତ ଯୋଡ଼ି ଅନୁରୋଧ କରିବାକୁ ଚାହୁଁଛି ଯେ ଆପଣ ମୋ ମୋବାଇଲ୍ ଗୋଟିଏ ଦିନ ପାଇଁ ଆପଣଙ୍କ ପାଖରେ ରଖନ୍ତୁ। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆପଣଙ୍କ ଅନେକ ସମର୍ଥକ ମୋତେ ମୋ ମାଆଙ୍କୁ କିପରି ଗାଳି ଦେଉଛନ୍ତି ତାହା ଜାଣିପାରିବେ।

# ୩,୮୮୮ ଭାରତୀୟଙ୍କୁ ବହିଷ୍କାର କରିଛି ଆମେରିକା



ନୂଆଦିଲ୍ଲୀ, ୧।୮ଃ ଆମେରିକାରେ ଅବୈଧ ଭାବେ ରହୁଥିବା ବିଦେଶୀ ନାଗରିକଙ୍କ ବିରୋଧରେ ଟ୍ରମ୍ପ ପ୍ରଶାସନର କଡ଼ା ନୀତି ଜାରି ରହିଛି। ଏହି କାର୍ଯ୍ୟାନୁଷ୍ଠାନରେ ଭାରତୀୟମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହେବା ପରେ ହଜାର ହଜାର ଭାରତୀୟଙ୍କୁ ଆମେରିକାରୁ ଫେରାଇ ଦିଆଯାଇଛି। ଭାରତ ସରକାର ସଂସଦରେ ଦେଇଥିବା ତଥ୍ୟ ଅନୁସାରେ, ୨୦୨୫ ମସିହାରେ ଆମେରିକାରୁ ପ୍ରାୟ ୩,୮୮୮ ଜଣ ଭାରତୀୟଙ୍କୁ ଅଟକ କିମ୍ବା ଡିପୋର୍ଟ କରାଯାଇଛି। ଏହା ୨୦୨୩ ତୁଳନାରେ ପ୍ରାୟ ପାଞ୍ଚ ଗୁଣ ବୃଦ୍ଧି ବୋଲି ସରକାରୀ ତଥ୍ୟରେ ଉଲ୍ଲେଖ ହୋଇଛି।ଆମେରିକା ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି, ଯେ ଅଧିକାଂଶ ଘଟଣାରେ ଅବୈଧ ପ୍ରବେଶ, ଭିସା ସର୍ତ୍ତ ଉଲ୍ଲଂଘନ କିମ୍ବା ବୈଧ ଦଲିଲର ଅଭାବ ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି । ଟ୍ରମ୍ପ ପ୍ରଶାସନ ଅବୈଧ ପ୍ରବାସକୁ ରୋକିବା ପାଇଁ ଇମିଗ୍ରେସନ୍ ନିୟମକୁ ଆହୁରି କଡ଼ା କରିଛି। ଏହାର ପ୍ରଭାବରେ ଅବୈଧ ଭାବେ ରହୁଥିବା କିମ୍ବା ଭିସା ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ହେଉଛି। ଆମେରିକାର କଡ଼ା ଇମିଗ୍ରେସନ୍ ନୀତି ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସଙ୍କେତ ମିଳୁଛି। ଏଭଳି ପରିସ୍ଥିତିରେ ବିଦେଶ ଯିବାକୁ ଚାହୁଁଥିବା ଭାରତୀୟମାନଙ୍କୁ ଆଇନସମ୍ମତ ପ୍ରକ୍ରିୟା ଓ ଭିସା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।

ସରକାର କହିଛନ୍ତି ଯେ, ଏହି ଭାରତୀୟମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଅବୈଧ ଭାବେ ଆମେରିକାରେ ପ୍ରବେଶ କରିଥିଲେ କିମ୍ବା ଭିସାର ଅବଧି ଶେଷ ହେବା ପରେ ମଧ୍ୟ ସେଠାରେ ରହୁଥିଲେ। କେତେକ ଘଟଣାରେ ଜାଲ୍ ଦଲିଲ କିମ୍ବା ଇମିଗ୍ରେସନ୍ ନିୟମ ଉଲ୍ଲଂଘନ ମଧ୍ୟ କାରଣ ରହିଛି । ଟ୍ରମ୍ପ ପ୍ରଶାସନର ନିର୍ଦ୍ଦେଶ ପରେ ୟୁଏସ୍ ଇମିଗ୍ରେସନ୍ ଆଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ ଅବୈଧ ପ୍ରବାସୀଙ୍କ ବିରୋଧରେ ଦେଶବ୍ୟାପୀ ଅଭିଯାନ ଚଳାଇଛି। ଏଥିରେ ବହୁ ସଂଖ୍ୟକ ଭାରତୀୟ ମଧ୍ୟ ଧରାପଡ଼ିଛନ୍ତି। ଡିପୋର୍ଟ ହୋଇଥିବା ଅନେକ ଭାରତୀୟଙ୍କୁ ଆମେରିକୀୟ ସାମରିକ ବିମାନରେ ଭାରତକୁ ଅଣାଯାଇଥିଲା। ସେମାନେ ପଞ୍ଜାବ, ହରିୟାଣା, ଗୁଜରାଟ, ଉତ୍ତର ପ୍ରଦେଶ ଓ ଅନ୍ୟ ରାଜ୍ୟର ବାସିନ୍ଦା ହୋଇଥିବା ସୂଚନା ମିଳିଛି।

### ସଂସଦରେ ସରକାର ଦେଲେ ତଥ୍ୟ

ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ଯେଉଁ ଭାରତୀୟମାନେ ଆଇନସମ୍ମତ ଭାବେ ଆମେରିକାରେ ରହୁଛନ୍ତି ସେମାନଙ୍କ ପାଇଁ କୌଣସି ଚିନ୍ତାର କାରଣ ନାହିଁ। କିନ୍ତୁ ଅବୈଧ ମାର୍ଗରେ ବିଦେଶ ଯିବା କିମ୍ବା ଭିସା ନିୟମ ଉଲ୍ଲଂଘନ କଲେ କଡ଼ା ପଦକ୍ଷେପର ସମ୍ମୁଖୀନ ହେବାକୁ ପଡ଼ିବ। ବିଶେଷଜ୍ଞଙ୍କ କହିବା ଅନୁସାରେ, ଭାରତରୁ ଅନେକ ଯୁବକ ଭଲ ଚାକିରି କିମ୍ବା ଉନ୍ନତ ଜୀବନର ଆଶାରେ ଅବୈଧ ଉପାୟରେ ଆମେରିକା ପହଞ୍ଚୁଛନ୍ତି। ମାନବ ଚୋରାଚାଲାଣକାରୀଙ୍କ ଫାନ୍ଦରେ ପଡ଼ି ସେମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଶେଷରେ ଗିରଫ, ଜେଲ୍ ଓ ଡିପୋର୍ଟ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ତେବେ ଆଗକୁ ଏହି ପ୍ରକ୍ରିୟା ଆହୁରି କଡ଼ାକଡ଼ି କରାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ରହିଛି।

ସର୍ବ ଭାରତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

# ବାଳକ ସିଙ୍ଗଲ୍ସରେ ଉତ୍ତରାଖଣ୍ଡ ଚମ୍ପିୟାନ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ଯୋନେକ୍ସ ସନ୍‌ରାଇଜ ଜୁନିୟର ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଖେଳାଯାଇଥିବା ବାଳିକା ଫାଇନାଲରେ ରାଜସ୍ଥାନର ପାରୁଲ ଚୌଧୁରୀ ତାମିଲନାଡ଼ୁର ଦୀକ୍ଷା ଏସ୍‌ଙ୍କୁ ୨୦-୧୮, ୧୫-୨୧ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳକ ସିଙ୍ଗଲ ଫାଇନାଲରେ ଉତ୍ତରାଖଣ୍ଡର ନିଷ୍ଚଲ ଚାନ୍ଦ ଏକ ତିନିଗେମ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ତେଲେଙ୍ଗାନାର ଟି. ଜ୍ଞାନଦତ୍ତଙ୍କୁ ୧୨-୧୫ଲ ୧୫-୧୧, ୧୭-୧୫ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ଼ ଡବଲ୍ସ ଫାଇନାଲରେ ଛତିଶଗଡ଼-ତାମିଲନାଡ଼ୁ ଯୋଡ଼ି ଦିବ୍ୟାଂଶୁ ଅଗ୍ରୱାଲ ଓ ଭାମା ପ୍ରଭୁଆନନ୍ଦ ଦିଲ୍ଲୀ-ଉତ୍ତରାଖଣ୍ଡ ଯୋଡ଼ି ଯୋଗନ୍ତୁ ସିଂ ଓ ଅନ୍ୟା ବିଷ୍ଟଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗର ଡବଲ୍ସ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିଷ୍ଟ ଓ ଅଞ୍ଜେଲ ପୁନେରା କର୍ଣ୍ଣାଟକ ଯୋଡ଼ି ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବିଭି ବୃଜିଙ୍କୁ ହରାଇ ପ୍ରତିଯୋଗିତା ରେ ଚାମ୍ପିୟନ ହୋଇଛନ୍ତି। ସେହିପରି, ବାଳକ ଡବଲ୍ସ ଫାଇନାଲରେ କେରଳ-ଦିଲ୍ଲୀ ଯୋଡ଼ି କର୍ଣ୍ଣାଟକ ଯୋଡିଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ଼. ଯେଦୁଲା ବିଜୟ, ସମ୍ମାନିତ ଅତିଥିଭାବେ କ୍ରୀଡ଼ା ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ନାଇଡୁ କମିଶନ ରିପୋର୍ଟ ଗାୟବ ମାମଲା

## ସିଏମ୍‌ଓ ଓ ଗୃହ ବିଭାଗକୁ କ୍ରାଇମବ୍ରାଞ୍ଚର ରିପୋର୍ଟ ତଲବ୍

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ନାଇଡୁ କମିଶନ ରିପୋର୍ଟ ଗାୟବ ମାମଲାକୁ ନେଇ କ୍ରାଇମ ବ୍ରାଞ୍ଚ ତା'ର ତଦନ୍ତରେ ଆଗକୁ ବଢ଼ୁଛି। ଗାୟବ ହୋଇଥିବା ଫାଇଲ୍‌ର ତଥ୍ୟ ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖାଯାଇଛି। ମିଳିଥିବା ସୂଚନାନୁସାରେ, କ୍ରାଇମବ୍ରାଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ), ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗକୁ ଚିଠି ଲେଖି ଫାଇଲ ସମ୍ପର୍କିତ ଆବଶ୍ୟକ ତଥ୍ୟ ମଗାଯାଇଛି। ତଦନ୍ତକାରୀ ସଂସ୍ଥା ଜାଣିବାକୁ ଚାହିଁଛି ଯେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାରେ ନାଇଡୁ କମିଶନ ରିପୋର୍ଟ ସମ୍ପର୍କୀୟ ଫାଇଲ୍ କେଉଁ ବିଭାଗରେ ରହିଥିଲା ଓ ଏହାର ଦାୟିତ୍ୱ କାହା ପାଖରେ ଥିଲା। ନାଇଡୁ କମିଶନ ରିପୋର୍ଟ ଗାୟବ ହେବା ଘଟଣାକୁ ନେଇ ପୂର୍ବରୁ ଚର୍ଚ୍ଚା ଜୋର୍ ଧରିଥିଲା। ଏବେ କ୍ରାଇମବ୍ରାଞ୍ଚର ତଦନ୍ତ ପରେ ଫାଇଲ୍‌ର ରହସ୍ୟ ଉପରୁ ପରଦା ହଟିବା ଆଶା କରାଯାଉଛି। ଫାଇଲ କେବେ ଗାୟବ ହେଲା, କାହା ନିକଟରେ ଥିଲା ଓ ଏଥିରେ କାହାର ଭୂମିକା ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

## ବିଷାକ୍ତ ଗ୍ୟାସ ନେଲା ୪ ଜୀବନ

ଦିସପୁର,୧।୮: ଆସାମର କାଚର ଜିଲ୍ଲାରେ ଗୋଟିଏ ନିର୍ମାଣାଧୀନ କୋଠାର ଭିତର ପାଣିଟାଙ୍କି ଭିତରେ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ତିନି ଜଣ ଶ୍ରମିକଙ୍କ ସମେତ ମୋଟ ୪ ଜଣଙ୍କର ମୃତ୍ୟୁ ଘଟିଥିବା ଶନିବାର ପୁଲିସ୍ ପ୍ରକାଶ କରିଛି। ପୁଲିସ ଏ ଘଟଣାରେ ଘର ମାଲିକଙ୍କୁ ଅଟକ ରଖିଛି। ଜୟନଗରର କୁମାରପଡ଼ା ଗ୍ରାମରେ ଚାଲିଥିବା ନିର୍ମାଣ କାମ ବେଳେ ଜଣେ ଶ୍ରମିକ ଟାଙ୍କି ସଫା କରିବାକୁ ଯାଇ ଆଉ ଫେରି ନଥିଲା। ତାଙ୍କୁ ଖୋଜି ଦୁଇଜଣ ଶ୍ରମିକ ଟାଙ୍କି ଭିତରକୁ ପଶିଥିଲେ। ମାତ୍ର ସେମାନେ ନଫେରିବାରୁ ଜଣେ ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଚାରିଜଣଙ୍କର ସେଠାରେ ମୃତ୍ୟୁ ଘଟିଥିଲା।

## ଇସ୍କନ ମିଡ୍‌-ଡେ ମିଲ୍ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

କୋଲକାତା,୧।୮(ସଂଚାର ବ୍ୟୁରୋ): ଶନିବାରଠାରୁ ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଇସ୍କନ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପରିବେଷଣ କରାଯିବ। ପୂର୍ବ ଘୋଷଣା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଅଗଷ୍ଟ ୧ ତାରିଖରେ ଏକ ପାଇଲଟ୍ ପ୍ରୋଜେକ୍ଟର ଅଂଶ ଭାବରେ ମେଗା ରୋଷେଇ ଘରର ଉଦଘାଟନ କରିଥିଲେ। ସେ ଇସ୍କନ ପରିସରରେ ଆୟୋଜିତ ଏକ 'ଯଜ୍ଞ'ରେ ଅଂଶଗ୍ରହଣ କରିଥିଲେ ଏବଂ ପରେ ରୋଷେଇ ଘର ପରିଦର୍ଶନ କରିଥିଲେ, ଯେଉଁଠାରେ ତାଙ୍କୁ ମଧ୍ୟାହ୍ନ ଭୋଜନ ରାନ୍ଧିବାରେ ସାହାଯ୍ୟ କରିବାର ମଧ୍ୟ ଦେଖାଯାଇଥିଲା। ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ ଓ ସ୍କୁଲ ଶିକ୍ଷାମନ୍ତ୍ରୀ ଦୀପକ ବର୍ମନ ମୁଖ୍ୟମନ୍ତ୍ରୀଙ୍କ ସହିତ ଥିଲେ। ସେମାନେ ଏକାଠି ସମଗ୍ର ମେଗା ରୋଷେଇ ଘରର କାର୍ଯ୍ୟ ପରିଚାଳନା ଯାଞ୍ଚ କରିଥିଲେ। ପାଞ୍ଚଟି ସ୍କୁଲର ଚାଳିଶ ଜଣ ଛାତ୍ରଛାତ୍ରୀ ପ୍ରତିନିଧି ଭାବରେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ମେଗା ରୋଷେଇ ଘରର ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ଭୋଜନ ବଣ୍ଟନ ପାଇଁ ଉଦ୍ଦିଷ୍ଟ ବୈଦ୍ୟୁତିକ ଯାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଜନଗଣନା ଏକ ସାମ୍ବିଧାନିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

କୋଲକାତା, ୧।୮ (ସଂଚାର ବ୍ୟୁରୋ): ଶନିବାର ଜନଗଣନା ସମ୍ପର୍କରେ ରାଜ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଜନଗଣନାରେ ଜଡ଼ିତ ସରକାରୀ କର୍ମଚାରୀଙ୍କ ପାଇଁ ଏକ ସାମ୍ବିଧାନିକ କର୍ତ୍ତବ୍ୟ। ସେ ଆହୁରି ମଧ୍ୟ କହିଛନ୍ତି, ଏହି ଜନଗଣନା ଡିଜିଟାଲ ହେବ ଏବଂ ଏଥିରେ ଆତ୍ମଗଣନା ସାମିଲ ହେବ। ସମସ୍ତ କାର୍ଯ୍ୟ ଭାରତୀୟ ଜନଗଣନା ପ୍ରାଧିକରଣର ନିର୍ଦ୍ଦେଶାବଳୀ ଅନୁସାରେ କରାଯିବ। କର୍ମଚାରୀମାନେ ସ୍ୱଂଗଣନା ସମାପ୍ତ କରିପାରୁନଥିବା ଲୋକଙ୍କ ଘରକୁ ପରିଦର୍ଶନ କରିବେ। ଏହି ଜନଗଣନା ଭାରତୀୟ ଏବଂ ଅଣ-ଭାରତୀୟଙ୍କ ମଧ୍ୟରେ ପାର୍ଥକ୍ୟ ସହିତ ଜଡ଼ିତ। ବାଂଲାଦେଶରୁ ଏଠାରେ ଘର କରିଥିବା ଲୋକ ଆସିଛନ୍ତି। କୌଣସି ପରିସ୍ଥିତିରେ ଅନୁପ୍ରବେଶକାରୀଙ୍କୁ ଏହି ରାଜ୍ୟରେ ରହିବାକୁ ଦିଆଯିବ ନାହିଁ।

## ଟୁଲୁ ମଣ୍ଡଳ ଭଣଜା ଗିରଫ, ଭାଇ ଘରେ ଇଡି ତଲାସୀ

କୋଲକାତା,୧।୮(ସଂଚାର ବ୍ୟୁରୋ): ବୀରଭୂମର ପଥର ବ୍ୟବସାୟୀ ଟୁଲୁ ମଣ୍ଡଳଙ୍କ ଜମା ହୋଇଥିବା ପାଣ୍ଠିର ମୋଟ୍ ପରିମାଣ ୧୩୫ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ଶୁକ୍ରବାର ତାଙ୍କ ଆଇନଜୀବୀଙ୍କୁ ୧୩ କୋଟିକୁ ଫ୍ରିଜ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଇଡି ତାଙ୍କ ନିକଟରୁ ଆହୁରି ସମ୍ପତ୍ତି ଠାବ କରିଛି। ଇଡିର ସୂତ୍ର ଅନୁସାରେ, ମହମ୍ମଦ ନଜିବୁଦ୍ଦିନ ଓରଫ ଟୁଲୁଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ସେହି ମୂଲ୍ୟ ୮୭ କୋଟି ଟଙ୍କା। ଏହା ମଧ୍ୟରେ ଟୁଲୁ ମଣ୍ଡଳଙ୍କ ବଡ଼ଭାଇ ମହମ୍ମଦ ନସିରୁଦ୍ଦିନଙ୍କ ଘରେ ଇଡି ତଲାସୀ କରିଛି। ଶୁକ୍ରବାର ରାତି ୨ଟା ୨୦ ସମୟରେ ପୁଲିସ ଅଧିକାରୀମାନେ ତାଙ୍କ ଘରୁ ବାହାରିଥିଲେ। ମସିରୁଦ୍ଦିନଙ୍କ ଘରୁ କେବଳ ୩୫୦ ଗ୍ରାମ ସୁନା ଓ ୭୬ ହଜାର ଟଙ୍କା ମିଳିଥିବା ଇଡି କହିଛି। ଅନ୍ୟ ଏକ ଘଟଣାକ୍ରମରେ, ମଧ୍ୟପ୍ରାଚ୍ୟକୁ ପଳାଇଯିବା ଲାଗି ଚେଷ୍ଟା କରୁଥିବା ବେଳେ ଟୁଲୁ ମଣ୍ଡଳଙ୍କ ଭଣଜା ଓ୍ୱାସିମ ଶେଖଙ୍କୁ ପୁଲିସ ଜାବୁ କରିନେଇଛି। ତାଙ୍କୁ ଦାର୍ଜିଲିଂର ରାମପୁରହାଟ ପୁଲିସ ଗିରଫ କରି କୋର୍ଟରେ ହାଜର କରାଯାଇଛି।

## ଫାଷ୍ଟଫୁଡ୍ ଆଢୁଆଳରେ ମଦ ବେପାର, ଦୋକାନୀ ଗିରଫ

କୋଲକାତା,୧।୮(ସଂଚାର ବ୍ୟୁରୋ): ଫାଷ୍ଟଫୁଡ୍ ଦୋକାନ ଆଢୁଆଳରେ ଏକ ବେଆଇନ ମଦ ବ୍ୟବସାୟ ଚାଲୁଥିବା ନେଇ ଅଭିଯୋଗ ଆସିବା ପରେ ମୟନାଗୁଡ଼ି ପୁଲିସ ଚଢ଼ାଉ କରି ୨୨ ବୋତଲ ଦେଶୀ ମଦ ଜବତ କରିଛି ଓ ଦୋକାନ ମାଲିକ ଶ୍ୟାମଲ ରାୟଙ୍କୁ ଗିରଫ କରିଛି। ଅଭିଯୁକ୍ତ ମୟନାଗୁଡ଼ି ବ୍ଲକର ବାଙ୍ଗକାନ୍ଦି ଅଞ୍ଚଳର ବାସିନ୍ଦା। ପୁଲିସ ସୂତ୍ର ଅନୁଯାୟୀ, ଯଦିଓ ଏହି ପ୍ରତିଷ୍ଠାନଟି ଦିନରେ ଏକ ଫାଷ୍ଟଫୁଡ୍ ଦୋକାନ ଭାବରେ କାର୍ଯ୍ୟ କରୁଥିଲା। କିନ୍ତୁ ରାତିରେ ଏହା ବେଆଇନ ମଦ ପିଇବାର ଏକ ଆଡ୍ଡା ପାଲଟିଥିଲା। ଗ୍ଲାସ୍ ପିଛା ୨୦ ଟଙ୍କାରେ ମଦ ବିକ୍ରି ହେଉଥିଲା। ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

## ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ଜବତ, ଜଣେ ଗିରଫ

କୋଲକାତା, ୧।୮ (ସଂଚାର ବ୍ୟୁରୋ): ନାନୁର ଅଞ୍ଚଳରୁ ପୁଲିସ ଗୋଟିଏ ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ଜବତ କରିଛି। ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ସୂତ୍ର ଅନୁଯାୟୀ, ନାନୁରର ବାସପଡ଼ା ଅଞ୍ଚଳର ଦାସ୍ୟାପଡା ଗ୍ରାମର ବାସିନ୍ଦା ଆଲାଉଦ୍ଦିନ ଶେଖଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ପଚରାଉଚରା ବେଳେ ତାଙ୍କ ଘରେ ବନ୍ଧୁକ ଓ ଗୁଳି ରଖିଥିବା ସେ ସ୍ୱୀକାର କରିଥିଲା। ପୁଲିସ ତାଙ୍କ ଘରେ ତଲାସୀ କରି ଗୋଟିଏ ୩୬ ଇଞ୍ଚ ଡବଲ-ବ୍ୟାରେଲ ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ଜବତ କରିଥିଲା। ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀମାନେ କହିଛନ୍ତି।

## ବସ୍ ଧକ୍କାରେ ଜଣେ ଆହତ

କୋଲକାତା,୧।୮(ସଂଚାର ବ୍ୟୁରୋ): ଶନିବାର ସଲ୍ଟଲେକ୍‌ର ସେକ୍ଟର ପାଞ୍ଚରେ ଲେଭଲ କ୍ରସିଂ ନିକଟରେ ଏକ ବସ୍ ଦୁର୍ଘଟଣା ଘଟି ପ୍ରତୀକ୍ଷା ଗୋଣ୍ଡ ନାମ ଜଣେ ଆଇଟି କର୍ମୀ ଗୁରୁତର ଆହତ ହୋଇଛନ୍ତି। ସେ ଚାଲିଚାଲି ଯାଉଥିବା ସମୟରେ ତାଙ୍କୁ ବସ୍ ଧକ୍କା ଦେଇଥିଲା। ସେ ବର୍ତ୍ତମାନ ଗୁରୁତର ଅବସ୍ଥାରେ ଏନ୍‌ଆର୍‌ଏସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ହସ୍ପିଟାଲ ସୂତ୍ର ଅନୁଯାୟୀ ତାଙ୍କ ଗୋଡରେ ଗୁରୁତର ଆଘାତ ଲାଗିଛି। ପୁଲିସ ବସ୍ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବନ୍ୟାଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ପ୍ରଭାବିତ ପାନୀୟ ଜଳ ଉତ୍ସଗୁଡ଼ିକର ବିଶୋଧନ, ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଓ ସ୍ୱାଭାବିକ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ସ୍ଥାନରେ ବିକଳ୍ପ ପାନୀୟ ଜଳ ଯୋଗାଣ ପାଇଁ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକୁ ନିୟୋଜିତ କରାଯାଇଛି। ଗତକାଲି ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ, ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ରିପୋର୍ଟ ହୋଇଥିବା ମୋଟ ୧୩,୬୬୨ଟି ନଳକୂପ ମଧ୍ୟରୁ ୬,୪୯୧ଟି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୨,୭୧୦ଟି ନଳକୂପର ଇତିମଧ୍ୟରେ ବିଶୋଧନ କାର୍ଯ୍ୟ ସରିଛି। ସେହିପରି ମୋଟ ୬୪୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୫୬ଟି ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୧୦୧ଟି ପ୍ରକଳ୍ପର ପୁନରୁଦ୍ଧାର କିମ୍ବା ବିଶୋଧନ କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରଭାବିତ ଅଞ୍ଚଳରେ ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଜାରି ରଖାଯାଇଛି। ନିରବଚ୍ଛିନ୍ନ ଭାବେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ଏକାଧିକ ବିକଳ୍ପ ବ୍ୟବସ୍ଥା କରାଯାଇଛି।




ପାନୀୟ ଜଳ ଯୋଗାଣ ଜାରି ରଖିବା ପାଇଁ ୪୭ଟି ଡିଜି ସେଟ୍ ନିୟୋଜିତ କରାଯାଇଥିବା ବେଳେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ୧୦ଟି ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ୟୁନିଟ୍ ନିୟୋଜିତ ହୋଇଛି। ଏହାଛଡ଼ା ୩ଟି ପାଣି ଟ୍ୟାଙ୍କର ଓ ସିଣ୍ଟେକ୍ସ ଟ୍ୟାଙ୍କ ସଂଯୁକ୍ତ ଅତିରିକ୍ତ ୩୫ଟି ଯାନ/ଟ୍ରାକ୍ଟର ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇଛି। ଅଦ୍ୟାବଧି ୧,୯୨,୬୩୫ଟି ପାନୀୟ ଜଳ ବୋତଲ/ପାଉଚ୍ ବଣ୍ଟନ କରାଯାଇଛି। ଆବଶ୍ୟକତା ଅନୁଯାୟୀ ତୁରନ୍ତ ଯୋଗାଣ ପାଇଁ ଆଉ ୪,୬୫,୦୦୦ଟି ପାଣି ବୋତଲ ମହଜୁଦ ରହିଛି। ପାନୀୟ ଜଳ ଉତ୍ସର ବିଶୋଧନ ଓ ଆନୁଷଙ୍ଗିକ ପରିମଳ ବ୍ୟବସ୍ଥା ପାଇଁ ଜିଲ୍ଲାଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବିଶୋଧକ ମହଜୁଦ କରାଯାଇଛି। ବର୍ତ୍ତମାନ ୪,୪୨୦ ବସ୍ତା ବ୍ଲିଚିଂ ପାଉଡର୍ ଉପଲବ୍ଧ ରହିଛି।

୫୫ନଂ ୱାର୍ଡରେ ବନ୍ଧୁମିଳନ

## ବାଜା ବାଣରେ ପ୍ରଭାତଙ୍କୁ ସ୍ୱାଗତ



କଟକ,୧।୮(ସଂଚାର ବ୍ୟୁରୋ): ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେପିରେ ସାମିଲ ହେବା ପରେ ଚୌଦ୍ୱାର କଟକର ରାଜନୈତିକ ବାତାବରଣ ସମ୍ପୂର୍ଣ୍ଣ ଭାବେ ଓଲଟପାଲଟ ହୋଇଯାଇଛି। ପ୍ରଭାତ ବିଶ୍ୱାଳଙ୍କ ଦୃଢ଼ ନେତୃତ୍ୱ ଓ ଦକ୍ଷ ସଂଗଠନ ଆଗରେ ବିରୋଧୀମାନେ ଚିତପଟାଙ୍ଗ ମାରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଅବସରରେ ଶନିବାର ୫୫ନଂ ୱାର୍ଡବାସୀଙ୍କ ତରଫରୁ ଏକ ବନ୍ଧୁମିଳନ ବିଦ୍ୟାଧରପୁର କେଶପୁରସ୍ଥିତ ମା' ଜାଗୁଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଯୁବଛାତ୍ର କଟକ କଲେଜ ପାଖରୁ ଏକ ବିଶାଳ ଶୋଭାଯାତ୍ରା ଜରିଆରେ ପ୍ରଭାତଙ୍କୁ ଏହି ବନ୍ଧୁମିଳନ ସ୍ଥାନକୁ ପାଛୋଟି ଆଣିଥିଲେ। ମୁରବି ଲିଟୁ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ପ୍ରତ୍ୟେକ ୱାର୍ଡବାସୀଙ୍କ ସହ ମୁଁ ରହିଛି, ଆଗକୁ ମଧ୍ୟ ରହିବି। ୱାର୍ଡର ଉନ୍ନତି ହିଁ ମୋର ପ୍ରଥମ ପ୍ରାଥମିକତା ହେବ ବୋଲି ପ୍ରଭାତ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୱାର୍ଡର ମୁରବି ଅଭୟ ଲେଙ୍କା, ଘନଶ୍ୟାମ ପଣ୍ଡା, ଅଲେଖ ହୋତାଙ୍କ ସମେତ ବହୁ ସଂଖ୍ୟାରେ ଯୁବଛାତ୍ର ଓ ମହିଳା ଉପସ୍ଥିତ ଥିଲେ।

## ୫.୮ ତୀବ୍ରତାଯୁକ୍ତ ଭୂମିକମ୍ପରେ ଥରିଲା ଜାପାନ

ଟୋକିଓ,୧।୮: ଜାପାନରେ ପ୍ରକୃତି ବିନାଶ ଜାରି ରଖିଛି। ଶନିବାର ଉତ୍ତର ଜାପାନର ଆଓମୋରି ପ୍ରଦେଶରେ ୫.୮ ତୀବ୍ରତାଯୁକ୍ତ ଏକ ଭୂମିକମ୍ପ ଅନୁଭୂତ ହୋଇଛି। ଜାପାନ ପାଣିପାଗ ବିଭାଗ ଅନୁଯାୟୀ, ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୪୮ରେ ଆଓମୋରିର ପ୍ରଶାନ୍ତ ମହାସାଗରୀୟ ଉପକୂଳରୁ ପ୍ରାୟ ୮୦ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ପରେ କୌଣସି ସୁନାମି ଚେତାବନୀ ଜାରି କରାଯାଇ ନାହିଁ। ଭୂମିକମ୍ପର କେନ୍ଦ୍ରସ୍ଥଳ ୪୧.୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୧୪୨.୦ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା।

## ପପୁ ଯାଦବଙ୍କ ବିରୋଧରେ ଅଭିଯୋଗ

ନୂଆଦିଲ୍ଲୀ, ୧।୮: ରାମ ମନ୍ଦିର ଦାନ ଚୋରି ଅଭିଯୋଗରେ ସାଂସଦ ପପ୍ପୁ ଯାଦବ ସଂସଦରେ ପ୍ରତିବାଦ କରିଥିଲେ। ସେ ଜଣେ ସାଧୁଙ୍କ ବେଶରେ ପ୍ରତିବାଦ କରିଥିଲେ, ଯେଉଁଥିରେ ଅନ୍ୟ ବିରୋଧୀ ସାଂସଦମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପପ୍ପୁ ଯାଦବଙ୍କ ପ୍ରତିବାଦ ପରେ, ଏବେ ଜାହାଙ୍ଗୀରପୁରୀ ପୁଲିସ ଷ୍ଟେସନରେ ଏକ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗକାରୀ ସୂର୍ଯ୍ୟ ମୈଥିଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗରେ, ପପ୍ପୁ ଯାଦବଙ୍କ ବିରୋଧରେ ପ୍ରତିବାଦ ସମୟରେ ଧାର୍ମିକ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ଏହି ପ୍ରତିବାଦକୁ ବିରୋଧୀ 'ଇଣ୍ଡିଆ ମେଣ୍ଟ'ର ଅନେକ ନେତା ସମର୍ଥନ କରିଥିଲେ।

# ବେଦାନ୍ତ ସମର୍ଥିତ ଯୁବ ତୀରନ୍ଦାଜ ଜିତିଲେ ୩ଟି ସ୍ୱର୍ଣ୍ଣ

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର କ୍ରୀଡ଼ା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିରୁ କ୍ରୀଡ଼ା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର ସିବିଏସ୍‌ଇ ଅଧୀନରେ ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍-୨୦୨୬ରେ ୧୯ ବର୍ଷରୁ କମ୍ ଭାରତୀୟ ବର୍ଗରେ ୪୦ ମିଟର ଓ ୩୦ ମିଟର ଇଭେଣ୍ଟରେ ୩ଟି ସ୍ୱର୍ଣ୍ଣ




ପଦକ ହାସଲ କରିଛନ୍ତି। ୧୧ଟି ରାଜ୍ୟର ୪୩୭ ଜଣ ଆଥଲେଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି କ୍ଷୀରୋଦ ଧ୍ୟାନ, ନିର୍ଭୁଲତା ଓ ସ୍ଥିରତା ଦ୍ୱାରା ଚିହ୍ନିତ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ, ଯାହା ଚାମ୍ପିଅନସିପର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବବେଉଭା ହୋଇଛନ୍ତି। କାର୍ଯ୍ୟକ୍ରମର ସଫଳତାକୁ ଆହୁରି ସୁଦୃଢ଼ କରି କ୍ଷୀରୋଦ କୁମାର ଓ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ୪ ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ବିଦ୍ୟାଳୟ ତୀରନ୍ଦାଜୀ ଚାମ୍ପିଅନସିପରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିବା ବ୍ୟତୀତ କ୍ଷୀରୋଦ ଜୋନ୍ ସ୍ତରରେ ୧୫ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଓଙ୍କାର ରାଜ୍ୟ ତଥା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ୩ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ଗ୍ରୀନ କରିଡର, ଦୁଇ ବର୍ଷରେ ୪୧୬ କୋଟି ବ୍ୟୟ

ଭୁବନେଶ୍ୱର,୧।୮: ରାଜ୍ୟରେ ଗ୍ରୀନ୍ କରିଡର ସୃଷ୍ଟି ପାଇଁ ଦୁଇଟି ଆର୍ଥିକ ବର୍ଷରେ ୪୧୬ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚହୋଇ ସାରିଲାଣି। ଏହା ଜରିଆରେ ଜୈବ ବିବିଧତା ବୃଦ୍ଧି, ବାୟୁ ଚଳାଚଳ ବୃଦ୍ଧି, ଶବ୍ଦ ପ୍ରଦୂଷଣକୁ ରୋକିବା ସହିତ ତାପମାତ୍ରା ହ୍ରାସ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ଗ୍ରୀନ୍ କରିଡର ସୃଷ୍ଟି ପାଇଁ ଜଙ୍ଗଲ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ଯଥା ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଆମ ଜଙ୍ଗଲ ଯୋଜନା, କାମ୍ପା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ସବୁଜ ଭାରତ ମିଶନ, ଜାତୀୟ ବାଉଁଶ ମିଶନ, ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ମନେରଗା ଯୋଜନା, ସାମାଜିକ ଦାୟିତ୍ୱ ବୋଧ (ସିଏସଆର) ଯୋଜନା ଆଦି ସମେତ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଜଳବାୟୁ ସହନଶୀଳ ଅଭିବୃଦ୍ଧି ଯୋଜନା ଆଦି କାର୍ଯ୍ୟକାରୀ କରାଯାଉଛି।

ଏହି ଯୋଜନାରେ ହେନ୍ତାଳ ବନ ସମେତ ବିଭିନ୍ନ ସହରାଞ୍ଚଳ ଓ ଜଙ୍ଗଲ ଡିଭିଜନରେ ପର୍ଯ୍ୟାପ୍ତ ବୃକ୍ଷ ରୋପଣ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ ୪୧୬ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଛି। ଏହି ଅର୍ଥରେ ରାଜ୍ୟର ପ୍ରାୟ ସମସ୍ତ ବନଖଣ୍ଡରେ ସରକାର ଚାରା ରୋପଣ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ସବୁଜ ବଳୟ, ସବୁଜ ମହାନଦୀ ମିଶନ, କାମ୍ପା ଓ ମନେରଗା ଯୋଜନାରେ ପ୍ରାୟ ସାଢେ ତିନି କୋଟି ଟଙ୍କା ଖର୍ଚ୍ଚ ପାଇଁ ମିଳିଥିବାବେଳେ ସେଥିରୁ ହାରାହାରି ସମସ୍ତ ଟଙ୍କା ଖର୍ଚ୍ଚ ହୋଇସାରିଛି। ସହରାଞ୍ଚଳରେ ୫୦୦୦ ବନୀକରଣ ହୋଇଥିବାବେଳେ କେତେକ ସ୍ଥାନରେ ପଥପାର୍ଶ୍ୱ ବନୀକରଣ କରାଯାଇପାରିଛି।

୨୦୨୫-୨୬ ବର୍ଷରେ ୭୧୩୭ ହେକ୍ଟର ଜମିରେ ଚାରା ରୋପଣ ହୋଇଥିବା ବେଳେ ଉଭୟ ଆର୍ଥିକ ବର୍ଷରେ ୧୧ ହଜାରରୁ ଅଧିକ ହେକ୍ଟର ଜମିରେ ଚାରା ରୋପଣ ହୋଇଛି। ଏହି ସମୟ ମଧ୍ୟରେ ୫ କୋଟିରୁ ଅଧିକ ଚାରା ବଣ୍ଟନ ହୋଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁ ୪୧୬ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହୋଇଥିବା କୁହାଯାଇଛି।

ତେବେ ପରିବେଶବିତ୍‌ମାନଙ୍କ ମତରେ ଏତେ ପରିମାଣରେ ଚାରା ରୋପଣ ସତ୍ତ୍ୱେ ରାଜ୍ୟର ସହରାଞ୍ଚଳରେ ସବୁଜ ବଳୟ ହ୍ରାସ ପାଇବାରେ ଲାଗିଛି। ଏପରିକି ସହରତଳି ଅଞ୍ଚଳରେ ମଧ୍ୟ ଧିରେ ଧିରେ ସବୁଜ ବଳୟ ହ୍ରାସ ପାଇବାରେ ଲାଗିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ଗଛ କଟା ଜାରି ରହିଥିବାରୁ ଏହାର ପ୍ରଭାବରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଅନିୟନ୍ତ୍ରିତ ବୃଷ୍ଟିପାତ ମଧ୍ୟ ଏହାର ଅନ୍ୟତମ କାରଣ। ଏହାଛଡ଼ା ସବୁଜ ବଳୟ ହ୍ରାସ ଫଳରେ ଜଙ୍ଗଲୀ ପଶୁ ଯେଉଁଳି ହାତୀ, ବାରହା, ଚିତାଆଦି ଅନେକ ସମୟରେ ଜନବସତିକୁ ଆସି ବ୍ୟାପକ କ୍ଷୟକ୍ଷତି ଘଟାଇବାରେ ଲାଗିଛି। ଏହି ସବୁଜ ବଳୟ ହ୍ରାସର ଅନ୍ୟତମ କାରଣ ଶିଳ୍ପ ପ୍ରତିଷ୍ଠା ହୋଇଥିବା ବେଳେ କ୍ଷତିପୂରକ ବନୀକରଣ ମାଧ୍ୟରେ ସବୁଜ ବଳୟର ଭରଣା ହେଉଥିବା ନେଇ ଯାହା ଦର୍ଶାଯାଉଛି ତାହାକୁ ପରିବେଶବିତ୍‌ମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। (ତଥ୍ୟ)

## ଜିଲ୍ଲାକୁ ୬ହଜାର ୧୫ କ୍ୱିଣ୍ଟାଲ ବିହନ ଯୋଗାଣ

କଟକ,୧।୮(ସଂଚାର ବ୍ୟୁରୋ): କଟକ ଜିଲ୍ଲାର ସମସ୍ତ ୧୪ ଟି ଯାକ ବ୍ଲକ୍‌ରେ ରହିଥିବା ଚାଷୀଙ୍କୁ ଚଳିତ ଖରିଫ ଋତୁରେ ୬ ହଜାର ୧୫ କ୍ୱିଣ୍ଟାଲ ଉନ୍ନତ କିସମର ଧାନ ବିହନ ଯୋଗାଣ କରାଯାଇଛି। ତେବେ ବର୍ତ୍ତମାନର ଲଘୁଚାପଜନିତ ବର୍ଷା ଓ ବନ୍ୟା ପାଇଁ ଚାଷୀମାନେ ପ୍ରାୟ ୫ ହଜାର ୫୧୬ କ୍ୱିଣ୍ଟାଲ ଧାନ କ୍ରୟ କରି ଚାଷ କରିଥିବା ବେଳେ ଆହୁରି ୧୯୯ କ୍ୱିଣ୍ଟାଲ ଧାନ ବିହନ ଗଚ୍ଛିତ ଅଛି ବୋଲି ବିହନ ନିଗମର ଆଞ୍ଚଳିକ ଅଧିକାରୀ ସତ୍ୟ ପ୍ରକାଶ ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ ଗତବର୍ଷ ଜିଲ୍ଲାରେ ୫ହଜାର କ୍ୱିଣ୍ଟାଲ ଧାନ ବିକ୍ରି ହୋଇଥିଲା। ଏ ବର୍ଷ ଖରିଫ ଋତୁରେ ସରକାର ଙ୍କ ବିହନ ନିଗମ ପକ୍ଷରୁ ୬ ହଜାର ୨୧୪ କ୍ୱିଣ୍ଟାଲ ଧାନ ଯୋଗାଣ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୯୯ କ୍ୱିଣ୍ଟାଲର ୧୦ରୁ ଊର୍ଦ୍ଧ୍ୱ କିସମର ବିହନ ମହଜୁଦ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଧର୍ମ ପଚାରି...

ଦୀପକଙ୍କ ପରିବାର ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଦୀପକଙ୍କ ମାମୁଁ କହିଛନ୍ତି ଯେ, ଆଗ ଜାତି, ଧର୍ମ ଓ ନାମ ପଚାରି ପରେ ହତ୍ୟା କରିବା ଅତ୍ୟନ୍ତ ଜଘନ୍ୟ। ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ଆତଙ୍କବାଦୀଙ୍କୁ ରାସ୍ତା ମଝିରେ ଠିଆ କରେଇ ସେମାନଙ୍କୁ ଗୁଳି କରିବା ପାଇଁ ଦୀପକଙ୍କ ମାମୁଁ ହଳଧର ରାଉ୍ରେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆତଙ୍କବାଦୀମାନେ ବିଳମ୍ବିତ ରାତିରେ କୁଲଗାମରେ ଥିବା ଇଟାଭାଟିକୁ ଆସିଥିଲେ। ପ୍ରଥମେ ସେମାନେ ଜଣଜଣ କରି ସମସ୍ତଙ୍କ ନାମ ପଚାରିଥିଲେ। ସେଠାରେ ଥିବା ମାତ୍ର ଦୁଇଜଣ ହିନ୍ଦୁ ଶ୍ରମିକଙ୍କୁ ଅଲଗା କରି ଠିଆ କରାଇଥିଲେ ଓ ଖୁବ୍ ନିକଟରୁ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। କେଉଁ ଆତଙ୍କବାଦୀ ସଂଗଠନ ଏଭଳି ଘଟଣା ଘଟାଇଛି ସେଥିପାଇଁ ନିଜକୁ ଦାୟୀ କରି ନଥିବା ବେଳେ ଲସ୍କର-ଇ-ତୋଇବା ନିଜେ କିମ୍ବା ଏହାର କୌଣସି ପ୍ରକ୍ସି ସଂଗଠନ ଏପରି ଘଟାଇଥାଇପାରେ ବୋଲି ଅନୁମାନ କରାଯାଉଛି।

### ୮ ଲକ୍ଷ ଲୋକ ପ୍ରଭାବିତ...

ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହାଛଡ଼ା ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ, ୭ଟି ଏନଡିଆରଏଫ୍ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ରହିଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏହି ସମସ୍ତ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ବନ୍ୟାଞ୍ଚଳର କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ମଧ୍ୟ ଯୋଗାଇ ଦିଆଯାଉଛି। ସେହିପରି କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନ ଉପୁଜେ ତା' ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁଁ ବନ୍ୟାଜନିତ ବଡ଼ କ୍ଷୟକ୍ଷତିକୁ ରୋକାଯାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ବନ୍ୟା ପରିସ୍ଥିତିର ପରିଚାଳନା ପାଇଁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଆକାଶ ମାର୍ଗରୁ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ଆଜି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁରୀ ଜିଲ୍ଲା ଏବଂ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିସହ ଅନ୍ୟ ମନ୍ତ୍ରୀମାନେ ପ୍ରଭାରୀ ମନ୍ତ୍ରୀ ଭାବେ ନିଜ ନିଜ ଜିଲ୍ଲା ଗସ୍ତ କରି ସେଠାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିବେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ଅଙ୍ଗଦାନ କରି ଅମର...

ଆହ୍ୱାନ ଥିଲା। କିନ୍ତୁ ଏହି ଜରୁରୀକାଳୀନ ପରିସ୍ଥିତିରେ ଆଗକୁ ଆସିଥିଲା ଭାରତୀୟ ରେଳ ବିଭାଗ। ଗାନ୍ଧିନଗର କ୍ୟାପିଟାଲ୍ ବନ୍ଦେ ଭାରତ ଏକ୍ସପ୍ରେସରେ ସୁରଟରୁ ମାତ୍ର ୩ ଘଣ୍ଟା ୪୫ ମିନିଟରେ ଅହମ୍ମଦାବାଦରେ ପହଞ୍ଚିଥିଲା ମିଥୁନଙ୍କ ଜୀବନ୍ତ ହୃତପିଣ୍ଡ। ଜୀବନ୍ତ ହୃତପିଣ୍ଡକୁ ଅହମ୍ମଦାବାଦ ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରୁ 'ୟୁଏନ୍ ମେହେଟ୍ଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି' ପର୍ଯ୍ୟନ୍ତ ବିନା କୌଣସି ବାଧାରେ ପହଞ୍ଚାଇବା ପାଇଁ ଗୁଜରାଟ ପୁଲିସ ଓ ଆର୍‌ପିଏଫ୍ ମିଳିତ ଭାବେ ଏକ 'ଗ୍ରୀନ୍ କରିଡର' ପ୍ରସ୍ତୁତ କରିଥିଲେ। ଟ୍ରାଫିକ୍‌କୁ ସମ୍ପୂର୍ଣ୍ଣ ମୁକ୍ତ ରଖି ଧାର୍ଯ୍ୟ ସମୟ ମଧ୍ୟରେ ହୃତପିଣ୍ଡକୁ ହସ୍ପିଟାଲରେ ପହଞ୍ଚାଯାଇଥିଲା। ସେଠାଠାରେ ଜଣେ ରୋଗୀଙ୍କ ଶରୀରରେ ଏହାକୁ ସଫଳତାର ସହ ପ୍ରତିରୋପଣ କରାଯାଇଛି। ଏଥିସହ ଜଣେ ଓଡ଼ିଆ ପୁଅର ହୃଦୟ ଆଜି ଅନ୍ୟ ଜଣଙ୍କ ଛାତିରେ ସ୍ପନ୍ଦିତ ହୋଇଛି। ମିଥୁନଙ୍କ ପରିବାରର ଏପରି ଏକ ଅପୂର୍ବ ତ୍ୟାଗପୂତ ନିଷ୍ପତ୍ତି ଓ ଭାରତୀୟ ରେଳ ବିଭାଗର ଏହି ଐତିହାସିକ ପଦକ୍ଷେପକୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି।

### ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା...

ସମ୍ପ୍ରସାରଣକୁ ମଞ୍ଜୁରୀ ମିଳିଛି। ଏଥିପାଇଁ ପ୍ରାୟ ୨୨୦୦ କୋଟି ଟଙ୍କାର ବ୍ୟୟବରାଦ ଥିବା ବେଳେ ଏହି ଅବଧି ମଧ୍ୟରେ ୩,୭୯,୦୦୦ କୃଷକଙ୍କୁ ଯୋଜନାର ଫାଇଦା ମିଳିବାର ଲକ୍ଷ୍ୟ ରହିଛି। ଏହାଛଡ଼ା ବିଧି ବିଭାଗର ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର୍ ନିୟମାବଳୀ, ୨୦୨୬କୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିସହ ବିଧି ବିଭାଗକୁ କ୍ୟାଡର୍ ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ଭାବେ ସ୍ୱୀକୃତି ଦିଆଯାଇଛି। ଏହି ନିଷ୍ପତ୍ତି ସରକାରୀ ମକଦ୍ଦମା ପରିଚାଳନା ପାଇଁ ପ୍ରତିଷ୍ଠାଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ଓ ରାଜ୍ୟ ମକଦ୍ଦମା ନୀତିର ଅଧିକ କାର୍ଯ୍ୟକ୍ଷମ କାର୍ଯ୍ୟାନ୍ୱୟନରେ ସହାୟକ ହେବ ବୋଲି ଆଶା କରାଯାଉଛି। ଆହୁରି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନାୟକ, ୨୦୧୭ରେ ଅଧିକ ସଂଶୋଧନ ସଂକ୍ରାନ୍ତ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି। ଏହା ଫଳରେ ଟିକସଦାତାମାନେ ବିକ୍ରି ପରବର୍ତ୍ତୀ ରିହାତି କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କ୍ରେଡିଟ୍ ନୋଟ୍ ଜାରି କରିପାରିବେ। ଜିରୋ-ରେଟେଡ୍ ସପ୍ଲାଇ ଓ ଇନଭର୍ଟ ଡ୍ୟୁଟି ଷ୍ଟ୍ରକ୍‌ଚର୍ କ୍ଷେତ୍ରରେ ପ୍ରୋଭିଜିନାଲ୍ ରିଫଣ୍ଡ୍‌କୁ ସୁନିଶ୍ଚିତ କରିବ, ଯାହାକି ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଲିକ୍ୟୁଡିଟି ସମସ୍ୟାର ସମାଧାନ କରିପାରିବ। ଏହାଛଡ଼ା ଅନ୍ତର୍ଜାତୀୟ ରପ୍ତାନୀ କ୍ଷେତ୍ରରେ ଟିକସ ରିଫଣ୍ଡ୍ ପ୍ରକ୍ରିୟାକରଣ ପାଇଁ ୧୦୦୦ ଟଙ୍କାର ସର୍ବନିମ୍ନ ସୀମାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ। ସେହିପରି ସହରାଞ୍ଚଳର ଯୋଗ୍ୟ ପରିବାରକୁ ଆସନ୍ତା ୨୦୨୯ ସୁଦ୍ଧା ସାର୍ବଜନୀନ ଗୃହ ଯୋଗାଇଦେବା ପାଇଁ ପିଏମ୍‌ଏୱାଇ(ୟୁ)ବନ୍ଧୁ ଯୋଜନାକୁ ମଞ୍ଜୁରୀ ମିଳିଛି। ଫଳସ୍ୱରୂପ ରାଜ୍ୟରେ ନୂତନ ଭାବେ ଘୋଷଣା କରାଯାଇଥିବା ୨୮ଟି ସହରାଞ୍ଚଳରେ ମଧ୍ୟ ପିଏମ୍‌ଏୱାଇ(ୟୁ) ୨.୦ କାର୍ଯ୍ୟକାରୀ କରାଯିବ। ଆହୁରି ୨୦୨୯ ସୁଦ୍ଧା ସରକାର ପକ୍କାଘର ସଂଖ୍ୟାକୁ ୯୦ ପ୍ରତିଶତରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ଆଧାର କରି ରାଜ୍ୟ ସରକାର ୨୦୨୫-୩୦ ମଧ୍ୟରେ ପିଏମ୍‌ଏୱାଇ(ୟୁ) ୨.୦ ଅଧୀନରେ ଅତିରିକ୍ତ ୩ରୁ ୫ ଲକ୍ଷ ସହରାଞ୍ଚଳ ପରିବାରକୁ ଗୃହ ନିର୍ମାଣ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହାଛଡ଼ା ଜଳସେଚନ ବିଭାଗର ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ସେଥି ମଧ୍ୟରେ କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ଜଳସେଚନ ପାଇଁ ସୁବିଧା, ଦୟାନଦୀରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ୭୭୦୦ ଏକର ଜମିକୁ ଜଳସେଚିନ ସୁବିଧା ଆଦି ଅନ୍ତର୍ଭୁକ୍ତ।

### ହାତୀ ଆକ୍ରମଣରେ...

କରିଛନ୍ତି। ଏହି ଦୁଇଟି ମୃତ୍ୟୁ ଘଟଣା ପରେ ସ୍ଥାନୀୟ ବନ ବିଭାଗର କର୍ମଚାରୀମାନେ ଜନସାଧାରଣଙ୍କୁ ସତର୍କତା ଅବଲମ୍ବନ କରିବା ସକାଶେ ପରାମର୍ଶ ଦେଇଛନ୍ତି। ବିଶେଷକରି ସକାଳେ ଓ ସନ୍ଧ୍ୟା ହାତୀମାନଙ୍କର ବିଚରଣ ସମୟ ହୋଇଥିବାରୁ ଉକ୍ତ ସମୟରେ ଜଙ୍ଗଲଠାରୁ ଜନସାଧାରଣ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ତେବେ ଆଜିର ଦୁଇଟି ଅଘଟଣ ପରେ ସ୍ଥାନୀୟ ଲୋକେ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଦାବି କରିଛନ୍ତି।

### ଭାଷା, ସଂସ୍କୃତି ଓ ସଭ୍ୟତାର...

କରୁଥିବାରୁ ଶ୍ରୀ ପ୍ରଧାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ, ସମ୍ବଲପୁରୀ ଏକତା ମଞ୍ଚ ସମେତ ଅନ୍ୟାନ୍ୟ ଅନୁଷ୍ଠାନକୁ ସାଧୁବାଦ ଜଣାଇଛନ୍ତି। ଏଥିସହ ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ନିକଟରେ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ସୁସ୍ଥ ଜୀବନ କାମନା କରିଛନ୍ତି।

### ଓଡ଼ିଶାକୁ ୫୦୦ କୋଟିର...

ସହାୟତା ରାଜ୍ୟର ବନ୍ୟାବିପନ୍ନଙ୍କ ଦୁଃଖ ଦୂର କରିବାରେ ସହାୟକ ହେବ ବୋଲି ଆଶା କରିଛନ୍ତି। ସେହିପରି କେନ୍ଦ୍ର ସରକାର ଆଜି ଅଗଷ୍ଟ ପହିଲାରେ କେନ୍ଦ୍ରୀୟ କର ବାବଦରେ ବିଭିନ୍ନ ରାଜ୍ୟକୁ ୧ ଲକ୍ଷ ୯ ହଜାର ୧୯ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏଥିରେ ଓଡ଼ିଶାର ଭାଗ ୪୮୧୯ କୋଟି ଟଙ୍କା ରହିଛି। ଏହି ଅର୍ଥ ରାଜ୍ୟଗୁଡ଼ିକର ପୁଞ୍ଜି ଓ ବିକାଶମୂଳକ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

### ବନ୍ୟା ବିଭ୍ରାତ...

ପ୍ରଚାରରେ ଯେଭଳି କୌଣସି ବାଧା ନ ଉପୁଜେ ତାହା ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି। କିଛି ନେତା ନିଜ ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧରି ବନ୍ୟାଞ୍ଚଳକୁ ଯିବା ସଙ୍ଗେ ସଙ୍ଗେ ବିଭିନ୍ନ ପୋଜ୍‌ରେ ବାଇଟ୍ ଦେଉଥିବା ଦେଖିବାକୁ ମିଳୁଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ନେତାମାନେ ବନ୍ୟା ସମୟରେ ଯେଭଳି କୌଣସି ପ୍ରକାର ଭୁଲ୍ ଭଟକା ନ ହୁଏ, ତାହା ଦେଖିବା ଲାଗି ନିଜ ନିଜର ଚେଲାଚାମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁଠାରୁ ବଡ଼ କଥା ହେଲା, ଅଧା ଓଡ଼ିଶା ବନ୍ୟାରେ ଭାସୁଥିବା ବେଳେ ରାଜ୍ୟର କୌଣସି ବଡ଼ ଶିଳ୍ପସଂସ୍ଥା ଅଦ୍ୟାବଧି ସହାୟତାର ହାତ ବଢ଼ାଇନାହାନ୍ତି। ଦିନ କେଇଟା ତଳେ ପୁରୀରେ ଖାଦ୍ୟ ବାଣ୍ଟିବାକୁ ବାଡ଼ିଆପିଟା ହେଉଥିବା କର୍ପୋରେଟ ସଂସ୍ଥା କୁଆଡ଼େ ଗଲେ ବୋଲି ଏବେ ଅନେକେ ପ୍ରଶ୍ନ କରୁଛନ୍ତି। ପୁରୀରେ ଭଲ ପ୍ରଚାରର ସୁଯୋଗ ଥିବାରୁ ଖାଦ୍ୟ ବାଣ୍ଟିଥିଲେ ଓ ବନ୍ୟାଞ୍ଚଳରେ ସେଭଳି ସୁଯୋଗ ନ ଥିବାରୁ ଭୁଲିଗଲେ ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି।

### ବନ୍ୟା ପାଇଁ ୧୫...

ସେମାନଙ୍କୁ ନୋଟିସ୍ ଜାରି କରାଯାଇଛି। ଏହାଛଡ଼ା ପ୍ରାୟ ୪୬ ଲକ୍ଷ ଭୋଟରଙ୍କ ତଥ୍ୟରେ ତ୍ରୁଟି ଚିହ୍ନଟ ହୋଇଛି। ତେବେ ଏହି ଭୋଟରଙ୍କ ନାମ ବାଦ୍ ପଡ଼ିବ ନାହିଁ; କେବଳ ତଥ୍ୟ ସଂଶୋଧନ କରାଯିବ। କେବଳ ଅଯୋଗ୍ୟ ଥିବା ପ୍ରମାଣିତ ହେଲେ ଭୋଟର ତାଲିକାରୁ ନାମକୁ ବାଦ ଦିଆଯିବ ବୋଲି ସେ କହିଛନ୍ତି।

# ଦିନଦ୍ୱିପ୍ରହରେ ଚାଲିଛି ଜୁଆଖେଳ

## ସର୍ବସ୍ୱାନ୍ତ ହେଉଛନ୍ତି ନିରୀହ ଲୋକେ

## ବଢ଼ୁଛି ଅସାମାଜିକ କାର୍ଯ୍ୟକଳାପ



ରାଇଘର,୧୮ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲାର ରାଇଘର ଓ କୁନ୍ଦେଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦିନ ଦାହାଡ଼େ ବେଆଇନ ଭାବେ ଜୁଆଖେଳ ଚାଲୁଥିବା ଅଭିଯୋଗ ପୁଣିଥରେ ସାମ୍ନାକୁ ଆସିଛି। କେତେକ ସ୍ଥାନରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଉଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ନିର୍ବିଘ୍ନରେ ଜୁଆ ଆସର ବସୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କୁନ୍ଦେଇ ଥାନା ଅନ୍ତର୍ଗତ ଜାଣିପାରା, କିବେକଙ୍ଗା, ଡୁରୁଡ଼ିହି, କୋସକଙ୍ଗା, ହିରୀ ସର୍ଗିପାରା, ପରଚିପାରା ଓ ଦୁଗଲିପାରା ସମେତ ବିଭିନ୍ନ ସ୍ଥାନରେ ନିୟମିତ ଭାବେ ଜୁଆ ଆସର ବସୁଥିବା କୁହାଯାଉଛି। ସେହିପରି ରାଇଘର ଥାନା ଅଞ୍ଚଳର ଦାସପୁର, ଜଳଙ୍ଗପାରା, ସଭାପାରା ଓ ସାପ୍ତାହିକ ବଜାର ଅଞ୍ଚଳରେ ମଧ୍ୟ ଜୁଆଡ଼ିଙ୍କ ଭିଡ଼ ଜମୁଥିବା ଅଭିଯୋଗ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ଏକ ସପ୍ତାହ ପୂର୍ବେ ପୁଲିସ ପରଚିପାରା ଓ ଦୁଗଲିପାରା ଅଞ୍ଚଳରେ ଚଢ଼ାଉ କରି କେତେକ ଜୁଆଡ଼ିଙ୍କୁ ଗିରଫ କରିଥିଲା। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛିଦିନ ବନ୍ଦ ରହିବା ପରେ ପୁଣିଥରେ "ଖୁଡ଼ଖୁଡି" ନାମକ ଜୁଆଖେଳ ଖୋଲାଖୋଲି ଆରମ୍ଭ ହୋଇଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ, ବେଆଇନ ଜୁଆ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ଜୋର ଧରିଛି।

ସ୍ଥାନୀୟଙ୍କ କହିବା ଅନୁସାରେ, ଏହି ଜୁଆ ଆସରରେ ଅନେକ ନିରୀହ ଆଦିବାସୀ, କୃଷକ ଓ ଶ୍ରମଜୀବୀ ଲୋକ ନିଜର କଷ୍ଟ ଉପାର୍ଜିତ ଅର୍ଥ ହରାଇ ସର୍ବସ୍ୱାନ୍ତ ହେଉଛନ୍ତି। କେତେକ ପରିବାରରେ ଏହାକୁ କେନ୍ଦ୍ର କରି କଳହ ଓ ଆର୍ଥିକ ସଙ୍କଟ ଦେଖାଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ଯୁବପିଢ଼ି ମଦ୍ୟପାନ ଓ ଜୁଆ ଭଳି ଅସାମାଜିକ କାର୍ଯ୍ୟ ପ୍ରତି ଆକୃଷ୍ଟ ହେଉଥିବାରୁ ସାମାଜିକ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି।

ଏପରି ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ଲୋକ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ବେଆଇନ ଜୁଆ ଆଡ଼ାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାଲିଆପାଳ,୧୮ (ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଶକ୍ତିଶ୍ରୀ ପକ୍ଷରୁ ଶନିବାର କଲେଜ ପରିସରରେ ୬ଦିନ ବ୍ୟାପି ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି।

କଲେଜର ଅଧ୍ୟକ୍ଷ ତ୍ରୀବେଣୀ ଧାରା କାର୍ଯ୍ୟକ୍ରମକୁ ସୋମବାର ଉଦ୍‌ଘାଟନ କରିଥିଲେ । ରିଡର୍ ଶାନ୍ତିଲତା ଗିରି, ଅଧ୍ୟାପକ ରଂଜିନ କୁମାର ପାଢ଼ୀ, ଅଧ୍ୟାପକ ବେଣୁଧର ନାୟକ, ବରିଷ୍ଠ ଆକାଉଣ୍ଟ ଅଫିସର ରଂଜିତ କୁମାର ସାହୁ , କନିଷ୍ଠ କିରାଣୀ ବିଶ୍ୱନାଥ ସାମଲ, ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ତାଲିମ ପ୍ରଶିକ୍ଷିକା ଲିପ୍ସା ପାଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଦିଆଯାଇଥିଲା । ଶକ୍ତି ଶ୍ରୀ ସଂଯୋଜିକା ଅଧ୍ୟାପିକା ଡଃ ଇମାମୀ ସାହୁ , ଶକ୍ତିଶ୍ରୀ ସାଥୀ ପ୍ରଶଂସା କୁମାରୀ ଦାସ ଓ ସମସ୍ତ ବିଭାଗର ଶ୍ରେଣୀ ପ୍ରତିନିଧି ମାନଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ହେଲେ ହୃଷିକେଶ



କୋରେଇ,୧୮ (ସଂଚାର ବ୍ୟୁରୋ)ଃ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତେକ ବିଦ୍ୟାଳୟରେ ଏକ ପରିଚାଳନା କମିଟି ଗଠନ ହେଉଥିବା ବେଳେ ଆଜି ବିଧିବଦ୍ଧ ଭାବେ ଲକ୍ଷ୍ମୀନଗର ପଂଚାୟତର ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଜ ମାଝୀଙ୍କ ତତ୍ତ୍ୱାବଧାନରେ ସିଆରସିସି ଉପସ୍ଥିତିରେ ସମସ୍ତ ମେମ୍ବର ମାନଙ୍କୁ ନେଇ ଆୟୋଜିତ ଏକ ବୈଠକରେ ସର୍ବସମ୍ମତିକ୍ରମେ ସମ୍ମତରେ ଚେୟାରମ୍ୟାନ ଭାବେ ହୃଷିକେଶ ମହଲା ଓ ଭାଇସ ଚେୟାରମ୍ୟାନ ଭାବେ କବିତା ରଣାଙ୍କୁ ଚୟନ କରାଯାଇଅଛି। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କମିଟିର ସଦସ୍ୟ ମାନେ ଚେୟାରମ୍ୟାନ ଓ ଭାଇସ ଚେୟାରମ୍ୟାନଙ୍କୁ ଅଭିନନ୍ଦନ, ଶୁଭେଚ୍ଛା ଜଣାଇଥିଲେ। ପରିଚାଳନା କମିଟି ପକ୍ଷରୁ ସଦସ୍ୟ ଭାବେ ପ୍ରଫୁଲ୍ଲ କୁମାର ସାହୁ, ରତନା ମୁଣ୍ଡା, ଅମୂଲ୍ୟ ବେହେରା, ସଜନୀ ସାହୁ, ମାଳତୀ ରଣା, ସୁକାନ୍ତି ଓରେଇ, ବସନ୍ତ କୁମାର ପାଢ଼ୀ, ଜୟନ୍ତୀ ବେହେରା, ପ୍ରିୟଙ୍କା ସାହୁ, ଇତିଶ୍ରୀ ବୋଇତେଇ, ନମିତା ବେହେରା, ଗାୟତ୍ରୀ ନାଥ, କବିତା ରଥ, ସୁନ୍ଦରମଣି ସାହୁ, ଲକ୍ଷ୍ମୀନାରାୟଣ ରଥ, ବନିତା ସାହୁଙ୍କୁ ଚୟନ କରାଯାଇଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ। ସଭାପତି ଭାବେ ହୃଷିକେଶଙ୍କୁ ଦାଇତ୍ୱ ଦିଆଯାଇଥିବାରୁ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ସେ ନିଷ୍ଠାପର ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରିବେ ମତ ପ୍ରକାଶ କରିଥିଲେ।

## ଖଣି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

# ନାହିଁ ଶବ ଗୃହ, ମେଡିକାଲ ବାରଣ୍ଡାରେ ପଡ଼ିରହୁଛି ମୃତଦେହ




ଆନନ୍ଦପୁର,୧୮ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ। ପ୍ରତିଦିନ ଏଠାକୁ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ, ମୃତଦେହ ସଂରକ୍ଷଣ ପାଇଁ ଏଠାରେ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶବ ଗୃହ ନଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଅଭିଯୋଗ ଅନୁସାରେ, କୌଣସି ମୃତଦେହ ହସ୍ପିଟାଲକୁ ଆସିଲେ ତାହାକୁ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ମେଡିକାଲର ବାରଣ୍ଡାରେ ରଖାଯାଉଛି। ଯେଉଁ ସ୍ଥାନ ଦେଇ ପ୍ରତିଦିନ ରୋଗୀ, ଗର୍ଭବତୀ ମହିଳା, ବୃଦ୍ଧ, ଶିଶୁ ଓ ସେମାନଙ୍କ ପରିବାର ଯାତାୟାତ କରୁଛନ୍ତି, ସେହି ସ୍ଥାନରେ ମୃତଦେହ ରଖାଯାଉଥିବାରୁ ସମସ୍ତେ ଅସହଜ ଅନୁଭବ କରୁଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଉଛି ଓ.ପି.ଡି, ଜନ୍ମ-ମୃତ୍ୟୁ ପଞ୍ଜିକରଣ କେନ୍ଦ୍ର, ଡ୍ରେସିଂ କକ୍ଷ ଏବଂ ଏକ୍ସ-ରେ ରୁମ୍ ସମ୍ମୁଖରେ ମୃତଦେହ ପଡ଼ି ରହୁଥିବାରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମାନସିକ ଭାବେ ପ୍ରଭାବିତ ହେଉଛନ୍ତି। ହସ୍ପିଟାଲର ଏଭଳି ଚିତ୍ରକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ କହିବା କଥା, ଏହି ସମସ୍ୟା ଆଜିର ନୁହେଁ। ଦୀର୍ଘଦିନ ଧରି ଶବ ରଖିବା ଗୃହ ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଇନାହିଁ। ବାରମ୍ବାର ଦାବି ଉଠୁଥିଲେ ମଧ୍ୟ ଏହି ଗୁରୁତର ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ନିରବତାକୁ ନେଇ ପ୍ରଶ୍ନ ଉଠୁଛି। ଏକ ପଟେ ସରକାର ସ୍ୱାସ୍ଥ୍ୟସେବାର ଉନ୍ନତି ନେଇ ବିଭିନ୍ନ ଯୋଜନା ଓ ଘୋଷଣା କରୁଥିବା ବେଳେ, ଅନ୍ୟପଟେ ଏକ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ରଖିବା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ଘଟଣା ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଏହାକୁ ନେଇ ସାଧାରଣ ଲୋକ, ବୁଦ୍ଧିଜୀବୀ ଓ ବିଭିନ୍ନ ମହଲରୁ ତୁରନ୍ତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଶବ ରଖିବା ଗୃହ ନିର୍ମାଣ କରିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି କରାଯାଇଛି।

# ସାଂସଦଙ୍କ ଦ୍ୱାରା ବନ୍ୟାବିପନ୍ନ ପରିବାରକୁ ସହାୟତା



ନୀଳଗିରି,୧୮ (ସଂଚାର ବ୍ୟୁରୋ)ଃ ଗତ ୨୭ଦିନ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ବର୍ଷାରେ,କୃତିମ ବନ୍ୟା ସୃଷ୍ଟି ହେବା ଦ୍ୱାର ଶ୍ୟାମସୁନ୍ଦର ପୁର ପଂଚାୟତ ଜୁରିଆପାଟଣା ଗ୍ରାମରେ ବନ୍ୟାରେ ଅଧିକ କ୍ଷେତିଗ୍ରସ୍ତ ହୋଇଛନ୍ତି। ଖବର ପାଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗି ଅସୁସ୍ଥତା କାରଣରୁ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାଶଙ୍କ ସମେତ ସ୍ଥାନୀୟ ବିଜେପି ପଂଚାୟତ ସଭାପତି ମାନସ ରଞ୍ଜନ ପୁଷ୍ଟି ଓ ବରିଷ୍ଠ ବିଜେପି ନେତା ମାନସ ରଞ୍ଜନ ଦଳେଇ, ବିମଳ କୁମାର ଦଳେଇ ସମେତ କର୍ମୀଙ୍କ ଉପସ୍ଥିତ ରହି ବନ୍ୟାରେ ବିପନ୍ନ ପରିବାର ବର୍ଗଙ୍କୁ ତମ୍ବୁ ପ୍ରଦାନ କରିବା ସହ ତୁରନ୍ତ ସରକାରଙ୍କ ପକ୍ଷରୁ ସେମାନେ କିପରି କ୍ଷତିପୂରଣ ପାଇବେ ସେଥିପାଇଁ ପ୍ରଶାସନ ଦୃଷ୍ଟିକୁ ଆଣି ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଶ୍ରୀଯୁକ୍ତ ଦାସ କହିଛନ୍ତି।

# କାମରେ ଆସୁନି ଶୌଚାଳୟ ଓ ପରିସ୍ରାଗାର

## ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ



ଛତ୍ରପୁର,୧୮ (ସଂଚାର ବ୍ୟୁରୋ)ଃ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଗଞ୍ଜାମ ବ୍ଲକ ପରିସରରେ ସାଧାରଣ ଲୋକଙ୍କ ପାଇଁ ନିର୍ମିତ ଶୌଚାଳୟ ଓ ପରିସ୍ରାଗାର ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଛି। ଫଳରେ ପ୍ରତିଦିନ ବ୍ଲକକୁ ଆସୁଥିବା ଶତାଧିକ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗଞ୍ଜାମ ବ୍ଲକ ଅଧୀନ ୧୫ଟି ପଞ୍ଚାୟତରୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ବ୍ଲକ ପରିସରରେ ବିଡିଓ କାର୍ଯ୍ୟାଳୟ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଦିନସାରା ବିଭିନ୍ନ କାର୍ଯ୍ୟ ପାଇଁ ଲୋକଙ୍କ ଭିଡ଼ ଲାଗି ରହୁଥିଲେ ମଧ୍ୟ ସେମାନଙ୍କ ସୁବିଧା ପାଇଁ ନିର୍ମିତ ଶୌଚାଳୟ ଓ ପରିସ୍ରାଗାରରେ ଦୀର୍ଘ ଦିନ ଧରି ତାଲା ଝୁଲୁଛି।

ଫଳରେ ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଶୌଚାଳୟ ଓ ପରିସ୍ରାଗାର ବନ୍ଦ ଥିବାରୁ ଅନେକ ଲୋକ ବାଧ୍ୟ ହୋଇ ଖୋଲା ସ୍ଥାନରେ ପରିସ୍ରା କରୁଛନ୍ତି। ବିଶେଷକରି ମହିଳାମାନେ ଗୋପନୀୟତା ଓ ସମ୍ମାନ ରକ୍ଷାରେ ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ଶୌଚାଳୟ ଓ ପରିସ୍ରାଗାର ବନ୍ଦ ଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହା ପ୍ରତି ଦୃଷ୍ଟି ଦେଉନାହିଁ। ଏ ସମ୍ପର୍କରେ ଗଞ୍ଜାମ ବିଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

ସ୍ଥାନୀୟ ଲୋକମାନେ ବନ୍ଦ ପଡ଼ିଥିବା ଶୌଚାଳୟ ଓ ପରିସ୍ରାଗାରକୁ ଚାଲୁ କରିବା,ନିୟମିତ ସଫେଇ ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

# ସୁନ୍ଦରଗଡ଼ ଉପକନିଷ୍ଠ ସିପକଟାକ୍ରୋ ଦଳ ଚାନ୍ଦବାଲି ଗସ୍ତ



ସୁନ୍ଦରଗଡ,୧୮ (ସଂଚାର ବ୍ୟୁରୋ)ଃ ଜୁଲାଇ ୩୧ ତାରିଖ ଶୁକ୍ରବାର ରାତ୍ରି ୮ଟା ସମୟରେ ସୁନ୍ଦରଗଡ଼ ଜିଲ୍ଲା ଉପ କନିଷ୍ଠ ସିପକଟାକ୍ରୋ ଦଳ ଭଦ୍ରକ ଚାନ୍ଦବାଲି ଯାତ୍ରା କରିଛନ୍ତି । ଭଦ୍ରକ ଚାନ୍ଦବାଲିରେ ଅଗଷ୍ଟ ୧ ଓ ୨ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ୨୪ ତମ ଉପ କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗିତାରେ ଭାଗ ନେବେ। ସେଠାରେ ଯେଉଁ ଖେଳାଳିମାନେ ଚୟନ ହେବେ ଆସନ୍ତା ସେପ୍ଟେମ୍ବର ମାସ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ଜାମ୍ମୁ କାଶ୍ମୀରର ଶ୍ରୀନଗର ହେବାକୁ ଥିବା ୨୮ତମ ଜାତୀୟ ସ୍ତରୀୟ ଉପ କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗିତାରେ ଭାଗ ନେବେ ।

ଏହି ଉପ କନିଷ୍ଠ ଦଳରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଢ଼ିମଙ୍ଗର ପ୍ରେମ ବୁଦୁଲା ଓ ଅଗଷ୍ଟି କାଙ୍ଗାଡି, ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିର ଅନୁଜ ଭୋଇ,ହିମେନ୍ଦୁ ବାଗ,ଖୁସି ନେଟି ଓ ରୀନା ବରିହା, ସରକାରୀ ଉଚ୍ଚ ବିଦ୍ୟାଳୟ ଅଲେକେରାର ପ୍ରୀତି ପ୍ରଧାନ,ଦୀପାରାଣୀ କୁଜୁର, ତନୁଜା ବାଗ, ହେମବତୀ ମାଝୀ ଓ ସୁରେନ୍ଦ୍ର ଟପ୍ପୋ ଭାଗ ନେଇଛନ୍ତି । ସମସ୍ତ ଖେଳାଳି ମାନଙ୍କୁ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ପୌରାଧ୍ୟକ୍ଷା ତନୟା ମିଶ୍ର, ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ଓ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତିର ସମସ୍ତ ସଭ୍ୟ ସଭ୍ୟା ଶୁଭେଚ୍ଛା ଜଣାଇଛନ୍ତି ।

# ଛାତ୍ରାବାସ ଖୋଲିବାରେ ଅସହଯୋଗ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୋଡ଼ାଘାଟ ଅଧ୍ୟକ୍ଷ ନିଲମ୍ବିନ

ମାଲକାନଗିରି,୧୮ (ସଂଚାର ବ୍ୟୁରୋ)ଃ ବାଳିକା ଶିକ୍ଷାକୁ ବୃଦ୍ଧି କରିବା ଏବଂ ଡ୍ରପ ଆଉଟ୍ କମ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଦ୍ୱାରା ମାସିକ ଶିକ୍ଷା ବିଭାଗ ସମୀକ୍ଷା ବୈଠକରେ ଖଇରପୁଟ ବ୍ଲକର ଓଡ଼ିଶା




ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତୁରନ୍ତ ଛାତ୍ରାବାସ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ନିର୍ଦ୍ଦେଶ ଦେବାର ଦୁଇମାସ ବିତିଯାଇଥିଲେ ବି ଅଧ୍ୟକ୍ଷ ରାଜୀବ କୁମାର ଦତ୍ତଙ୍କ ଖାମଖିଆଲି ନୀତି ଯୋଗୁଁ ତାହା ସମ୍ଭବ ହୋଇପାରିଲା ନାହିଁ। ଚିଠି ନଂ ୩୨୦୪ ତାରିଖ ୧୮-୭-୨୦୨୬ ମାଧ୍ୟମରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଚିଠି ନଂ ୩୨୫୨ ତାରିଖ ୩୧-୭-୨୦୨୬ ଆଦେଶରେ ଅଧ୍ୟକ୍ଷଙ୍କୁ ତୁରନ୍ତ କାର୍ଯ୍ୟର ଅବହେଳା ଓ ଅସହଯୋଗ କାରଣ ଦର୍ଶାଇ ନିଲମ୍ବନ କରିଛନ୍ତି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ମାଲକାନଗିରିକୁ ରିପୋର୍ଟ କରିବାକୁ କହିଛନ୍ତି।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଚାରାରୋପଣ

ଫୁଲବାଣୀ,୧୮ (ସଂଚାର ବ୍ୟୁରୋ)ଃ ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆଜି, ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠିତ ଏକ ସଭାରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ବାବଦରେ ଆଲୋକପାତ କରିବା ପାଇଁ, ସମଗ୍ର ପୃଥିବୀ ରେ ୯୭% ଲୁଣି ଜଳ ଏବଂ ମାତ୍ର ୩% ପାନୀୟ ଉପଯୋଗୀ ଜଳ ଥିବା, ଏବଂ ଜଳ ଭାଗ ହିଁ ପୃଥିବୀର ସର୍ବାଧିକ ଅମ୍ଳଜାନ ଯୋଗାଉଛି। ତେଣୁ ଆବଶ୍ୟକ ପରିମାଣର ବର୍ଷା, ପରିବେଶ ସୁରକ୍ଷା ଓ ଅଧିକ ଅମ୍ଳଜାନ ପାଇଁ ଅଧିକ ରୁ ଅଧିକ ବୃକ୍ଷ ର ଆବଶ୍ୟକତା ରହିଛି ତେଣୁ ଆମେ ଚାରାରୋପଣ ସହିତ ଏହାର ଜତ୍ନ ନେବାର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ।

ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ ରଞ୍ଜନ ସୋରେନ,ବରିଷ୍ଠ ନାଗରିକ ସଂଘର ସଭାପତି ପଦ୍ମଚରଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନବକିଶୋର ରଥ,ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ ଏବଂ ବରିଷ୍ଠ ଉପଦେଷ୍ଟା ନବୀନ କିଶୋର ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ନୃସିଂହାନନ୍ଦ ମହାପାତ୍ର ଓ ବରିଷ୍ଠ ନାଗରିକ ସଂଘର ସହସମ୍ପାଦକ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ।

ଏହି ଅବସରରେ ବରିଷ୍ଠ ନାଗରିକ ସଂଘ ର ସମସ୍ତ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତା ଯୋଗ ଦେଇ ସହଯୋଗ କରିବା ସହ ଚାରାରୋପଣ କରିଥିଲେ। ଅନୁଷ୍ଠାନର ପରିସରରେ ବିଭିନ୍ନ ପ୍ରକାରର ଔଷଧିୟ ବୃକ୍ଷ ସମେତ ଅନ୍ୟାନ୍ୟ ୬୦ଟି ଚାରାରୋପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ଅବସର ପ୍ରାପ୍ତ ସେନା କର୍ମଚାରୀ ପ୍ରକାଶ ଚନ୍ଦ୍ର ଦାସ ଓ ସମାଜସେବୀ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।



# ଗଛକୁ ପିଟିଲା କାର୍, ୩ ଗୁରୁତର



ରାଇଘର,୧୮ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ କୋଟପାରା ନିକଟରେ ଅପରାହ୍ନ ପ୍ରାୟ ୫ଟା ସମୟରେ ସଡ଼କ ଦୁର୍ଘଟଣା ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଆହତ ଶିକ୍ଷକ ପ୍ରକାଶ ବାଘ୍ ଗୁଚ୍ଛାଗୁଡା ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ସେ ବ୍ୟକ୍ତିଗତ ପରିବାର କାମରେ ୩ବର୍ଷର ପୁଅ ଏବଂ ସ୍ତ୍ରୀ ଶଙ୍ଖା ରାନି ବାଘ୍ଙ୍କୁ ନେଇ ଉମରକୋଟରୁ ଫେରୁଥିବା ସମୟରେ କୋଟପାରା ନିକଟରେ କାର୍‌ଟି ହଠାତ୍ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଓ ପୁଲିସ୍ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ତିନି ବର୍ଷର ପୁଅ ଗୁରୁତର ଥିବାରୁ ପାରିବାର ଲୋକେ ରାୟପୁର ନେଇଯାଇଥିବା ଜଣାପଡିଛି।

## ବିବାହ ପ୍ରତିଶ୍ରୁତି ଦେଇ ଠକିବା ଅଭିଯୋଗ

# ବିବାହ ନ କଲେ ଆତ୍ମହତ୍ୟା କରିବାକୁ ଚେତାବନୀ



ଢେଙ୍କାନାଳ,୧୮ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲାରେ ବିବାହର ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିବା ପରେ ନିଜର ଏଚ୍‌ଆଇଭି ପଜିଟିଭ୍ ସ୍ଥିତି ଲୁଚାଇ ଜାଣିଶୁଣି ସଂକ୍ରମଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କ ବିରୋଧରେ ପୁଲିସରେ ଏତଲା ଦାଖଲ ହୋଇଛି। ପୀଡ଼ିତା ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

କାମାକ୍ଷାନଗର ଅଞ୍ଚଳର ଅଭିଯୋଗକାରୀ ମହିଳାଙ୍କ କହିବା ଅନୁଯାୟୀ, ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଦୀର୍ଘଦିନ ଧରି ସମ୍ପର୍କ ରଖିଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟ ଅସୁସ୍ଥ ହେବାରୁ ଚିକିତ୍ସା ପରୀକ୍ଷା କରାଇଥିଲେ। ସେଥିରେ ସେ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡ଼ିଥିବା ଅଭିଯୋଗ କରିଛନ୍ତି।

ମହିଳାଙ୍କ ଦାବି ଅନୁଯାୟୀ, ଅଭିଯୁକ୍ତ ପୂର୍ବରୁ ନିଜର ଏଚ୍‌ଆଇଭି ପଜିଟିଭ୍ ସ୍ଥିତି ସମ୍ପର୍କରେ ଅବଗତ ଥିଲେ ମଧ୍ୟ ତାହା ଲୁଚାଇ ରଖିଥିଲେ। ଫଳରେ ସେ ଶାରୀରିକ, ମାନସିକ ଓ ସାମାଜିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଏଥିସହ ପୀଡ଼ିତା ଅଭିଯୋଗ କରିଛନ୍ତି ଯେ, ସମ୍ପୃକ୍ତ ଯୁବକ ବର୍ତ୍ତମାନ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତୁତି କରୁଛନ୍ତି। ସେଥିପାଇଁ ଆଉ କାହାର ଜୀବନ ବିପଦରେ ନ ପଡୁ, ଏହାକୁ ଦୃଷ୍ଟିରେ ରଖି ପୁଲିସ ତୁରନ୍ତ ହସ୍ତକ୍ଷେପ କରି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଡାଲିଜାତୀୟ ଫସଲ ନେଇ ସଚେତନତା ଶିବିର

ବାଲିଆପାଳ,୧୮ (ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଯୋଜନା ଅନ୍ତର୍ଗତ ଧାନ ପରବର୍ତ୍ତୀ ପଡିଆ ଜମିରେ ଡାଲିଜାତୀୟ ଫସଲର ଲାଭଜନକ ସଚେତନତା କାର୍ଯ୍ୟକ୍ରମ ଆଜି ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ଅନ୍ତର୍ଗତ ଡାଳୁଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଭାରାପ୍ରାପ୍ତ ସହକାରୀ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ତରୁଣ ମହାପାତ୍ର, ବ୍ଲକ କୃଷି ଅଧିଦର୍ଶକ ଶ୍ରୀମନ୍ତ କିଷ୍କୁ, ଗ୍ରାମ୍ୟ କୃଷି ଅଧିକାରୀ ରାଜୀବ କୁମାର ଜେନା ଏବଂ ବ୍ଲକ କୃଷି ବୈଷୟିକ ପରିଚାଳକ ଦୀପକ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଡାଲି ଜାତୀୟ ଫସଲର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରିଥିଲେ।



# ବ୍ଲକ୍ ଅଫିସରେ ଫାଇଲ, ଗାଁରେ ହାହାକାର

## ଅସ୍ତରଙ୍ଗ ବନ୍ୟାରେ ବ୍ଲକ ପ୍ରଶାସନ ଗାଏବ

## ବିଧାୟକଙ୍କ ପ୍ରଶ୍ନ - ସରକାରୀ ବୋଟ୍ କେଉଁଠି ?

## ବ୍ଲକର କାର୍ଯ୍ୟଶୈଳୀକୁ ନେଇ ଉଠଲା ପ୍ରଶ୍ନ



କାକଟପୁର/ଅସ୍ତରଙ୍ଗ,୧୮ (ସଂଚାର ବ୍ୟୁରୋ)ଃ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ଶାଖା ଦେବୀ ନଦୀରେ ମଧ୍ୟ ଜଳସ୍ତର ବଢ଼ି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ଅପେକ୍ଷା ଶନିବାର ଦେବୀର ଜଳସ୍ତର କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ବ୍ଲକର ୯ଟି ଗ୍ରାମରେ ପାଣି ଜମି ରହିଥିବା ବେଳେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ଏହି ସ୍ଥିତିର ସମୀକ୍ଷା କରିବା ପାଇଁ ଶନିବାର ଅପରାହ୍ନରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଏବଂ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି।

ବିଧାୟକ ଶ୍ରୀ ବେହେରା ପ୍ରଥମେ ବାଉରିଆକଣ ନିକଟରେ ଦେବୀ ନଦୀର ଜଳସ୍ତର ଅନୁଧ୍ୟାନ କରିଥିଲେ। ଏହା ପରେ ସେ ତାଳଦା, ପୁଇଁଚାନ୍ଦିଆ, ନଗର, ଆଳସାହି, ପାଟସୁନ୍ଦରପୁର ଏବଂ ଝାଡଲିଙ୍ଗ ପଂଚାୟତ ଗ୍ରସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପାଣିରେ ବୁଡି ରହିଥିବା ଚାଷ ଜମି ଦେଖି ସେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଚାଷୀ ମାନେ ଅଭିଯୋଗ କରିଥିଲେ ଯେ ବନ୍ୟା ଆସିବାର ୩ ଦିନ ହେଲାଣି କିନ୍ତୁ ବ୍ଲକରୁ କୌଣସି ଅଧିକାରୀ କ୍ଷତି ଆକଳନକୁ ଆସିନାହାନ୍ତି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଧବଳେଶ୍ୱର ନିକଟରେ ୫ଠରୁ ଊର୍ଦ୍ଧ ଗାଈ ଘଣ୍ଟା ଘଣ୍ଟା ଧରି ପାଣି ଘେରରେ ଫସି ରହିଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଗୋଖାଦ୍ୟ କି ପାଣି ଦିଆଯାଇନଥିଲା। ସେହିପରି କାଳିଆକଣ ଏବଂ ପାଟସୁନ୍ଦରପୁର ନିକଟରେ ମାଛ ଗୋଦାମ ବୁଡ଼ିଯିବା ପରେ ମଧ୍ୟ ବ୍ଲକ ପ୍ରଶାସନ ପହଂଚି ମତ୍ସ୍ୟଜୀବିଙ୍କୁ କୌଣସି ଆଶ୍ୱାସନା ଦେଇନଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ସରକାରୀ ବୋଟ ଅଫିସ ଆଗରେ ଶୋଭା ପାଉଥିବା ବେଳେ ମତ୍ସ୍ୟଜୀବୀମାନେ ନିଜ ବୋଟରେ ମଇଁଷି ଓ ଲୋକଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଉଛନ୍ତି।

ଏହି ଅବସରରେ ବିଧାୟକ କାକଟପୁର ଜଳସମ୍ପଦ ବିଭାଗର ଏସଡିଓ ପାୟଲ ପ୍ରିୟଦର୍ଶନୀ ଏବଂ ଯନ୍ତ୍ରୀ ତପନ ନାୟକଙ୍କ ସହ ଆଲୋଚନା କରି ଦେବୀ ନଦୀର ବନ୍ଧ ସ୍ଥିତି ସମ୍ପର୍କରେ ବୁଝିଥିଲେ। ତେବେ ବନ୍ୟା ସମୟରେ ଅସ୍ତରଙ୍ଗ ତହସିଲଦାର ନିଜେ ଏକୁଟିଆ ବିଭିନ୍ନ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ତାଙ୍କର ଏହି ତତ୍ପରତାକୁ ବିଧାୟକ ତୁଷାରକାନ୍ତି ବେହେରା ପ୍ରଶଂସା କରିଥିଲେ।

ବିଧାୟକ ତୁଷାରକାନ୍ତି ବେହେରାଙ୍କ କଡା କଟାକ୍ଷ କହିଛନ୍ତି ଯଦି ୨୪ଘଣ୍ଟା ମଧ୍ୟରେ ସହାୟତା ନପହଞ୍ଚେ ତେବେ ଆନ୍ଦୋଳନ କରିବୁ।

ଧରାପଡ଼ିଲା ଆବାସ ଗୁମର

# ଯୋଗ୍ୟଙ୍କୁ ଘର ଦେବାକୁ ବିଡିଓଙ୍କୁ ତାଗିଦ କଲେ ଯୋଗାଣ ମନ୍ତ୍ରୀ



ଢେଙ୍କାନାଳ,୧।୮ (ସଂଚାର ବ୍ୟୁରୋ): ଢେଙ୍କାନାଳରେ ଆବାସ ଯୋଜନା ତାକୁ ନେଇ ତାତିଲେ ଯୋଗାଣ ମନ୍ତ୍ରୀ। ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଘର ପ୍ରଦାନ ପାଇଁ ଅଧିକାରୀଙ୍କୁ ତାଗିଦ୍ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଗରିବଙ୍କୁ ଘର ଦିଅ ନ ହେଲେ ବଦଳି ହୁଅ ବୋଲି ବିଡିଓଙ୍କୁ ସିଧାସିଧା ଚରମବାଣୀ ଶୁଣେଇଛନ୍ତି ମନ୍ତ୍ରୀ। ଢେଙ୍କାନାଳ ବିଡିଓ ରାହୁଲ ମଣ୍ଡଳଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ଏପରି ତାଗିଦ୍ କରିଛନ୍ତି। ଢେଙ୍କାନାଳ ବ୍ଲକ ଗହମଖୁଣ୍ଟି ଅନ୍ତର୍ଗତ ଧଡ଼ିଆ ନାଏକଙ୍କ ଘର। ଚାଳ ଘରର ଅଧା ଛପର ଉଡ଼ିଗଲାଣି। ପ୍ରତିବର୍ଷ ଗୋଟିଏ ପରେ ଗୋଟିଏ ଜରି ପାଲ ପକାଇ ଦିନ କାଟୁଛନ୍ତି ପରିବାର। ହେଲେ ଏମାନଙ୍କ ମୁଣ୍ଡ ଉପରେ ଏଯାଏଁ ଛାତ ଖଣ୍ଡେ ନାହିଁ। ନିକଟରେ ପ୍ରକାଶ ପାଇଛି ଆବାସ ଯୋଜନାର ଚିଠା ତାଲିକା, ଯେଉଁଥିରେ ଅଯୋଗ୍ୟ ବ୍ୟକ୍ତଙ୍କ ନାଁ ରହିଥିବା ବେଳେ ଅନେକ ଯୋଗ୍ୟ ଉକ୍ତ ତାଲିକାରୁ ବାଦ୍ ପଡ଼ିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ଅନେକ ଗରିବ, ଅସହାୟ, ଅଭାବୀ ପରିବାର ବର୍ଷ ବର୍ଷ ଧରି ଆବାସକୁ ଅପେକ୍ଷା କରି ରହିଥିଲେ। ହେଲେ ଏଥର ବି ଚିଠା ତାଲିକା ଏମାନଙ୍କୁ ନିରାଶ କରିଛି।

ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାରେ ୧ ଲକ୍ଷ ୧୧ ହଜାର ଲୋକ ଆବାସ ପାଇଁ ଆବେଦନ କରିଥିଲେ। ସର୍ଭେ ପରେ ପ୍ରାୟ ୫୦ ହଜାର ଲୋକଙ୍କ ନାଁ ଚିଠା ତାଲିକାରେ ରହିଛି। ତାଲିକାରେ ପ୍ରକାଶ ପରେ ଏବେ ଗାଁ ଗାଁରେ ଦେଖାଦେଇଛି ପ୍ରବଳ ଅସନ୍ତୋଷ। ଅଭିଯୋଗ ପାଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ବ୍ଲକ୍ ଗହମଖୁଣ୍ଟି ଗାଁରେ ପହଞ୍ଚିଥିଲେ। ପରଖିଥିଲେ, କେମିତି ଭଙ୍ଗା ଚାଳ ଘରେ ଲୋକ ରହୁଛନ୍ତି। ହେଲେ ସେମାନଙ୍କ ନାଁ ତାଲିକାରେ ନାହିଁ। ବୁଲି ବୁଲି ଘର ଦେଖିଥିଲେ, ଲୋକଙ୍କ ସହ କଥା ହୋଇଥିଲେ। ଅଭିଯୋଗର ସତ୍ୟାସତ୍ୟ ଜାଣିବା ପରେ ଅଧିକାରୀଙ୍କ ଉପରେ ବର୍ଷିଥିଲେ ମନ୍ତ୍ରୀ। ତୁରନ୍ତ ଯୋଗ୍ୟ ଲୋକଙ୍କୁ ସାମିଲ କରିବାକୁ ସେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୨୦୨୯ ସୁଦ୍ଧା ସହରରେ ସମସ୍ତଙ୍କୁ ମିଳିବ ଘର



## ୧,୬୧୫ କୋଟିର ବ୍ୟୟ ଅଟକଳକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ଓଡ଼ିଶାର ସହରାଞ୍ଚଳରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟ କ୍ୟାବିନେଟ୍ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ-୨'ର ସଫଳ ରୂପାୟନ ପାଇଁ 'ବନ୍ଧୁ ଯୋଜନା'କୁ ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ରାଜ୍ୟ ସରକାରଙ୍କ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ଭିଜନ୍ ସହ ଜଡ଼ିତ, ଯାହାର ଲକ୍ଷ୍ୟ ହେଉଛି ସହରାଞ୍ଚଳରେ ପକ୍କାଘରର ପରିସରକୁ ୨୦୨୪ର ୫୯ ପ୍ରତିଶତରୁ ବୃଦ୍ଧି କରି ୨୦୨୯ ସୁଦ୍ଧା ୯୦ ପ୍ରତିଶତରେ ପହଞ୍ଚାଇବା।

ଏହି ଯୋଜନା ମାଧ୍ୟମରେ ୨୦୨୫-୨୦୩୦ ଅବଧି ମଧ୍ୟରେ ରାଜ୍ୟର ସମସ୍ତ ୧୧୫ଟି ସହରାଞ୍ଚଳ ଓ ନୂତନ ଭାବେ ଗଠିତ ୨୮ଟି ସହରାଞ୍ଚଳ ସମେତ ଅତିରିକ୍ତ ୩.୦ରୁ ୩.୫ ଲକ୍ଷ ପରିବାରକୁ ବାସଗୃହ ଯୋଗାଇ ଦିଆଯିବ। ୨୦୨୯ ପର୍ଯ୍ୟନ୍ତ ଏହି ଯୋଜନାର ମୂଳଧନ ଓ ରାଜସ୍ୱ ଖର୍ଚ୍ଚ ଭରଣା ପାଇଁ କ୍ୟାବିନେଟ୍ ମୋଟ ୧,୬୧୫ କୋଟି ଟଙ୍କାର ବଜେଟ ମଞ୍ଜୁର କରିଛନ୍ତି। ସହରୀ ନାଗରିକଙ୍କ ବିଭିନ୍ନ ଆବାସିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଯୋଜନାକୁ ୪ଟି ପ୍ରମୁଖ ଆର୍ଥିକ ଭାଗରେ ବିଭକ୍ତ କରାଯାଇଛି: ୬୭୫ କୋଟି ଟଙ୍କା ବ୍ୟୟବରାଦ ସହ ଭାଗିଦାରୀରେ ସୁଲଭ ଆବାସ, ସୁଲଭ ଭଡ଼ାଘର ଓ ଅସ୍ଥାୟୀ ରହିବା ଘର ପାଇଁ 'ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ' ଯୋଗାଇ ଦିଆଯିବ। ଏହାଦ୍ୱାରା ହାତପାହାନ୍ତାରେ ଛୋଟ ସହରଗୁଡ଼ିକରେ ଆବାସିକ ପ୍ରକଳ୍ପଗୁଡ଼ିକର ନିର୍ମାଣ ସହଜ ହେବ। ହିତାଧିକାରୀଙ୍କୁ ସିଧାସଳଖ ଆର୍ଥିକ ସହାୟତା ପାଇଁ ୬୮୫ କୋଟି ଟଙ୍କା ରଖାଯାଇଛି। ଘର ନିର୍ମାଣ ସମୟରେ ହିତାଧିକାରୀଙ୍କ ନିଜସ୍ୱ ଶ୍ରମ ଦାନ କିମ୍ବା ଜୀବିକାରେ ହେଉଥିବା ଅସ୍ଥାୟୀ କ୍ଷତିର ଭରଣା ସହ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ପରିବାରଗୁଡ଼ିକୁ ସୁଲଭ ସୁଧ ହାରରେ ଆନୁଷ୍ଠାନିକ ଋଣ ଯୋଗାଇଦେବା ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାସହ ସବୁଠାରୁ ଗରିବ ପରିବାରଗୁଡ଼ିକୁ ସୁଧ ରିହାତି ଦିଆଯିବ। ସହରୀ ପୁନର୍ବିକାଶ, କ୍ଲଷ୍ଟର ହାଉସିଂ ଓ ବସ୍ତି ପୁନରୁଦ୍ଧାର ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ପରିବାରଗୁଡ଼ିକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେବା ପାଇଁ ୧୨୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ତିନି ମାସ ଭିତରେ ସମାଧାନ ପନ୍ଥା ବାହାରିବ



ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ

ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ଗଣମାଧ୍ୟମକୁ ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେବା ସହିତ ତାଙ୍କର ଦିଲ୍ଲୀଗସ୍ତ ବାବଦରେ ବିବୃତି ରଖିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ତିନିଦିନିଆ ଦିଲ୍ଲୀଗସ୍ତରୁ ଫେରିବା ପରେ ଆଜି କହିଛନ୍ତି ଯେ ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ କହିଥିଲେ ଯେ ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହ ସେ ଯୋଗଦେଇଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୈଠକରେ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୁଳର ହିତ ଓ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧୀନରେ ଗଠିତ ଏକ ବୈଷୟିକ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଓ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ।

# ୩ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

● ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମଙ୍କ ଜାମିନ୍ ଆବେଦନ ଶୁଣାଣି ଶେଷ, ରାୟ ସଂରକ୍ଷିତ



ବ୍ରହ୍ମପୁର,୧।୮ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ହାଇକୋର୍ଟରେ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଅଭିଯୁକ୍ତ ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ହୋଇଛି। କୋର୍ଟ ଉଭୟ ପକ୍ଷର ଓକିଲଙ୍କଠାରୁ ସମସ୍ତ କାଗଜପତ୍ର ଗ୍ରହଣ କରିଥିଲେ। ଜାମିନ୍ ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଥିବା ସୂଚନା ଦେଇଛନ୍ତି ଅଭିଯୁକ୍ତଙ୍କ ଓକିଲ ଦୀପକ କୁମାର ପଟ୍ଟନାୟକ।

ସୂଚନାଯୋଗ୍ୟ ଯେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ଗତ ୧୫ରେ ହୋଇଥିଲା। ସେତେବେଳେ ରାୟ ପାଇଁ ଅପେକ୍ଷା ରହିଥିବା ବେଳେ ଆଜି ପୁଣି ଏହାର ଶୁଣାଣି ହୋଇଛି। ଗତ ବର୍ଷ ଅକ୍ଟୋବର ୬ ତାରିଖ ରାତିରେ ପୀତବାସଙ୍କୁ ହତ୍ୟା କରିଥିଲେ ଦୁର୍ବୃତ୍ତ। ଏହି ମାମଲାରେ ଅକ୍ଟୋବର ୨୨ ତାରିଖରେ ବିକ୍ରମଙ୍କ ସହ ୧୨ ଜଣଙ୍କୁ ଗିରଫ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ଆଉ ୪ ଜଣ ଗିରଫ ହୋଇଥିଲେ। ସମସ୍ତେ ଜେଲ୍‌ରେ ଥିବା ବେଳେ ଜଣେ ଅଭିଯୁକ୍ତକୁ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ୍ କୋର୍ଟରୁ ଜାମିନ୍ ମିଳିସାରିଛି। ହତ୍ୟାରେ ବ୍ୟବହାର ହୋଇଥିବା ବାଇକ ସେ ଚୋରି କରିଥିବା ଅଭିଯୋଗ ରହିଥିଲା। ଅନ୍ୟ ୧୫ ଜଣ ଅଭିଯୁକ୍ତ ଏବେ ଜେଲ୍‌ରେ ଅଛନ୍ତି। ଅନ୍ୟ ଅଭିଯୁକ୍ତମାନେ ବି ଜାମିନ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଜିଲ୍ଲା କୋର୍ଟ ସେମାନଙ୍କ ଜାମିନ ଖାରଜ କରିଥିବା ବେଳେ ସେମାନେ ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଜାମିନ୍ ଆବେଦନର ଶୁଣାଣି ଅନ୍ୟ ଏକ ବେଞ୍ଚରେ ଚାଲିଛି। ଅନ୍ୟପକ୍ଷରେ ଅଭିଯୁକ୍ତ କୁରୁପତି ଭୂୟାଁ, କୁନ୍ଦନ କୁମାର, ଶିଶୁପାଳ ପାଶ୍ୱାନ୍, ସୀମାଞ୍ଚଳ ନାୟକ, ବିପିନ ସ୍ୱାଇଁ, ଶୂନ୍ୟ ଦାସଙ୍କ ଡିସଚାର୍ଜ ପିଟିସନ୍‌ର ଶୁଣାଣି ଗତକାଲି ଗଞ୍ଜାମ ଅତିରିକ୍ତ ଜିଲ୍ଲା କୋର୍ଟରେ ସରିଛି। ଦୁଇ ପକ୍ଷ ଓକିଲଙ୍କ ଜବାବସୁଆଲ ସରିଥିବା ବେଳେ ରାୟ ସଂରକ୍ଷିତ ରହିଥିବା ଆଇନଜୀବୀ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି।

# ହସ୍ପିଟାଲ ସାମ୍ନାରେ ମୃତଦେହ ରଖି ପ୍ରତିବାଦ



ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଶିଶୁ ଭବନ ଛକରେ ରାସ୍ତା ଉପରେ ମୃତଦେହ ରଖି ମା' ପ୍ରତିବାଦ କରିଛି। ଚିକିତ୍ସା ଅବହେଳାରୁ ଛୁଆକୁ ମାରିଦେଇଥିବା ଅଭିଯୋଗ ହୋଇଛି। ଅଙ୍କୁରା ହସ୍ପିଟାଲ ସାମ୍ନାରେ ଛୁଆର ମୃତଦେହ ରଖି ପ୍ରତିବାଦ କରିଛନ୍ତି। ଡାକ୍ତର ଓ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମଧ୍ୟ ଦାବି କରାଯାଇଛି। ରାସ୍ତା ଉପରେ ଲୋକଙ୍କ ଭିଡ଼ ଯୋଗୁଁ ଉକ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ସେପଟେ ଘଟଣା ସମ୍ପର୍କରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମା' ଓ ପରିବାର ଲୋକଙ୍କ ସହ ଆଲୋଚନା କରିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣି ପରିବାର ଲୋକେ ରାସ୍ତା ଉପରେ ବସିଛନ୍ତି। ୯ ବର୍ଷର ଶିଶୁର ବାନ୍ତି ହେବାରୁ ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାକୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିଲା। ମା' ତାଙ୍କ ସୁନା ଅଳଙ୍କାର ବିକ୍ରି କରି ଚିକିତ୍ସା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ। ହେଲେ ହସ୍ପିଟାଲ ଦୁଇ ଦିନ ତଳୁ ବ୍ରେନ୍ ଡେଡ୍ କହି ଚିକିତ୍ସା କରାଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏବେ ଛୁଆର ମୃତଦେହ ରାସ୍ତାରେ ରଖି ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଛନ୍ତି ପରିବାର ଲୋକେ। ଫଳରେଉକ୍ତେ ରାସ୍ତାରେ ଯାନବାହନ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ଫିଲ୍ମ ଷ୍ଟାଇଲ୍‌ରେ ଲୁଟ୍

# ଖୁଚୁରା ପକାଇ ଲୁଟିନେଲେ ୫ ଲକ୍ଷ ଟଙ୍କା



ଗଜପତି,୧।୮ (ସଂଚାର ବ୍ୟୁରୋ): ଦିନଦ୍ୱିପ୍ରହରେ ବ୍ୟାଙ୍କ ସାମ୍ନାରେ ଫିଲ୍ମ ଷ୍ଟାଇଲରେ ହୋଇଛି ଲୁଟ୍। ରାସ୍ତାରେ ଖୁଚୁରା ଟଙ୍କା ପକାଇ ୫ ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ନେଇ ଲୁଟେରାମାନେ ଫେରାର ହୋଇଯାଇଛନ୍ତି। ଘଟଣାଟି ସମସ୍ତଙ୍କୁ ଚକିତ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଜଣେ ସନ୍ଦିଗ୍ଧଙ୍କୁ କାବୁ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କର ସନ୍ଧାନ ଜାରି ରଖିଛି। ଘଟଣାଟି ପାରଳାଖେମୁଣ୍ଡି ସହରର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଘଟିଛି। ସାଇଲଡ଼ା ଗ୍ରାମର ଏମ୍. ସୂରିୟା ରାଓ ଘର କାମ ପାଇଁ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ବାହାରୁଥିଲେ। ତେବେ ତାଙ୍କର ପ୍ରତ୍ୟେକ ଗତିବିଧି ଉପରେ ପୂର୍ବରୁ ଲୁଟେରାମାନେ ନଜର ରଖିଥିଲେ। ସେମାନେ କିଛି ବାଟ ଗଲା ପରେ ରାସ୍ତାରେ କିଛି ଖୁଚୁରା ପଇସା ପକାଇ ସୂରିୟାଙ୍କୁ ଅନ୍ୟମନସ୍କ କରିଦେବା ସକାଶେ ଉଦ୍ୟମ କରିଥିଲେ। ସୂରିୟା ମଧ୍ୟ ସେମାନଙ୍କ ଯୋଜନାର ଟେର୍ ପାଇନଥିଲେ। ତେଣୁ ସେ ଖୁଚୁରା ଟଙ୍କା ଉଠାଇବାରେ ବ୍ୟସ୍ତ ରହିଥିଲେ। ଏହାର ଫାଇଦା ନେଇ ଲୁଟେରାମାନେ ଗାଡ଼ିରେ ରଖାଯାଇଥିବା ୫ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ନେଇ ଚମ୍ପଟ୍ ମାରିଥିଲେ। ସବୁକିଛି ଏତେ ଦ୍ରୁତ ବେଗରେ ଘଟିଥିଲା ଯେ ସୂରିୟା କିଛି ବୁଝିବା ପୂର୍ବରୁ ଟଙ୍କା ଗାଏବ ହୋଇଯାଇଥିଲା। ଘଟଣା ପରେ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ବ୍ୟାଙ୍କ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ୪ଜଣିଆ ଏକ ଗ୍ୟାଙ୍ଗ ଏହି ଲୁଟ୍‌ରେ ସାମିଲ ଥିବା ଜଣାପଡ଼ିଛି। ପୁଲିସ ମଧ୍ୟ ଜଣେ ସନ୍ଦିଗ୍ଧଙ୍କୁ କାବୁ କରିଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରଖିଛି। ପୋଲିସର ପ୍ରାଥମିକ ତଦନ୍ତରୁ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ପାରଳାଖେମୁଣ୍ଡି ଏବଂ ଆଖପାଖ ଅଞ୍ଚଳରେ ପୂର୍ବରୁ ଘଟିଥିବା ଏକାଧିକ ଲୁଟ୍‌କାଣ୍ଡରେ ମଧ୍ୟ ଏହି ଗ୍ୟାଙ୍ଗର ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି।

# ବନ୍ୟାରେ ୯ ଜିଲ୍ଲାର ୪.୮୮ ଲକ୍ଷ ପଶୁ ପ୍ରଭାବିତ

## ୫୮ ଭେଟନାରୀ ର୍‍ୟାପିଡ୍ ଟିମ୍ ମୁତୟନ

ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ଚଳିତ ବନ୍ୟାରେ ୯ ଜିଲ୍ଲାର ୪ ଲକ୍ଷ ୮୮ ହଜାର ୮୬୮ ପଶୁ ପ୍ରଭାବିତ ହୋଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପଶୁଙ୍କ ଚିକିତ୍ସା ପାଇଁ ବିଭାଗ ପକ୍ଷରୁ ୫୮ଟି ଭେଟନାରୀ ରାପିଡ୍ ଟିମ୍ ମୁତୟନ ହୋଇଛନ୍ତି। ୨୪୫ ସ୍ଥାନରେ ହେଲ୍ଥ କ୍ୟାମ୍ପ ହୋଇଛି। ୧୫ ହଜାର ପଶୁଙ୍କୁ ଚିକିତ୍ସା ସହ ୨୬୩ ମେଟ୍ରିକ ଟନ ଖାଦ୍ୟ ଯୋଗାଇ ଦିଆଯାଇଛି। ୧୯୬୨ ହେଲ୍ପ ଲାଇନ୍ ନମ୍ବର ଜାରି ହୋଇଥିବା ବେଳେ ଏହା ୨୪ ଘଣ୍ଟା ଖୋଲା ରହିଛି। ବନ୍ୟାରେ ଗୃହପାଳିତ ପଶୁ ଫସିଥିଲେ ଟିମ୍ ଯାଇ ଉଦ୍ଧାର କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଗତକାଲି ସୁଦ୍ଧା ପଶୁ ସମ୍ପଦ ଓ ପ୍ରାଣୀ ଚିକିତ୍ସା ବିଭାଗର ତଥ୍ୟ ଅନୁସାରେ ରାଜ୍ୟର ୯ଟି ଜିଲ୍ଲାର ୪୫ଟି ବ୍ଲକର ୩୯୮ଟି ଗ୍ରାମ ପଞ୍ଚାୟତ ଏବଂ ୧,୩୪୧ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ବନ୍ୟାରେ ମୋଟ ୪ ଲକ୍ଷ ୮୮ ହଜାର ୮୬୮ଟି ପଶୁ ପ୍ରଭାବିତ ହୋଇଛନ୍ତି। ଏଥିରେ ୩ ଲକ୍ଷ ୧୧ ହଜାର ୫୧୨ଟି ବଡ଼ ପଶୁ ଏବଂ ୧ ଲକ୍ଷ ୭୭ ହଜାର ୩୫୬ଟି ଛୋଟ ପଶୁ ରହିଛନ୍ତି। ଏହାଛଡ଼ା ୨ ଲକ୍ଷ ୩୩ ହଜାର ୭୬୩ଟି କୁକୁଡ଼ା ମଧ୍ୟ ବନ୍ୟାର ପ୍ରଭାବରେ ଆସିଛନ୍ତି। ପଶୁମାନଙ୍କ ସୁରକ୍ଷା ପାଇଁ ୫୮ଟି ର୍‍ୟାପିଡ୍ ରେସପନ୍ସ ଟିମ୍ ଗଠନ କରାଯାଇଛି। ୨୪୫ଟି ପଶୁ ଚିକିତ୍ସା ଶିବିର ମାଧ୍ୟମରେ ୧୫ ହଜାର ୧୭୯ଟି ପଶୁଙ୍କ ଚିକିତ୍ସା କରାଯାଇଛି। ବନ୍ୟା ପୂର୍ବରୁ ୬ ଲକ୍ଷ ୪୬ ହଜାର ୮୨୫ଟି ଏବଂ ବନ୍ୟା ପରେ ୧୧ ହଜାର ୮୦୦ଟି ଟିକା ପ୍ରଦାନ କରାଯାଇଛି। ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୮୦୦ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଣ୍ଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଣ୍ଟାଲ ଶୁଖିଲା ଘାସ/ନଡ଼ା ବଣ୍ଟନ କରାଯାଇଛି। ତେବେ ବନ୍ୟାରେ ୫ଟି ବଡ଼ ପଶୁ, ୧୨୦ଟି ଛୋଟ ପଶୁ ଓ ୮୦ ହଜାର ୯୦୦ଟି କୁକୁଡ଼ାର ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ମାଛ ଧରିବାକୁ ଯାଇ ଯୁବକ ନିଖୋଜ

ନୂଆପଡ଼ା,୧।୮ (ସଂଚାର ବ୍ୟୁରୋ): ଉଦନ୍ତୀ ନଦୀ ପାଣିରେ ଜଣେ ଯୁବକ ଭାସିଯାଇଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ଉଦନ୍ତୀ ନଦୀକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ପାଣିରେ ଭାସି ନିଖୋଜ ହୋଇଯାଇଥିଲେ। ନିଖୋଜ ଯୁବକ ଜଣଙ୍କ ହେଉଛନ୍ତି ସିନାପାଲି ଥାନା ଅନ୍ତର୍ଗତ ଡୁମେରବାହାଲ ଗାଁର ରାଜେଶ କୁମାର ଚିନ୍ଦା। ମିଳିଥିବା ସୂଚନାନୁଯାୟୀ, ରାଜେଶ ଜାଲ ଧରି ଉଦନ୍ତୀ ନଦୀରେ ମାଛ ଧରିବାକୁ ଯାଇଥିଲେ। ହେଲେ ମାଛ ମାରିବା ସମୟରେ ନଦୀର ବନ୍ୟାଜଳ ସ୍ରୋତରେ ସେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ରାଜେଶଙ୍କ ପରିବାର ପକ୍ଷରୁ ସିନାପାଲି ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ସିନାପାଲି ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ନିଖୋଜ ଯୁବକଙ୍କର କୌଣସି ପତ୍ତା ମିଳିପାରିନାହିଁ।



# ଦୁଇ ଶିକାରୀ ଗିରଫ

## ୨ ଦେଶୀ ବନ୍ଧୁକ ସହ ଶିକାର ସରଞ୍ଜାମ ଜବତ



ନୀଳଗିରି,୧।୮ (ସଂଚାର ବ୍ୟୁରୋ): ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ବିଳମ୍ବିତ ରାତିରେ କୁଲଡ଼ିହା ବନ୍ୟଜୀବ ରେଞ୍ଜର୍ ଏକ ମିଳିତ ପ୍ରବର୍ତ୍ତନ ଦଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ଶାଳଘାଟି ଗ୍ରାମରେ ଚଢ଼ାଉ କରି ୨ ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ଏଥିସହ ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କୁଲଡ଼ିହା ଅଭୟାରଣ୍ୟ ଭାରପ୍ରାପ୍ତ ରେଞ୍ଜର୍ ସୌମ୍ୟରଞ୍ଜନ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧୀନସ୍ଥ ଶାଳଘାଟି ନିକଟସ୍ଥ କାଲାଡାହି ଗ୍ରାମର ସ୍ୱର୍ଗତଃ ସମାଏ ହାଁସଦାଙ୍କ ପୁଅ ଜିତୁ (୬୫) ଓ ଉକ୍ତ ଗ୍ରାମର ସ୍ୱର୍ଗତଃ ଗୁରା ସିଂଙ୍କ ପୁଅ ଦୁର୍ଗା (୪୮)ଙ୍କ ଘରେ ଖାନତଲାସୀ ସମୟରେ ୨ଟି ଦେଶୀ ନଳ ବନ୍ଧୁକ, ୭ଟି ଫାଶ ଜାଲ ବାଣ୍ଡୁଲି, ୩୦ଟି ଝିଙ୍କ କଣ୍ଟା, ଗୋଟିଏ ଲେଖାଏଁ ଦେଶୀ ବନ୍ଧୁକର ନଳ ଓ ବିଲ୍ ହୁକ୍ ଜବତ କରାଯାଇ କୁଲଡିହା ବନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ର ସମ୍ପୃକ୍ତ ଧାରା ଅନୁଯାୟୀ ଅସ୍ତ୍ରଶସ୍ତ୍ର, ବନ୍ୟଜୀବ ସାମଗ୍ରୀ, ଶିକାର ଉପକରଣର ଆଇନ ବିରୁଦ୍ଧ ଅଧିକାର ଓ କୁଲଡ଼ିହା ବନ୍ୟଜୀବ ଅଭୟାରଣ୍ୟରେ ଅନଧିକୃତ ପ୍ରବେଶ ପାଇଁ ଓଆରଓ୫କେ/୨୦୨୬-୨୭ରେ ଏକ ବନ୍ୟଜୀବ ଅପରାଧ ମାମଲା ରୁଜୁ କରାଯିବା ସହ ୨ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୪୦ ଫୁଟ ତଳକୁ ଖସିଲା ବାଇକ୍

## ୧ ମୃତ, ଜଣେ ଗୁରୁତର





ଗୁଣୁପୁର,୧।୮ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ ଆରାଡୁଲ୍ ଘାଟିରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଭାରସାମ୍ୟ ହରାଇ ପ୍ରାୟ ୪୦ ଫୁଟ ତଳକୁ ଖସିପଡ଼ିବାରୁ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଅରମଡ଼ା ଗ୍ରାମର ପ୍ରଦୀପ କୁମାର ଲିମା (୩୦ ବର୍ଷ)। ସେହିପରି ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣଙ୍କ ଅଶ୍ୱିନୀ ଜେନା (୩୪ ବର୍ଷ) ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିବା ବେଳେ ଅଶ୍ୱିନୀଙ୍କ ଚିକିତ୍ସା ଚାଲିଛି। ଅଶ୍ୱିନୀଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଉଭୟ ପ୍ରଦୀପ ଓ ଅଶ୍ୱିନୀ ଗୁଣୁପୁରସ୍ଥିତ ଆର୍‌କେ ଟେଷ୍ଟ ହାଉସରେ କର୍ମଚାରୀ ଥିଲେ। ବକେୟା ଟଙ୍କା ଆଦାୟ ପାଇଁ ସେମାନେ ସର୍ଗିଆସିଂ ଗ୍ରାମକୁ ବାଇକ୍‌ରେ ଯାଉଥିବା ସମୟରେ ଆରାଡୁଲ୍ ଘାଟିରେ ଭାରସାମ୍ୟ ହରାଇ ବାଇକ୍‌ଟି ୪୦ ଫୁଟ ତଳକୁ ଖସିପଡ଼ିଥିଲା। ଖବର ପାଇ ପୁଟାସିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଥିବା ପୁଟାସିଂ ଥାନାଧିକାରୀ ବିଦ୍ୟୁଲତା ନାୟକ ପ୍ରକାଶ କରିଛନ୍ତି।

ପୁଲିସ୍‌କୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ

# ବିଲ୍ଡରଙ୍କ ଘରୁ ଦେଢ଼ କୋଟିର ସମ୍ପତ୍ତି ଲୁଟ୍



ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ପୁଲିସକୁ ଅପରାଧୀମାନେ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ। ଘରେ ପଶି ଲୁଟିନେଇଛନ୍ତି ପାଖାପାଖି ଦେଢ଼ କୋଟି ଟଙ୍କାର ସମ୍ପତ୍ତି। ଏଥିସହ ସମସ୍ତ ପ୍ରକାର ପ୍ରମାଣ ନଷ୍ଟ କରିବା ସକାଶେ ସେମାନେ ସାଙ୍ଗରେ ନେଇଯାଇଛନ୍ତି ସିସିଟିଭି ହାର୍ଡଡିସ୍କ। ଏଥିସହ କିଛି ଦିନର ନୀରବତା ପରେ ରାଜଧାନୀରେ ଏବେ ପୁଣି ସକ୍ରିୟ ହୋଇଛନ୍ତି ଚୋର ଗ୍ୟାଙ୍ଗ୍। ଘରେ କେହି ନ ଥିବାର ସୁଯୋଗ ନେଇ ତାଲା ଭାଙ୍ଗି ଲୁଟେରାମାନେ ଦେଢ଼ କୋଟି ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ରାଜଧାନୀର ଲକ୍ଷ୍ମୀସାଗର ଥାନାଞ୍ଚଳରେ ରହୁଥିବା ବିଲଡର ପ୍ରୀତମ ଜେନାଙ୍କ ଘରକୁ ଟାର୍ଗେଟ୍ କରିଥିଲେ ଏହି ଲୁଟେରା। ପ୍ରୀତମ ତାଙ୍କ ପରିବାର ସହ ବାହାରକୁ ଯାଇଥିବା ସମୟରେ ଲୁଟେରାମାନେ ଏହି କାଣ୍ଡ ଭିଆଇଛନ୍ତି। ଡ୍ରାଇଭର ଘରକୁ ଗାଡ଼ି ରଖିବା ସମୟରେ କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇ ପ୍ରୀତମ୍‌ଙ୍କୁ ଖବର ଦେଇଥିଲେ। ପ୍ରୀତମ୍ ଘରେ ପହଞ୍ଚି ଦେଖିବା ବେଳକୁ ଘର ଭିତରେ ଥିବା ସବୁକିଛି ଲୁଟ୍ ହୋଇଯାଇଛି। ଚୋରମାନେ ନଗଦ ଟଙ୍କା, ସୁନା ଗହଣା, ଦାମୀ ଆସବାବପତ୍ର ଆଦି ନେଇଯାଇଥିବା ପ୍ରୀତମ୍ ଅଭିଯୋଗ କରିଛନ୍ତି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ଚୋରି ସମ୍ପତ୍ତିର ମୂଲ୍ୟ ଦେଢ଼ କୋଟି ହେବ।

# ନଗର ଉନ୍ନୟନ ବିଭାଗରେ ବିଜେଡି ମାର୍କା ଯନ୍ତ୍ରୀ/ଅଫିସରଙ୍କର ରାଜ୍




● ସେବା ମା' ଏବେ ମାଉସୀ ଘର
● ପଠାଉଛନ୍ତି ଭିତିରି ଖବର

ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ): ରାଜ୍ୟରେ ସରକାର ବଦଳିବା ଦୁଇ ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମେତ ଏହା ଅଧିନରେ ଥିବା ବିଭିନ୍ନ ସଂସ୍ଥାରେ ବିଜେଡି ମାର୍କା ଯନ୍ତ୍ରୀ ଓ ଅଫିସରମାନେ ରାଜ୍ କରୁଛନ୍ତି। ବିଜେଡି ସରକାର ସମୟରେ ଯେଉଁମାନେ ବିଭାଗ ସେମାନଙ୍କର ମା' ବୋଲି କହି ମାଲେମାଲ ହେଉଥିଲେ, ଏବେ ସେହି ମୁହଁରେ ବିଭାଗକୁ ମାଉସୀ ବୋଲି କହି ଢେର ରୋଜଗାର କରୁଥିବା ନେଇ ଆଲୋଚନା ଜୋର ଧରିଛି।

ନଗର ଉନ୍ନୟନ ବିଭାଗ ଅଧିନରେ ରହିଛି ୱାଟ୍‌କୋ, ଜନସ୍ୱାସ୍ଥ୍ୟ ଭଳି ଦୁଧିଆଳି ସଂସ୍ଥା। ଏହାଛଡ଼ା ସୁଡା ଓ ପୌର ସଂସ୍ଥାଗୁଡ଼ିକ ବି ବିଭାଗ ହାତରେ ରହିଛି। ଏଠାରେ ସରକାରୀ ବାବୁଙ୍କ ସମେତ ମାଳମାଳ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି, ଯେଉଁ ଅଫିସର ଓ ଯନ୍ତ୍ରୀମାନେ ବିଜେଡି ସରକାରଙ୍କର ଗେହ୍ଲାପୁଅ ହୋଇ ବିଭାଗରେ ଗାଦିମାଡ଼ି ବସିଥିଲେ ସରକାର ବଦଳିବା ପରେ ବି ସେମାନେ ଗାଦି ଛାଡ଼ିନାହାନ୍ତି। କାଳେ କାହା ନଜରରେ ପଡ଼ିବେ, ସେଥିପାଇଁ ଏ ଡିଭିଜନରୁ ସେ ଡିଭିଜନ ହେଉଛନ୍ତି।

ବିଭାଗରେ ଥିବା କିଛି ଯନ୍ତ୍ରୀମାନେ ଏବେ ବି ପୂର୍ବ ସରକାର ପ୍ରତି ଅତ୍ୟନ୍ତ ଅନୁଗତ ହୋଇ ରହିଛନ୍ତି। ଆବଶ୍ୟକ ପଡ଼ିଲେ ଭିତିରି ଖବର ପଠାଉଛନ୍ତି। ପୂର୍ବ ସରକାର ସମୟରେ ଯେଭଳି ଭାବେ ମନ ମୁତାବକ ସୁପାରିସ୍ କରୁଥିଲେ ଓ କାମ ଦେଉଥିଲେ ବିଶେଷକରି କାମ ଜରିଆରେ ଶାସକ ଦଳର ନେତାମାନଙ୍କୁ ସନ୍ତୁଷ୍ଟ କରି ରଖୁଥିଲେ ବର୍ତ୍ତମାନେ ସେହି ଧାରା ଅବ୍ୟାହତ ରହିଛି। କାଳେ ଶାସକ ଦଳର ନେତାମାନଙ୍କ ନଜରରେ ପଡ଼ିବେ ସେଥିପାଇଁ ନାମ ସାଙ୍ଗିଆ ବଦଳାଇ କାମ ଦେବା ସହ ସେମାନଙ୍କ ଜରିଆରେ ସମ୍ପର୍କ ରଖିଛନ୍ତି।

ବିଶେଷକରି ୱାଟ୍‌କୋ ଓ ଜନସ୍ୱାସ୍ଥ୍ୟ ସଂସ୍ଥାର ବାବୁମାନେ ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ରାଜଧାନୀ ସହର ବାହାରକୁ ବଦଳି ହେଲେ ପୂର୍ବ ସରକାରରେ ସେବା ଯୋଗାଇଥିବା ବାବୁମାନଙ୍କ ନିକଟରେ ହାଜର ହୋଇ ବଦଳି ବାତିଲ ପାଇଁ ଲବି କରୁଛନ୍ତି। କେତେକ ଏ କ୍ଷେତ୍ରରେ ମଧ୍ୟ ସଫଳ ହେଉଛନ୍ତି। ମା' ମାଉସୀ ଫର୍ମୁଲା ପକାଇ ରାଜଧାନୀରେ ରହିଥିବା ଏହି ବିଜେଡି ମାର୍କା ଯନ୍ତ୍ରୀ ବାବୁମାନଙ୍କର ତାଲିକା ଏବେ ପ୍ରସ୍ତୁତ ହେଉଥିବା ଜଣାଯାଇଛି। ବିଶେଷକରି ବିଜେଡି ସରକାର ସମୟରେ କେଉଁ କେଉଁମାନଙ୍କ ସହ ଏମାନେ ଯୋଡ଼ିହୋଇଥିଲେ ତାହାର ତାଲିକା ହେଉଛି। ତାଲିକା ପ୍ରସ୍ତୁତ ପରେ ସରକାର ଏମାନଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଲୋଚନା ଜୋର୍ ଧରିଥିବାବେଳେ ଅନେକ ଯନ୍ତ୍ରୀ ଏବେ ଆତଙ୍କରେ ରହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୨୦୨ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହେଲା ବାଣିଜ୍ୟକ ଏଲ୍‌ପିଜି ସିଲିଣ୍ଡର



ନୂଆଦିଲ୍ଲୀ,୧।୮ : ଅଗଷ୍ଟ ମାସର ପ୍ରଥମ ଦିନରେ ଏକ ଖୁସି ଖବର ଆସିଛି। ଦେଶର ସରକାରୀ ତେଲ ମାର୍କେଟିଂ କମ୍ପାନିଗୁଡ଼ିକ ୧୯ କିଲୋଗ୍ରାମର ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୨୦୯ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିଛନ୍ତି। ଏହି ହ୍ରାସ ପରେ କୋଲକାତାରେ ଏହାର ମୂଲ୍ୟ ବର୍ତ୍ତମାନ ୨,୮୭୨.୫୦ ଟଙ୍କା ହୋଇଛି। ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ଘଟିଥିବାର ସୂଚନା ମିଳିନାହିଁ। ଦିଲ୍ଲୀରେ ୧୯ କିଲୋଗ୍ରାମର ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୯୨ ଟଙ୍କା ହ୍ରାସ ପାଇଛି, ଯାହା ଫଳରେ ଏହାର ନୂତନ ମୂଲ୍ୟ ୨୭୩୮ ଟଙ୍କା ହୋଇଛି। ପୂର୍ବରୁ ଦିଲ୍ଲୀରେ ଏହାର ମୂଲ୍ୟ ୨୯୩୦ ଥିଲା। ପାଟନାରେ ମୂଲ୍ୟ ୩୨୨୭ ଟଙ୍କାରୁ ହ୍ରାସ ପାଇ ୩,୦୧୮ ଟଙ୍କା ହୋଇଛି। ଏହି ସିଲିଣ୍ଡରଗୁଡ଼ିକ ହୋଟେଲ, ରେଷ୍ଟୁରାଣ୍ଟ, ଢାବା, କ୍ୟାଟରିଂ ସେବା ଇତ୍ୟାଦି ପ୍ରଦାନ କରୁଥିବା ବ୍ୟବସାୟଗୁଡ଼ିକ ଦ୍ୱାରା ବ୍ୟବହୃତ ହୁଏ।

ପୂର୍ବରୁ, ୧ ଜୁଲାଇରେ ୧୯ କିଲୋଗ୍ରାମର ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ମଧ୍ୟ ହ୍ରାସ କରାଯାଇଥିଲା। ସେତେବେଳେ ଦିଲ୍ଲୀରେ ଏହାର ମୂଲ୍ୟ ୧୮୩.୫୦ ଥିଲା। ସେତେବେଳେ ମଧ୍ୟ ଘରେ ବ୍ୟବହୃତ ୧୪.୨ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନଥିଲା।

ଚଳିତ ବର୍ଷ ଜାନୁଆରୀ ମାସରୁ ୧୯ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ନିରନ୍ତର ବୃଦ୍ଧି ପାଇଥିଲା। ଗତ ବର୍ଷ ଡିସେମ୍ବର ୧ ତାରିଖରେ ଏହି ସିଲିଣ୍ଡରର ମୂଲ୍ୟ ୧୫୮୦.୫୦ ଟଙ୍କା ଥିଲା। ଚଳିତ ବର୍ଷ ଜାନୁଆରୀ ୧ ତାରିଖରେ ଏହା ୧୬୯୧.୫୦ ଟଙ୍କାକୁ ବୃଦ୍ଧି ପାଇଥିଲା। ତା'ପରେ ଫେବୃଆରିରେ ଏହାକୁ ୧୭୪୦.୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ମାର୍ଚ୍ଚ ମାସରେ ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ଏହାର ମୂଲ୍ୟ ଦୁଇଥର ବୃଦ୍ଧି କରାଯାଇଥିଲା। ମାର୍ଚ୍ଚ ୧ ତାରିଖରେ ଏହାର ମୂଲ୍ୟ ୧୭୬୮.୫୦ ଟଙ୍କାକୁ ବୃଦ୍ଧି ପାଇଥିଲା ଏବଂ ମାର୍ଚ୍ଚ ୭ ତାରିଖରେ ଏହା ୧୮୮୩ ଟଙ୍କାରେ ପହଞ୍ଚିଥିଲା। ତା'ପରେ ଏପ୍ରିଲ ୧ ତାରିଖରେ ଏହାର ମୂଲ୍ୟ ୨୦୭୮.୫୦ ଟଙ୍କାରେ ପହଞ୍ଚିଥିଲା। ମେ ମାସରେ ଏହାର ମୂଲ୍ୟ ପୁଣି ଥରେ ୯୯୩ ଟଙ୍କା ବୃଦ୍ଧି ପାଇଥିଲା। ତା'ପରେ ଦିଲ୍ଲୀରେ ଏହାର ମୂଲ୍ୟ ୩୦୭୧.୫୦ ଟଙ୍କାରେ ପହଞ୍ଚିଥିଲା। ଜୁନରେ ଏହାର ମୂଲ୍ୟ ୭ ଟଙ୍କା ବୃଦ୍ଧି ପାଇଥିଲା। ୪୨. ହଁ, ଜୁଲାଇ ମାସରେ ଏହାର ମୂଲ୍ୟ ପ୍ରକୃତରେ ୧୮୩.୫୦ ଟଙ୍କା ହ୍ରାସ ପାଇଥିଲା।

ସାଧାରଣ ପରିବାରରେ ବ୍ୟବହୃତ ୧୪.୨ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ଏଥର ଅପରିବର୍ତ୍ତିତ ରହିଛି। ଏହାକୁ ଶେଷ ଥର ପାଇଁ ୭ ଜୁନ୍ ୨୦୨୬ରେ ସଂଶୋଧିତ କରାଯାଇଥିଲା। ବର୍ତ୍ତମାନ, ଦିଲ୍ଲୀରେ ଏକ ଅଣସବସିଡି ଏଲପିଜି ସିଲିଣ୍ଡରର ମୂଲ୍ୟ ୯୪୨ ଟଙ୍କା। କୋଲକାତାରେ ଏହାର ମୂଲ୍ୟ ୯୬୮ ଟଙ୍କା, ମୁମ୍ବାଇରେ ୯୪୧.୫୦ ଟଙ୍କା ଏବଂ ଚେନ୍ନାଇରେ ୯୫୭.୫୦ ଟଙ୍କା ଅଛି।

# ବିଏମଡବ୍ଲ୍ୟୁରୁ ହୋଇପାରେ ୮ ହଜାର କର୍ମଚାରୀଙ୍କ ଛଟେଇ

ନୂଆଦିଲ୍ଲୀ,୧।୮:ପରିବର୍ତ୍ତିତ ବଜାର ଏବଂ ବର୍ଦ୍ଧିତ ପ୍ରତିଯୋଗିତା ମଧ୍ୟରେ ବିଶ୍ୱବ୍ୟାପୀ ଅଟୋମୋବାଇଲ କମ୍ପାନୀଗୁଡ଼ିକ ସେମାନଙ୍କର ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରୁଛନ୍ତି। ଏହି ସମୟରେ, ଜର୍ମାନୀର ଲଗଜରୀ କାର୍ ନିର୍ମାତା ବିଏମଡ଼ବ୍ଲ୍ୟୁ କର୍ମଚାରୀ ହ୍ରାସ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କମ୍ପାନୀ ୨୦୨୭ ଶେଷ ସୁଦ୍ଧା ପ୍ରାୟ ୮୦୦୦ ଛଟେଇ ଯୋଜନା କରୁଛି। ତଥାପି, ବାଧ୍ୟତାମୂଳକ ଛଟେଇ ବଦଳରେ, କମ୍ପାନୀ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସରର ବିକଳ୍ପ ପ୍ରଦାନ କରିବ। ଏହି ଖବର ଅଟୋ ଶିଳ୍ପରେ ହଇଚଇ ସୃଷ୍ଟି କରିଛି।

ଏକ ରିପୋର୍ଟ ଅନୁଯାୟୀ, ବିଏମଡ଼ବ୍ଲ୍ୟୁ ଅକ୍ଟୋବରରୁ ଜର୍ମାନୀରେ ଥିବା ଏହାର ପ୍ରାୟ ୮୫୦୦୦ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୪୦୦୦୦ ଅଫିସ-ଭିତ୍ତିକ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ପ୍ରଦାନ କରିବ। ଉତ୍ପାଦନ କର୍ମଚାରୀଙ୍କୁ ବର୍ତ୍ତମାନ ଏହି ଯୋଜନାରୁ ବାଦ ଦିଆଯାଇଛି। କମ୍ପାନୀ ୨୦୨୭ ଶେଷ ସୁଦ୍ଧା ଏହାର ମୋଟ କର୍ମଚାରୀ ସଂଖ୍ୟା ୮,୦୦୦ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଏବଂ କର୍ମଚାରୀ ପ୍ରତିନିଧିଙ୍କ ମଧ୍ୟରେ କିଛି ସପ୍ତାହ ଧରି ଆଲୋଚନା ଚାଲିଛି।

ବିଶ୍ୱ ଅଟୋ ଶିଳ୍ପ କିଛି ସମୟ ଧରି ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଇଲେକ୍ଟ୍ରିକ୍ କାର୍ ବିକ୍ରୟରୁ ଲାଭ ହ୍ରାସ, ଆମେରିକାର ଶୁଳ୍କ ନୀତି ଏବଂ ଚୀନ୍ କମ୍ପାନୀଗୁଡ଼ିକଠାରୁ ବୃଦ୍ଧି ପାଉଥିବା ପ୍ରତିଯୋଗିତା ୟୁରୋପୀୟ କାର୍ କମ୍ପାନୀଗୁଡ଼ିକ ଉପରେ ଚାପ ବୃଦ୍ଧି କରିଛି। ଚୀନ୍ ହେଉଛି ବିଏମଡ଼ବ୍ଲ୍ୟୁର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବଜାର ମଧ୍ୟରୁ ଗୋଟିଏ। ତଥାପି, ଗତ ବର୍ଷ, ସେଠାରେ ଯାନବାହାନ ବିକ୍ରୟ ୨୦୧୭ ପରଠାରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ସମୟରେ, ଏପ୍ରିଲ୍ ଏବଂ ଜୁନ୍ ମଧ୍ୟରେ, ଚୀନ୍‌ରେ କମ୍ପାନୀର ବିତରଣ ବର୍ଷ ବର୍ଷ ଧରି ପ୍ରାୟ ୩୦ ପ୍ରତିଶତହ୍ରାସ ପାଇଛି, ଯାହା କମ୍ପାନୀର ଆୟ ଏବଂ ଭବିଷ୍ୟତ ଯୋଜନାକୁ ପ୍ରଭାବିତ କରିଛି।



## ଏୟାରଲାଇନ୍ସ ଉପରେ ମହଙ୍ଗା ମାଡ଼!

# ବଢ଼ିଲା ଏଟିଏଫ ମୂଲ୍ୟ, ଟିକେଟ୍ ଦର ଉପରେ ପଡ଼ିପାରେ ପ୍ରଭାବ

ନୂଆଦିଲ୍ଲୀ, ୧।୮: ଅଗଷ୍ଟ ମାସର ଆରମ୍ଭରେ ୧୯ କେଜି ବିଶିଷ୍ଟ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଦର କମି ବ୍ୟବସାୟୀମାନଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। କିନ୍ତୁ, ଘରୋଇ ଏୟାରଲାଇନ୍ସଗୁଡ଼ିକୁ ବଡ଼ ଝଟକା ମିଳିଛି। ଅଗଷ୍ଟ ପହିଲାରୁ ଏଭିଏସନ୍ ଟର୍ବାଇନ୍ ଫୁଏଲ୍ (ଏଟିଏଫ) ଅର୍ଥାତ୍ ବିମାନ ଇନ୍ଧନର ଦର ଲିଟର ପ୍ରତି ୫ ଟଙ୍କା ବୃଦ୍ଧି ପାଇଛି। ଏହି ବୃଦ୍ଧି ପରେ ଘରୋଇ ଉଡ଼ାଣ ପାଇଁ ଏଟିଏଫ ରେଟ୍ ୧୧୦ ଟଙ୍କା ପ୍ରତି ଲିଟରରୁ ବୃଦ୍ଧି ପାଇ ୧୧୫ ଟଙ୍କା ପ୍ରତି ଲିଟରରେ ପହଞ୍ଚିଛି। ଯେକୌଣସି ଏୟାରଲାଇନ୍ସର ପରିଚାଳନା ଖର୍ଚ୍ଚ ପାଇଁ ଏଟିଏଫ ସବୁଠାରୁ ବଡ଼ ଅଂଶ। ସାଧାରଣତଃ ଗୋଟିଏ ଏୟାରଲାଇନ୍ସର ମୋଟ୍ ଅପରେଟିଂ ଖର୍ଚ୍ଚର ୩୫ ରୁ ୪୦ ପ୍ରତିଶତ କେବଳ ଇନ୍ଧନ ବାବଦରେ ଖର୍ଚ୍ଚ ହୋଇଥାଏ। ଏଭଳି ପରିସ୍ଥିତିରେ ଏଟିଏଫ ମହଙ୍ଗା ହେବା କାରଣରୁ ଏୟାରଲାଇନ୍ସଗୁଡ଼ିକର ଖର୍ଚ୍ଚ ବୃଦ୍ଧି ପାଇବ, ଯାହାର ସିଧାସଳଖ ପ୍ରଭାବ ସେମାନଙ୍କର ରୋଜଗାର ଏବଂ ଲାଭ ଉପରେ ପଡ଼ିବ।



ଇନ୍ଧନର ମୂଲ୍ୟ ବୃଦ୍ଧି ପାଇବା ପରେ ଏୟାରଲାଇନ୍ସଗୁଡ଼ିକ ଉପରେ ଅତିରିକ୍ତ ଖର୍ଚ୍ଚର ବୋଝ ପଡ଼ିବ। ଯଦି ଏଟିଏଫ୍‌ର ଏହି ବର୍ଦ୍ଧିତ ମୂଲ୍ୟ ଦୀର୍ଘ ଦିନ ଯାଏଁ ଏହିପରି ଜାରି ରହେ, ତେବେ କମ୍ପାନିଗୁଡ଼ିକ ଏହାର କିଛି ଅଂଶ ଯାତ୍ରୀମାନଙ୍କୁ ବହନ କରିବାକୁ କହିପାରନ୍ତି ଅର୍ଥାତ୍ ଟିକେଟ୍ ଦର ବଢ଼ାଇ ପାରନ୍ତି। ତେବେ, ଟିକେଟ୍ ଦର ବୃଦ୍ଧି କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଏୟାରଲାଇନ୍ସର ବ୍ୟବସାୟିକ କୌଶଳ ଏବଂ ବଜାରରେ ଚାହିଦା ଉପରେ ନିର୍ଭର କରିବ।

ଏଟିଏଫ ହେଉଛି ଏକ ସ୍ୱତନ୍ତ୍ର ଇନ୍ଧନ ଯାହାକି ବିମାନ ଉଡ଼ାଇବା ପାଇଁ ବ୍ୟବହାର କରାଯାଏ। ଏହାର ମୂଲ୍ୟରେ ପରିବର୍ତ୍ତନ ହେଲେ ଏୟାରଲାଇନ୍ସର ପରିଚାଳନା ଖର୍ଚ୍ଚ ସିଧାସଳଖ ପ୍ରଭାବିତ ହୋଇଥାଏ। ଏହି କାରଣରୁ ଏଟିଏଫ ଦର ବଢ଼ିଲେ ବା କମିଲେ ଏଭିଏସନ୍ ସେକ୍ଟରର କମ୍ପାନିଗୁଡ଼ିକର ସେୟାର ଏବଂ ବିମାନ ଭଡ଼ା ଉପରେ ସମସ୍ତଙ୍କର ନଜର ରହିଥାଏ। ଯଦି ଏଟିଏଫ ଦରରେ କ୍ରମାଗତ ଭାବେ ବୃଦ୍ଧି ଜାରି ରହେ, ତେବେ ଏୟାରଲାଇନ୍ସଗୁଡ଼ିକୁ ଖର୍ଚ୍ଚ ନିୟନ୍ତ୍ରଣ କରିବା ପାଇଁ ଭଡ଼ାରେ ପରିବର୍ତ୍ତନ, ରୁଟ୍ ମ୍ୟାନେଜମେଣ୍ଟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ କାଟଛାଣ୍ଟ କରିବା ପରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିପାରେ। ଅନ୍ୟପକ୍ଷରେ, ଯଦି ଆଗାମୀ ଦିନରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟେ, ତେବେ ପୁଣିଥରେ ଏଟିଏଫ ଦର କମିବାର ସମ୍ଭାବନା ମଧ୍ୟ ରହିଛି।

# ବିଶ୍ୱର ପ୍ରଥମ ୧୦୦% ଡିସ୍‌ପ୍ଲେ ସ୍ମାର୍ଟଫୋନ୍

ନୂଆଦିଲ୍ଲୀ, ୧।୮: ସ୍ମାର୍ଟଫୋନ୍ ଦୁନିଆରେ ଏପରି ଏକ ଫୋନ୍ ଆସୁଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ବର୍ତ୍ତମାନ ବିଶ୍ୱର ପ୍ରଥମ ବିନା ବର୍ଡର ଥିବା ଫୋନ୍ ଲଞ୍ଚ ହୋଇଛି, ଯାହାକୁ ଏକ 'ବେଜେଲ୍-ଲେସ୍' ସ୍ମାର୍ଟଫୋନ୍ କୁହାଯାଉଛି। ଏହି ଫୋନ୍‌କୁ ଟେକ୍ନୋ ପକ୍ଷରୁ ଏକ କନସେପ୍ଟ ଫୋନ୍ ଭାବରେ ପ୍ରସ୍ତୁତ କରାଯାଇଛି। ଟେକ୍ନୋ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି ଡିଭାଇସ୍‌କୁ ସେପ୍ଟେମ୍ବର ୨୦୨୬ରେ ଜର୍ମାନୀର ବର୍ଲିନ୍ ସହରରେ ଆୟୋଜିତ ହେବାକୁ ଥିବା ଆଇଏଫଏ ୨୦୨୬ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯିବ। ଏହି ଫୋନ୍‌ର ସବୁଠୁ ବଡ଼ ବିଶେଷତା ହେଲା ଏହାର ସାମ୍ନାଭାଗରେ ସମ୍ପୂର୍ଣ୍ଣ ଭାବରେ କେବଳ ଡିସପ୍ଲେ ହିଁ ନଜର ଆସିବ। ଡିସପ୍ଲେର କୌଣସି ବି ପାର୍ଶ୍ୱରେ କଳା ରଙ୍ଗର ବର୍ଡର ବା ବେଜେଲ୍ ରହିବ ନାହିଁ। ଏହି ୦ ମିଲିମିଟର ଡିସପ୍ଲେ କାରଣରୁ ୟୁଜର୍ସମାନଙ୍କୁ ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଡିସପ୍ଲେର ଅନୁଭୂତି ମିଳିବ, ଯାହା ଭିଡିଓ ଦେଖିବା ଏବଂ ଗେମିଂ ଅଭିଜ୍ଞତାକୁ ଅଧିକ ମଜାଦାର କରିବ। ରିପୋର୍ଟ ଅନୁଯାୟୀ, ବିନା ବେଜେଲ୍‌ର ଏପରି ଏକ ସ୍କ୍ରିନ୍ ତିଆରି କରିବା ସହଜ କାମ ନଥିଲା। ଟେକ୍ନୋର କହିବା ଅନୁଯାୟୀ, ୦ ମିଲିମିଟର ବେଜେଲ୍ ଡିସପ୍ଲେ ହାସଲ କରିବା ପାଇଁ ଫୋନ୍ ଭିତରର ପାର୍ଟଗୁଡ଼ିକର ଆଡଭାନ୍ସଡ୍ ଷ୍ଟାକିଂ, ନୂତନ ସ୍କ୍ରିନ୍ ପ୍ୟାକେଜିଂ ପ୍ରଣାଳୀ ଏବଂ ଫୋନ୍‌ର ଷ୍ଟ୍ରକଚରାଲ୍ ରି-ଇଞ୍ଜିନିୟରିଂର ବ୍ୟବହାର କରାଯାଇଛି। ସୋସିଆଲ ମିଡିଆରେ ବର୍ତ୍ତମାନ ଏହି ଫୋନ୍‌ର କିଛି ଭିଡିଓ ଏବଂ ଫଟୋ ମଧ୍ୟ ଦେଖିବାକୁ ମିଳୁଛି। ଟେକ୍ନୋ ଏହାର ଏହି ବର୍ଡରଲେସ୍ କନସେପ୍ଟ ଫୋନ୍‌କୁ iPhone 17 Pro ସହିତ ତୁଳନା କରି କିଛି ଫଟୋ ଜାରି କରିଛି। ଏହି ଫୋନ୍‌ର ବର୍ଡର ବା ବେଜେଲ୍ ନଥିଲେ ମଧ୍ୟ କମ୍ପାନୀ ସ୍କ୍ରିନ୍‌ରେ ସେଲଫି କ୍ୟାମେରା ପାଇଁ ଏକ ଛୋଟ ପଞ୍ଚ-ହୋଲ୍ କଟ୍-ଆଉଟ୍ ଦେଇଛି। ଭବିଷ୍ୟତରେ ଯଦି ଅଣ୍ଡର୍-ସ୍କ୍ରିନ୍ କ୍ୟାମେରା ଟେକ୍ନୋଲୋଜି ଅଧିକ ଉନ୍ନତ ହୁଏ, ତେବେ ଏହି ବର୍ଡରଲେସ୍ ଡିସପ୍ଲେରେ କୌଣସି ପଞ୍ଚ-ହୋଲ୍ ମଧ୍ୟ ଦେଖିବାକୁ ମିଳିବ ନାହିଁ। ଏହି କନସେପ୍ଟ ଫୋନ୍ ଜରିଆରେ ଏହା ସ୍ପଷ୍ଟ ହୋଇଯାଇଛି ଯେ, ଆଗାମୀ ଦିନରେ ଟେକ୍ନୋ ଏହି ୦ ମିଲିମିଟର ବେଜେଲ୍ ଟେକ୍ନୋଲୋଜିକୁ ନିଜର କମର୍ସିଆଲ୍ ସ୍ମାର୍ଟଫୋନଗୁଡ଼ିକରେ ବ୍ୟବହାର କରିବ। ଏହାଦ୍ୱାରା ଭବିଷ୍ୟତରେ ସ୍ମାର୍ଟଫୋନଗୁଡ଼ିକ ଅଧିକ ଆକର୍ଷକ, ନିଆରା ଏବଂ ପ୍ରିମିୟମ୍ ନଜର ଆସିବ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୫୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୬୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୩୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୦୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୯୪ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଅବ୍ୟବସ୍ଥା ଘେରରେ ଗୁରୁପ୍ରିୟା ବାଳିକା ଛାତ୍ରାବାସ

## ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ, ସନ୍ଦେହ ଘେରରେ ମଙ୍ଗଳ ବିଭାଗର କାର୍ଯ୍ୟଶୈଳୀ



ମାଲକାନଗିରି,୧।୮ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ବାସଭବନ ସମ୍ମୁଖରେ ଥିବା ଗୁରୁପ୍ରିୟା ବାଳିକା ଛାତ୍ରାବାସରେ ଗତ ତିନି ଦିନ ଧରି ପ୍ରଶାସନିକ ଅବ୍ୟବସ୍ଥା ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଛାତ୍ରାବାସର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରସୂତି ଛୁଟିରେ ଥିବାବେଳେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କୁ ନିୟମାନୁସାରେ ଚାର୍ଜ ଦିଆଯାଇନଥିବାରୁ ପ୍ରାୟ ୨୦୦ ଜଣ କୋମଳମତି ଛାତ୍ରୀଙ୍କ ସୁରକ୍ଷା, ପରିଚାଳନା ଓ ଦୈନନ୍ଦିନ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପାଖରେ ମଧ୍ୟ ଏହି ବିଷୟରେ ସ୍ପଷ୍ଟ ସୂଚନା ନଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବା ପରେ ପ୍ରତିଥର "ଆପଣଙ୍କ ମାଧ୍ୟମରେ ବିଷୟଟି ଜାଣିଲୁ, ତୁରନ୍ତ ପଦକ୍ଷେପ ନେବୁ" ବୋଲି ଉତ୍ତର ମିଳୁଥିବା କୁହାଯାଉଛି। ଏହାକୁ ନେଇ ବିଭାଗୀୟ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

ବର୍ତ୍ତମାନର ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ନୂତନ ଭାବେ ବ୍ଲକରେ ଯୋଗଦେଇଥିବାରୁ ଏହି ଛାତ୍ରାବାସ ସମ୍ପର୍କରେ ଅବଗତ ନଥିବା କହିଥିବାବେଳେ, ଅଭିଯୋଗ ହେଉଛି ଯେ ପ୍ରସୂତି ଛୁଟିରେ ଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଛାତ୍ରାବାସର ବିଭିନ୍ନ ବ୍ୟବସ୍ଥା ବୁଝୁଛନ୍ତି ଏବଂ ନାମକୁ ମାତ୍ର ଜଣେ ମେଟ୍ରନଙ୍କୁ ଚାର୍ଜ ଦିଆଯାଇଥିବା କୁହାଯାଉଛି।

ଆହୁରି ଅଭିଯୋଗ ହେଉଛି ଯେ, ପ୍ରସୂତି ଛୁଟିରେ ଯିବା ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କୁ ଯଥାବିଧି ସୂଚନା ଦିଆଯାଇନଥିଲା ଏବଂ ନିୟମାନୁସାରେ ବିକଳ୍ପ ଦାୟିତ୍ୱ ହସ୍ତାନ୍ତର ମଧ୍ୟ କରାଯାଇନଥିଲା। ଏହା ଯଦି ଜିଲ୍ଲା ସଦରରେ ଥିବା ଏକ ଛାତ୍ରାବାସର ସ୍ଥିତି, ତେବେ ଚିତ୍ରକୋଣ୍ଡା, ମାଥିଲି, ମହୁପଦର, ଗୋବିନ୍ଦପାଲି ଭଳି ଦୁର୍ଗମ ଅଞ୍ଚଳର ଛାତ୍ରାବାସ ଓ ବିଦ୍ୟାଳୟଗୁଡ଼ିକର ସ୍ଥିତି କିପରି ଥିବ, ତାହା ସହଜରେ ଅନୁମାନ କରାଯାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

ଅଭିଯୋଗକାରୀମାନଙ୍କ ଦାବି ହେଉଛି, ସମ୍ପୃକ୍ତ ବିଭାଗର ଅଧିକାରୀ ଓ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରି ନିରପେକ୍ଷ ତଦନ୍ତ କରାଗଲେ ଆହୁରି ଅନେକ ତଥ୍ୟ ସାମ୍ନାକୁ ଆସିପାରେ। ଏକ ପରିବାରକୁ କେନ୍ଦ୍ର କରି

# ‘ଆତ୍ମଶୋଧନ କବିତ୍ୱର ଶ୍ରେଷ୍ଠପଣ’



ନୀଳଗିରି,୧।୮ (ସଂଚାର ବ୍ୟୁରୋ): କବି ଜଡରେ ଜୀବନ ସଂଚାର କରେ। ଆତ୍ମଶୋଧନ କବିତ୍ୱର ଶ୍ରେଷ୍ଠପଣ । କବିତା ଆତ୍ମଶୋଧନ କରେ। କବି ଶୋଇଥିବା ବ୍ୟକ୍ତିକୁ ଜାଗ୍ରତ କରେ। କବି ସାଧାରଣ ମଣିଷର ରକ୍ଷକ। କବିତାରେ ଆବେଗର କରାମତି ଅଧିକ । ମଣିଷର ଭାଷା କବିତାର ଭାଷା ଅଟେ। କବିତାର ଗତି କେନାଲ ନୁହେଁ ବରଂ ନଦୀପରି ଅଟେ । କବିତାରେ ଶବ୍ଦ ସ୍ୱାଭାବିକ ଭାବରେ ଆସେ । କବି ଏକ ଆଦର୍ଶ ଓ ମାର୍ଗଦର୍ଶକ । କବି କଦାପି ବ୍ୟକ୍ତିସତ୍ତାକୁ ନେଇ କିଛି କହେ ନାହିଁ । ସର୍ବୋପରି ମଣିଷ ବହୁବିଧ ପରିଚୟ ନେଇ ବଞ୍ଚେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ୧୧୮ତମ ଆଭାସୀ ପାଠଚକ୍ରରେ କବି , କବିତା ଓ ପାଠକ ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବରେ ଓଡିଶାର ବିଶିଷ୍ଟ ବିଦ୍ୱାନ ପ୍ରଫେସର କାଳିଦାସ ମିଶ୍ର ପ୍ରକାଶ କରିଛନ୍ତି ।

ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଛାତ୍ରୀ କୁମାରୀ ବର୍ଷା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଜଳେଶ୍ୱର ବାଲେଶ୍ୱରର ଅଧ୍ୟାପିକା ଡ. ମୋନାଲିସା ଚାନ୍ଦ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ । ଉକ୍ତ ଆସରରେ ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର, ପ୍ରଫେସର କ୍ଷୀରୋଦ କୁମାର ବେହେରା, ଜଗନ୍ନାଥସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ଦାଶଙ୍କ ସମେତ ବହୁ ପ୍ରାଧ୍ୟାପକ, ଅଧ୍ୟାପକ,ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଓ ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ଫୁଲବାଣୀ,୧।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଫୁଲବାଣୀ, ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦେବୀ ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଶୈକ୍ଷିକ ସଦସ୍ୟ ଶିବାଜୀ ଅଧିକାରୀ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଶତପଥୀ, ଶିଶୁଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ମାର୍ଗ ଦର୍ଶନ କରିଥିଲେ। ଦିବା ୧୧:୩୦ ରୁ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଶିଶୁ ବାଟିକା ବିଭାଗରେ ୫୭ ଜଣ ପ୍ରାକ ଶିଶୁ ବିଭାଗ ୩୮ ଜଣ ଶିଶୁ ୩୮ ଜଣ ବାଲ ବିଭାଗ ୩୦ଜଣ ବିଭାଗ କିଶୋର ବିଭାଗ ୩୫ ଜଣ ଏହିପରି ମେଳାରେ ମୋଟ ୧୯୮ ଶିଶୁ ଭାଇ ଭଉଣୀଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶେଷରେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଲଗାଣ ବର୍ଷା ଯୋଗୁଁ ଭୁଶୁଡ଼ିଲା ଛପର ଘର

## ଅଳ୍ପକେ ବର୍ତ୍ତିଲେ ପରିବାର

### ପକ୍କାଘର ଯୋଗାଇ ଦେବାକୁ ଦାବି



ଆନନ୍ଦପୁର,୧।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ଭୁଶୁଡ଼ି ପଡ଼ିଲା ଛପର ଘର। ଘର ଭିତରେ ଶୋଇଥିବା ସମୟରେ ହଠାତ୍ ଘର ଭାଙ୍ଗି ପଡ଼ିବାରୁ ଅଳ୍ପକେ ବର୍ତ୍ତିଗଲେ ସପରିବାର। ଘଟଣା ପରେ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ, ତୁରନ୍ତ ସରକାରୀ ସହାୟତା ଏବଂ ପକ୍କା ଘର ପ୍ରଦାନ କରିବାକୁ ଦାବି ଉଠିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାତୋ ପଞ୍ଚାୟତର ବାତୋ ଗ୍ରାମରେ।

ଗତକାଲି ବିଳମ୍ବିତ ରାତିରେ ଲଗାଣ ବର୍ଷା ହେଉଥିବା ବେଳେ ଗ୍ରାମର ପ୍ରଭାକର ବେହେରାଙ୍କ ଛପର ଘର ହଠାତ୍ ଭୁଶୁଡ଼ି ପଡ଼ିଥିଲା। ସେହି ସମୟରେ ପ୍ରଭାକର ବେହେରା, ତାଙ୍କ ପତ୍ନୀ ମନ୍ଦାର ବେହେରା ଓ ନାବାଳକ ପୁଅ ପପୁ ବେହେରା ଘର ଭିତରେ ଶୋଇଥିଲେ। ହଠାତ୍ ଘରର ଚାଳ ଓ କାନ୍ଥ ଭାଙ୍ଗି ପଡ଼ିବାରୁ ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ। ତେବେ ସୌଭାଗ୍ୟବଶତଃ ସମସ୍ତେ ଅଳ୍ପକେ ବର୍ତ୍ତିଯାଇଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି। ଏଥିରେ ଘର ବହୁ ଆସବାବପତ୍ର ଓ ଘରୋଇ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ବର୍ଷା ଦିନରେ ମୁଣ୍ଡ ଗୁଞ୍ଜିବା ପାଇଁ ସୁରକ୍ଷିତ ଆଶ୍ରୟ ନଥିବାରୁ ପରିବାର ଏବେ ବିବ୍ରତ। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ରିଲିଫ୍ ସହାୟତା ଯୋଗାଇ ଦେବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉକ୍ତ ପରିବାରକୁ ପକ୍କା ଘର ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

# ଅବସର ଦିନ ମିଳିଲା ଚୂଡ଼ାନ୍ତ ପେନ୍‌ସନ୍ ଆଦେଶ



ନବରଙ୍ଗପୁର,୧।୮ (ସଂଚାର ବ୍ୟୁରୋ): ଡାବୁଗାଁ ତହସିଲର ସେକ୍ସନ ଅଫିସର ବିଶ୍ୱନାଥ ପାଣିଗ୍ରାହୀ ଆଜି ଅବସର ଗ୍ରହଣ କରିଛନ୍ତି। ଅବସର ତାରିଖ ପୂର୍ବରୁ ତାଙ୍କର ଚୂଡ଼ାନ୍ତ ପେନ୍‌ସନ୍ ପ୍ରସ୍ତାବ ମହାଲେଖାକାର, ଓଡ଼ିଶାଙ୍କ ଦ୍ୱାରା ଅନୁମୋଦିତ ହୋଇଥିବାରୁ ଅବସର ଦିନରେ ହିଁ ସେ ଚୂଡ଼ାନ୍ତ ପେନ୍‌ସନ୍ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ହସ୍ତଗତ କରିଛନ୍ତି।

ନବରଙ୍ଗପୁର ଜିଲ୍ଲାର ରାଜସ୍ୱ କ୍ୟାଡରରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି, ଯେଉଁଥିରେ କୌଣସି କର୍ମଚାରୀଙ୍କ ଚୂଡ଼ାନ୍ତ ପେନ୍‌ସନ୍ ଅବସର ତାରିଖ ପୂର୍ବରୁ ଅନୁମୋଦିତ ହୋଇ ଅବସର ଦିନରେ ହିଁ ତାଙ୍କୁ ପେନ୍‌ସନ୍ ପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁସାରେ ଅବସର ଦିନରେ ଚୂଡ଼ାନ୍ତ ପେନ୍‌ସନ୍ ମଞ୍ଜୁର ଓ ପ୍ରଦାନ କରିବାର ଲକ୍ଷ୍ୟକୁ ଏହି ସଫଳତା ପ୍ରତିଫଳିତ କରିଛି।

ଏହି ଅବସରରେ ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଓ ବିଶ୍ୱଜିତ୍ ବର୍ମନ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳ ପଦକ୍ଷେପ ଅନ୍ୟ ସରକାରୀ କର୍ମଚାରୀଙ୍କୁ ଅବସରର ଅନ୍ୟୂନ ଏକ ବର୍ଷ ପୂର୍ବରୁ ପେନ୍‌ସନ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପ୍ରେରଣା ଯୋଗାଇବ।

# ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଡାକ୍ତର କରିବା ପାଇଁ ଆକାଶ ଇନ୍‌ଷ୍ଟିଚ୍ୟୁଟର ପ୍ରୟାସ




ଯାଜପୁର ରୋଡ଼,୧।୮ (ସଂଚାର ବ୍ୟୁରୋ): ଗତ କିଛିଦିନ ପୂର୍ବରୁ ବ୍ୟାସନଗର ପୌରାଅଂଚଳ ସହରର ଚୋରଦା ଛକରେ ଥିବା ଆକାଶ ଇନ୍‌ଷ୍ଟ୍ୟୁଟ ଅନୁଷ୍ଠାନର ଡାଇରେକଟର ଅସିତ ବରଣ ଓ ତାପସ ନନ୍ଦ ଗରିବ ମେଧାବୀ ଛାତ୍ର ଛାତ୍ରୀଙ୍କୁ ବିନା ଅର୍ଥରାଶିରେ ମେଡିକାଲ କୋଚିଂ ଦେଇ ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ କରି ଗଢ଼ିତୋଳିବାର ସ୍ୱପ୍ନ ଆଜି ତାହା ବାସ୍ତବରେ ପରିଣତ ହୋଉଥି ବେଳେ ସ୍ଥାନୀୟ ଆଖ ପାଖ ଅଂଚଳରୁ ସ୍ୱେଚ୍ଛାକୃତ ଭାବରେ ଆଗ୍ରହ ପ୍ରକାଶ କରି ଦଶ ଜଣ ପିଲା ଏହି ଇନ୍‌ଷ୍ଟ୍ୟୁଟରେ ଆଡିମିଶନ ପାଇଁ ଆସିଥିବା ନେଇ ଡାଇରେକଟର ସୂଚନା ଦେଇଛନ୍ତି। ଅନୁଷ୍ଠାନ ତରଫରୁ ସେମାନଙ୍କୁ ସ୍ୱାଗତ କରିବା ସହ ନନହେସିତାର ଫାଉଣ୍ଡେସନ ସହଯୋଗରେ ଆଡିମିଶନ କରି ଉନ୍ନତ ମାନର ଶିକ୍ଷାଦାନ ଦେଇ ଭବିଷ୍ୟତରେ ନିଶ୍ଚିତ ଜଣେ ଜଣେ ଡାକ୍ତର କରି ଗଢ଼ିତୋଳିବାର ଲକ୍ଷ୍ୟ ରଖିଥିବା ଶ୍ରୀ ବରଣ କହିଥିଲେ। ଦୀର୍ଘ ଦିନ ଧରି ଛାତ୍ର ଛାତ୍ରୀଙ୍କୁ ଆଶା ଭରସା ଦେଇ ଆସୁଥିବା ଆକାଶ ଇନ୍‌ଷ୍ଟ୍ୟୁଟ ସାରା ରାଜ୍ୟରେ ଯେଭଳି ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପରିଚୟ ପାଇ ପାରିଛି ସେଭଳି ଆଜି ଗରିବ ମେଧାବୀ ପିଲାମାନଙ୍କୁ ପାଖରେ ପାଇ ଆମେ ନିଜକୁ ଗୌରବାନ୍ୱିତ ମନେ କରିଥିବା ତାପସ ନନ୍ଦ କହିଥିଲେ।

## ସୁପର ଗ୍ଲାମ ସିଜନ -୨

# ଫ୍ୟାଶନ ପ୍ରତିଯୋଗିତାରେ ୨ୟ ରନର୍ସ ଅପ ଟାଇଟଲ ଜିତିଲେ ପ୍ରିୟାଂଶୀ



ବୋରିଗୁମ୍ମା/ଜୟପୁର,୧।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଜୟପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବୋରିଗୁମ୍ମା ସହରର ପ୍ରଶାନ୍ତ କୁମାର ବିଷୋୟୀ ଓ ସନ୍ତୋଷିନୀ ବିଷୋୟୀଙ୍କ କନ୍ୟା ପ୍ରିୟାଂଶୀ ବିଷୋୟୀ ଜୟପୁର ସହରରେ ହାଇଥିବା ପକ୍ଷରୁ ଆୟୋଜିତ ସୁପର ଗ୍ଲାମ ସିଜନ -୨ ଫ୍ୟାଶନ ପ୍ରତିଯୋଗିତାରେ ଦ୍ୱିତୀୟ ରୋନର୍ସ ଅପ ଟାଇଟଲ ଜିତିଛନ୍ତି । ପ୍ରିୟାଂଶୀ ବିଷୋୟୀ ବର୍ତ୍ତମାନ ମାଇଛୋଟା ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ଅଟନ୍ତି | ଆଉ ପ୍ରିୟାଂଶୀ ଅନ୍ୟମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ୨ୟ ରୋନର୍ସ ଅପ ଭାବେ ବିଜୟୀ ହୋଇ ଥିବାବେଳେ ମଞ୍ଚରେ ବିଧାୟକ ତାରାପ୍ରସାଦ ବାହିନୀପତି ବିଜୟ ମୁକୁଟ ପିନ୍ଧାଇ ସମ୍ମାନିତ କରିଥିଲେ ଏବଂ ଉପସ୍ଥିତ ଅଗଣିତ ଦର୍ଶକ ମାନଙ୍କ କରତାଳି ମାଧ୍ୟମରେ ତାଙ୍କୁ ଉତ୍ସାହିତ କରିଥିଲେ।

ଏହି ଟାଇଟଲ ଜିତିବା ପରେ ସ୍କୁଲ ପ୍ରିନ୍ସିପାଲଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ସହପାଠୀ ଓ ଛାତ୍ରଛାତ୍ରୀ ପ୍ରିୟାଂଶୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଆଗାମୀଦିନରେ ଭୁବନେଶ୍ୱର ଠାରେ ଅନ୍ୟପ୍ରତିଯୋଗୀ ମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନକରି ଦ୍ୱିତୀୟରେ ରହିଥିବାବେଳେ ଫାଇନାଲରେ ବିଜୟୀହୋଇ ବିଜୟ ମୁକୁଟ ପିନ୍ଧି ରାଜ୍ୟ, ଜିଲ୍ଲା ଏବଂ ଜନ୍ମମାଟି ବୋରିଗୁମ୍ମା ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସମେତ ବୋରିଗୁମ୍ମା ବାସୀ ଶୁଭେଚ୍ଛା ଜଣାଇଛନ୍ତି ଓ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସରକାରୀ ଯୋଜନାର ସମୀକ୍ଷା କଲେ ଜିଲ୍ଲା ପର୍ଯ୍ୟବେକ୍ଷକ



ମାଲକାନଗିରି,୧।୮ (ସଂଚାର ବ୍ୟୁରୋ): ଜିଲ୍ଲାରେ ସରକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ଏବଂ ସାଧାରଣ ଲୋକଙ୍କ ପାଖରେ ମୌଳିକ ସେବା ପହଞ୍ଚାଇବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ ଅଧିକାରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ।

ନିଜର ଏହି ଦୁଇ ଦିନିଆ ଗସ୍ତ ଅବସରରେ ସେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହିତ ବିଭିନ୍ନ ପ୍ରଶାସନିକ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଏକ ବିସ୍ତୃତ ଏବଂ ଉଚ୍ଚ ସ୍ତରୀୟ ସମୀକ୍ଷା କରିଛନ୍ତି। ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ପାଖରେ ସରକାରଙ୍କ ସମସ୍ତ ସୁବିଧା ସୁରୁଖୁରୁରେ ପହଞ୍ଚୁଛି କି ନାହିଁ, ତାହା ପରଖିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ସ୍ଥିତି ଏବଂ ସେବା ପ୍ରଦାନ ପ୍ରକ୍ରିୟାର ସଠିକ୍ ଅନୁଧ୍ୟାନ କରିବା ପାଇଁ ଶ୍ରୀ ନାୟକ ନିଜେ ଏହି ପରିଦର୍ଶନରେ ବାହାରିଥିଲେ। ପ୍ରଥମେ ସେ କିଛି ସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ହଠାତ୍ ଗସ୍ତ କରି ସେଠାରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଶୈଳୀ, ଉପଲବ୍ଧ ଥିବା ଶିକ୍ଷାଗତ ଭିତ୍ତିଭୂମି ଏବଂ କୋମଳମତି ଶିଶୁ ତଥା ଗର୍ଭବତୀ ମହିଳାମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ତଦାରଖ କରିଥିଲେ।

ଏହାପରେ ସେ ଗ୍ରାମାଞ୍ଚଳରେ ସାଧାରଣ ବଣ୍ଟନ ପ୍ରଣାଳୀ କେନ୍ଦ୍ରଗୁଡ଼ିକୁ ଯାଇ ହିତାଧିକାରୀମାନେ ନିୟମିତ ଭାବେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଗ୍ରାମାଞ୍ଚଳରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ମଧ୍ୟ ସେ ନିଜେ ଯାଞ୍ଚ କରିଥିଲେ। ଗସ୍ତର ଶେଷ ଭାଗରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସେବା, ମାଗଣା ଔଷଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଚିକିତ୍ସା ସୁବିଧାର ସମୀକ୍ଷା କରିବା ସହ ରୋଗୀମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ।

# ଜଳବିଭାଜିକା ବିଭାଗ ନାଁରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



କୋରାପୁଟ,୧।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାରେ ପୁଣି ଥରେ ସରକାରୀ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ବ୍ଲକ ଅଧୀନ ବଡକେରଙ୍ଗା ପଞ୍ଚାୟତର ଗଞ୍ଜେଇପଦର ଗ୍ରାମବାସୀ ୱାଟରସେଡ୍ ବିଭାଗ ବିରୋଧରେ ସଙ୍ଗୀନ ଅର୍ଥ ହଡ଼ପ ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମିଳିତ ଷଡ଼ଯନ୍ତ୍ରରେ ବର୍ଷ ବର୍ଷ ଧରି ମିଥ୍ୟା ବିଲ୍ ପ୍ରସ୍ତୁତ କରି ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୧-୨୨ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଚାରି ବର୍ଷ ଧରି ଗ୍ରାମର ବିଭିନ୍ନ ପାହାଡ଼ରେ ସିଲଭର ଓକ୍ ଚାରା ରୋପଣ ହୋଇଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ପାସ୍ କରାଯାଇଛି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଯେଉଁଠାରେ ଚାରା ରୋପଣ ହୋଇଥିବା କଥା କୁହାଯାଇଛି, ସେଠାରେ ଗୋଟିଏ ବି ଚାରା ଦେଖିବାକୁ ମିଳୁନାହିଁ। ଏହା ସ୍ପଷ୍ଟ କରୁଛି ଯେ କାଗଜପତ୍ରରେ ବିକାଶ ଦେଖାଇ ସରକାରୀ ଅର୍ଥ ଲୁଟ୍ କରାଯାଇଥିବା ସନ୍ଦେହ ଘନୀଭୂତ ହେଉଛି। ଅଭିଯୋଗର ସବୁଠାରୁ ଚମକପ୍ରଦ ଦିଗ ହେଉଛି ହିତାଧିକାରୀଙ୍କ ଖାତାକୁ ଯାଇଥିବା ଅର୍ଥର ବଡ଼ ଅଂଶ ପୁଣି ଫେରାଇ ନିଆଯାଇଥିବା ଦାବି। ପ୍ରାୟ ୫୦ ଜଣ ହିତାଧିକାରୀଙ୍କ ଖାତାକୁ ୫୦ ହଜାର ଟଙ୍କା ଲେଖାଏଁ ଜମା ହେବା ପରେ ସେଥିରୁ ୪୭ ହଜାର ଟଙ୍କା କାଢ଼ି ବିଭାଗ ସହ ଜଡିତ ଜଣେ ଏଜେଣ୍ଟଙ୍କୁ ଦେବାକୁ କୁହାଯାଇଥିବା ଅଭିଯୋଗ ହୋଇଛି।

ଏତିକିରେ ଅଟକି ନାହିଁ ବିବାଦ। ବର୍ତ୍ତମାନ ପୁଣି ଥରେ ଗ୍ରାମର ମାଟିରାଙ୍କ ପାହାଡ଼ରେ ସ୍ଥାନୀୟ ଲୋକଙ୍କ ସମ୍ମତି ବିନା ଚାରା ରୋପଣ ପାଇଁ ଉଦ୍ୟମ କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଭାଗ ଲୋକଙ୍କ ମତାମତକୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ମଧ୍ୟ ଉଠିଛି। ଗ୍ରାମବାସୀ ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ସହ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଧାମନଗର ବନ୍ୟା ମୁକାବିଲା : ବିଜେଡି ସାମ୍ବାଦିକ ସମ୍ମିଳନୀକୁ ବିଜେପିର ସମାଲୋଚନା

# ରାଜନୀତି ନକରି ସହଯୋଗ କରିବାକୁ ଆହ୍ୱାନ




ଧାମନଗର,୧।୮ (ସଂଚାର ବ୍ୟୁରୋ): ଧାମନଗର ଅଞ୍ଚଳରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାର ମୁକାବିଲାକୁ ନେଇ ବିରୋଧୀ ଦଳ ବିଜେଡି କରିଥିବା ସାମ୍ବାଦିକ ସମ୍ମିଳନୀକୁ ଶାସକ ଭାରତୀୟ ଜନତା ପାର୍ଟି ପକ୍ଷରୁ 'କୁମ୍ଭୀର କାନ୍ଦଣା' ଭାବେ ଅଭିହିତ କରାଯାଇଛି।

ବିଜେପି ଜିଲ୍ଲା ସଂପାଦକ ଅରବିନ୍ଦ ପତି ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ବିଜେଡି ବନ୍ୟା ଭଳି ଏକ ସଂବେଦନଶୀଳ ମୁହୂର୍ତ୍ତରେ ଅଯଥା ରାଜନୀତି କରୁଛି। ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ଧାମନଗରକୁ ବନ୍ୟାମୁକ୍ତ କରିବା ପାଇଁ କୌଣସି ସ୍ଥାୟୀ ପ୍ରତିକାର କରିପାରିନଥିଲା। ପୂର୍ବରୁ ସାମାନ୍ୟ ବର୍ଷାରେ ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ, ଚଳିତ ବର୍ଷ ୧୯୯୯ ମହାବାତ୍ୟା ପରେ ସବୁଠାରୁ ବଡ଼ ବନ୍ୟା ଦେଖିବାକୁ ମିଳିଛି। ଆଖୁଆପଦାଠାରେ ବୈତରଣୀ ନଦୀର ଜଳପତ୍ତନ ସର୍ବାଧିକ ୨୦.୪୬ ମିଟରରେ ପହଞ୍ଚିଥିଲେ ହେଁ, ରାଜ୍ୟ ସରକାର ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରି ଦିନରାତି ବନ୍ୟା ମୁକାବିଲାରେ ନିୟୋଜିତ ଅଛନ୍ତି।

ବନ୍ୟା ଆସୁଥିବା ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ଜରୁରୀ ପ୍ରସ୍ତୁତି ବୈଠକ ଡାକିଥିଲେ। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସେ ବିରୋଧୀ ଦଳର ବିଜୁ ଜନତା ଦଳ ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଓ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକଙ୍କ ସମେତ ଅନ୍ୟ ନେତାମାନଙ୍କୁ ଆନ୍ତରିକତାର ସହ ନିମନ୍ତ୍ରଣ କରିଥିଲେ। ହେଲେ ସେମାନେ ଏହି ବୈଠକରେ ଯୋଗ ନଦେଇ ଦାୟିତ୍ୱହୀନତା ଦେଖାଇଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବନ୍ୟା ମୁକାବିଲାର ପ୍ରତ୍ୟେକଟି ଦିଗ ପ୍ରତି କଡ଼ା ନଜର ରଖିଛନ୍ତି।

# ଓଭର ହେଡ଼ ପାଣି ଟାଙ୍କି ସିଡ଼ିରୁ ଖସି ଶ୍ରମିକ ମୃତ

ରାଇଘର,୧।୮ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା ଯୋଡ଼େଙ୍ଗା ଠାରେ ନୂତନ ଭାବେ ନିର୍ମାଣ ଚାଲିଥିବା ପାଣି ଟାଙ୍କି ସିଡିରୁ ପଡି ଦ୍ରୋଣ ମାଝୀ ନାମକ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି | ପ୍ରାପ୍ତ ସୂଚନା ଅନୁଯାୟୀ ଦ୍ରୋଣ ମାଝୀ ଯାହାଙ୍କ ଘର କଳାହାଣ୍ଡିରେ ବୋଲି ଜଣାପଡିଛି | ସେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପରିମଳ ବିଭାଗ ଯୋଡ଼େଙ୍ଗା ରେ ଚାଲିଥିବା ପାଣିଟାଙ୍କି ରେ ଶ୍ରମିକ ଭାବେ କାମ କରୁଥିଲେ |ଆଜି ପ୍ରାୟ ଅପରାହ୍ନ 4ଟା ସମୟରେ ସିଡିରେ ଚଢି ଯିବା ସମୟ ରେ ଗୋଡ଼ ଖସି ଯାଇଥିଲା |ନିକଟରେ ଥିବା ଲୋକେ ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଥିବା ଜଣା ପଡିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରିବା ସହ ପ୍ରକୃତ କାରଣ କୁ ନେଇ ତଦନ୍ତ ଚଳାଇଛି |ରାତି ହୋଇଯାଇଥିବାରୁ ଆସନ୍ତାକାଲି ରବିବାର ଶବବ୍ୟବଚ୍ଛେଦ ହେବା ନେଇ ପୋଲିସ ପ୍ରକାଶ କରିଛି |

# ସାଂସଦଙ୍କ ଦ୍ୱାରା ପଛୁଆ ବର୍ଗ ଛାତ୍ରାବାସ ଉଦ୍‌ଘାଟିତ



ନୀଳଗିରି,୧।୮ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ୧୧ଟା ସମୟ ରେ ନିଳଗିରି ବ୍ଲକ ଅଧିନସ୍ଥ ମିତ୍ରପୁର ସ୍ଥିତ ସ୍ୱର୍ଣ୍ଣ ଚୁଡ଼ ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଅନୁଦାନ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ତଥା ପଛୁଆ ବର୍ଗ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ କ୍ୟାମ୍ପସରେ ନିର୍ମିତ ପଛୁଆ ବର୍ଗ ଛାତ୍ରାବାସର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଶୁଭ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଛାତ୍ରାବାସଟି ୨ କୋଟି ୮୬ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଅଛି ।

ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମିତା ମହାପାତ୍ର,ଅଧ୍ୟାପକ ଅମିତ ସାହୁ ଏବଂ ଶତାଧିକ ଛାତ୍ର ଓ ଛାତ୍ରୀ ଉପସ୍ଥିତ ଥିଲେ। ଏହି ଛାତ୍ରାବାସ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପାଇଁ ଉପଯୁକ୍ତ ପରିବେଶ, ନିରାପଦ ଆବାସ ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ସାଂସଦ ମତବ୍ୟକ୍ତ କରିଛନ୍ତି ।

# ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ଅନିର୍ଦ୍ଦିଷ୍ଟକାଳ ବସ୍ ଚଳାଚଳ ବନ୍ଦ



ନୀଳଗିରି,୧।୮ (ସଂଚାର ବ୍ୟୁରୋ): ନୀଳଗିରି-ପଂଚଲିଙ୍ଗେଶ୍ୱର ରାସ୍ତା ରେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇଥିବା ଯୋଗୁଁ ଉକ୍ତ ରାସ୍ତା ମରଣ ଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ୮ଟିବସ ଚଳାଚଳ କରିବା କଷ୍ଟକର ବ୍ୟାପର ବୋଲି ବସ ମାଲିକ ହିମାଂଶୁ ଶେଖର ସେନାପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ସମସ୍ତ ବସ ଚଳା ଚଳ ବନ୍ଦ ନେଇ ଆଜି ସକାଳେ ସୋସିଆଲ ମିଡ଼ିଆ ରେ ସୂଚନା ଦେଇଛନ୍ତି।ଏହାକୁ ନେଇ ସାଧାରଣ ଲୋକ ମୁଣ୍ଡରେ ହାତ ଦେଲେଣି, ଅପରପକ୍ଷରେ ରାତି ପାହିଲେ ଶ୍ରାବଣ ମାସର ୩ୟ ସମୋବାର ଥିବା ରୁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ଭକ୍ତ ଙ୍କ ଭିଡ଼ ହେବା।ତେଣୁ ଜିଲ୍ଲା ପ୍ରଶାସନ ଉକ୍ତ ଘଟଣା କୁ ଗୁରୁତର ନେଇ ସମାଧାନ ନକଲେ ଜନ ଆନ୍ଦୋଳନ ହେବ ବୋଲି ଶୁଣି ବାକୁ ମିଳିଛି। ଘଟଣା ସମ୍ପର୍କରେ ବସ ମାଲିକ ହିମାଂଶୁ ଶେଖର ସେନାପତି ଙ୍କୁ ପଚାରିବାରୁ ମୁଁ ସୋସିଆଲ ମିଡିଆ ଛାଡିବା ପରେ ବିଭିନ୍ନ ନେତା ଓ ପ୍ରଶାସନ ଚାପ ପକାଉଛନ୍ତି।ଦେଖିବା ସବୁ ବସ ମାଲିକ ବସି ପୁଣି ଥରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ଦଳ ପକ୍ଷରୁ ୨୪ମାସରେ୨୫ଥର ଧାରଣା, ଆନ୍ଦୋଳନ, ରାସ୍ତା ଅବରୋଧ କରିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଖାଲି ପ୍ରତିଶ୍ରୁତି ମିଳିଥାଏ।ନୀଳଗିରି ଗଣ ପର୍ବ ରଥଯାତ୍ରା ଶେଷ ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନଥିବା ରୁ ବସ ମାଲିକ ସହ ସାଧାରଣ ଲୋକ ଚିନ୍ତାରେ ଅଛନ୍ତି।



# ତରଭୁଜ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ହିତକର



୬ଟି ଋତୁରେ ଭିନ୍ନ ଭିନ୍ନ ଫଳମୂଳ, ପନିପରିବା ମିଳିଥାଏ। ଋତୁ ହିସାବରେ ମିଳୁଥିବା ଖାଦ୍ୟ ଖାଇବା ଉଚିତ୍। କାହିଁକିନା ଏହି ସବୁ ଜିନିଷ ଆମକୁ ସଠିକ୍ ମାତ୍ରାର ପୋଷକ ତତ୍ତ୍ୱଯୋଗାଇଥାଏ। ଯାହା ଫଳରେ ଆମେ ସୁସ୍ଥ ରହିଥାଉ। ଆମ ସୁସ୍ଥ ଶରୀର ଗଠନ ପାଇଁ ଆମକୁ ପ୍ରତ୍ୟେକ ଖାଦ୍ୟର ଆବଶ୍ୟକତା ରହିଛି। ଏମିତି କିଛି ଜିନିଷ ଥାଏ ଯାହା କେବଳ ନିର୍ଦ୍ଦିଷ୍ଟ ସମୟରେ ହିଁ ମିଳିଥାଏ। ସେହି ସବୁ ମଧ୍ୟରୁ ତରଭୁଜ ହେଉଛି ଅନ୍ୟତମ। ଧୀରେ ଧୀରେ ଖରାର ପ୍ରକୋପ ଆରମ୍ଭ ହେଲାଣି। ଖରା ବଢ଼ିବା ସହିତ ତରଭୁଜ କିଣିବାକୁ ଦୋକାନରେ ଭିଡ଼ ମଧ୍ୟ ଲାଗିବା ଆରମ୍ଭ ହୋଇଗଲାଣି। ଅଧିକାଂଶ ଲୋକ ତରଭୁଜ ଖାଇବାକୁ ଖୁବ୍ ପସନ୍ଦ କରିଥାଆନ୍ତି। ଏହା କେବଳ ସ୍ୱାଦିଷ୍ଟ ହୋଇନଥାଏ ବରଂ ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ ହୋଇଥାଏ। ଯାହା ଆମକୁ ଅନେକ ରୋଗରୁ ରକ୍ଷା କରିଥାଏ। ସାଧାରଣତଃ ଖରାଦିନେ ଆମେ ଦୁର୍ବଳ ଅନୁଭବ କରିଥାଉ। କିନ୍ତୁ ତରଭୁଜ ଖାଇବା ଦ୍ୱାରା ଆମକୁ ଏନର୍ଜି ମିଳିଥାଏ। ଡିହାଇଡ୍ରେସନ୍ ଭଳି ସମସ୍ୟାରେ ମଧ୍ୟ ସୁଧାର ଆଣିଥାଏ।

ଏତିକି ନୁହେଁ ଖରାଦିନେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଥଣ୍ଡା ରଖିଥାଏ। ଏଥିରେ ୯୬ ପ୍ରତିଶତ ପାଣି ରହିଥାଏ। ଏହା ଛଡ଼ା ଏଥିରେ ରହିଥିବା ପୋଷକ ଏବଂ ପାଣି ଭୋକ ଆଉ ଶୋଷ ଉଭୟକୁ ମେଣ୍ଟାଇଥାଏ। ଶରୀରକୁ ତାତିରୁ ରକ୍ଷା କରିବା ପାଇଁ ଏହାକୁ ଖାଇବା ଦରକାର। ତରଭୁଜରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ, ବି, ସି ସହ ଆଇରନ୍, ମ୍ୟାଗ୍ନେସିୟମ୍ ଏବଂ ପଟାସିୟମ୍ ରହିଥାଏ। ଯାହା ପାଟିକୁ ସୁଆଦ ଲାଗିବା ସହ ଖରା ପ୍ରକୋପରୁ ମଧ୍ୟ ଆଶ୍ୱସ୍ତି ଦେଇଥାଏ। ସାଧାରଣତଃ ତରଭୁଜ ଖାଇବା ପରେ ତା'ର ମଞ୍ଜିକୁ ଆମେ ଫିଙ୍ଗି ଦେଇଥାଉ। ହେଲେ ତରଭୁଜ ଭଳି ଏହାର ମଞ୍ଜି ମଧ୍ୟ ଶରୀର ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଯାହା ଖାଇବା ଦ୍ୱାରା ଅନେକ ରୋଗରୁ ରକ୍ଷା ମିଳିଥାଏ। ତେବେ ଆସନ୍ତୁ ଏହାର ଉପକାରୀ ଗୁଣ ସମ୍ପର୍କରେ ଜାଣିବା।

ତରଭୁଜ ମଞ୍ଜି ହେଉଛି ମୋନୋ ଅନସ୍ୟାଚୁରେଟେଡ୍ ଓ ପଲି ଅନସେଚୁରେଟେଡ୍ ଫ୍ୟାଟି ଏସିଡ୍‌ର ଏକ ଭଲ ଉତ୍ସ। ଏହା ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି ଇଂଫ୍ଲେମେଟୋରୀ ଏଜେଣ୍ଟ ରୂପେ କାମ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମର ମାତ୍ରା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ତରଭୁଜ ମଞ୍ଜିରେ ମାଇକ୍ରୋ ନିଉଟ୍ରିଏଣ୍ଟ୍ସ, ଆଇରନ , ଜିଙ୍କ, ପ୍ରୋଟିନ୍ ଓ ଫାଇବର ଭରପୂର ମାତ୍ରାରେ ରହିଥାଏ। ସୁସ୍ଥ ରହିବା ପାଇଁ ଖାଦ୍ୟରେ ଏସବୁ ଜିନିଷ ରହିବା ନିହାତି ଜରୁରୀ। ତରଭୁଜ ମଞ୍ଜିରେ କମ୍ କ୍ୟାଲୋରୀ ଥିବା ହେତୁ ଏହାର ସେବନ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ହୋଇଥାଏ। ତରଭୁଜ ମଞ୍ଜିରେ ୦.୨୯ ଗ୍ରାମ୍ ଆଇରନ୍ ଥାଏ ଯାହା ଆମ ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ। ଗର୍ଭବତୀ ମହିଳାଙ୍କ ପାଇଁ ତରଭୁଜ ମଞ୍ଜି ଅତ୍ୟନ୍ତ ଉପକାରୀ ହୋଇଥାଏ। ଏହା ଖାଇବା ଦ୍ୱାରା ଉଭୟ ମାଆ ଓ ଛୁଆକୁ ସୁସ୍ଥ ରହିଥାଆନ୍ତି। ଏହାର ଫାଇଦା ସମ୍ପର୍କରେ ଆମେ ଆଜି ଆପଣଙ୍କୁ ଜଣାଇବୁ।

**ଚର୍ମକୁ ସୁସ୍ଥ ରଖେ:** ତରଭୁଜ ମଞ୍ଜିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ, ମ୍ୟାଗ୍ନେସିୟମ ଇତ୍ୟାଦି ଭରପୂର ମାତ୍ରାରେ ଥିବାରୁ ଚର୍ମକୁ ସଫା କରିବାରେ ସାହାଯ୍ୟ କରିଥାଏ। ମୁହଁରୁ କଳା ଦାଗ ଓ ବ୍ରଣ ଆଦି ହଟାଇବା ପାଇଁ ମଧ୍ୟ ଏହା ପ୍ରଭାବଶାଳୀ। ବୟସ ପୂର୍ବରୁ ବୃଦ୍ଧାବସ୍ଥାକୁ ଏହା ଦୂର କରିଥାଏ। ଶୁଷ୍କ ଚର୍ମ ପାଇଁ ଆପଣ ଏହାକୁ ବ୍ୟବହାର କରି ପାରିବେ। ତରଭୁଜ ମଞ୍ଜି ଆପଣଙ୍କ ପାଇଁ ଏକ ମଏଶ୍ଚରାଇଜର ଭାବେ ମଧ୍ୟ କାର୍ଯ୍ୟକାରୀ କରିଥାଏ।

**କେଶକୁ ମଜବୁତ କରେ:** କେଶକୁ ସୁସ୍ଥ ରଖିବା ପାଇଁ ଚାହୁଁଥିଲେ ଆପଣ ତରଭୁଜ ମଞ୍ଜିର ବ୍ୟବହାର କରିପାରିବେ। ତରଭୁଜ ମଞ୍ଜିରେ ପ୍ରୋଟିନ୍, ଆଇରନ୍, ମ୍ୟାଗ୍ନେସିୟମ୍, ଜିଙ୍କ, ଓ କପରରେ ପରିପୂର୍ଣ୍ଣ ଥିବାରୁ ଏହା କେଶକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା କେଶକୁ ମଜବୁତ କରିବା ସହ ଘନତ୍ୱକୁ ମଧ୍ୟ ବଢାଇଥାଏ। କେଶ ଝଡିବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।

**ହାର୍ଟକୁ ସୁସ୍ଥ ରଖେ:** ତରଭୁଜ ମଞ୍ଜି ହାର୍ଟକୁ ଅନେକ ଉପାୟରେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏଥିରେ ଥିବା ମୋନୋଅନସ୍ୟାଚୁରେଟେଡ୍ ଓ ପଲିଅନସେଚୁରେଟେଡ୍ ଫ୍ୟାଟି ଏସିଡ୍ ଯାହା ହାର୍ଟ ଷ୍ଟ୍ରୋକ ଭଳି ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରେ। ଏହି ମଞ୍ଜିରେ ଅଧିକ ପରିମାଣର ମ୍ୟାଗ୍ନେସିୟମ୍ ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ। ହାର୍ଟରେ ଥିବା କ୍ୟାଲସିୟମର ଗତିକୁ ମଧ୍ୟ ଏହା ନିୟନ୍ତ୍ରଣ କରିଥାଏ।

**ରକ୍ତରେ ଶର୍କରାର ସ୍ତର କମାଏ:** ଅନିୟନ୍ତ୍ରିତ ବ୍ଲଡ଼ ସୁଗାର ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ତରଭୁଜ ମଞ୍ଜି ଏକ ସଞ୍ଜିବନୀ ପରି କାମ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମ ,କାର୍ବୋହାଇଡ୍ରେଟ ର ମେଟାବୋଲିଜିମ୍ ନିୟନ୍ତ୍ରଣ କରି ରଖିଥାଏ। ଏହାଦ୍ୱାରା ରକ୍ତରେ ଶର୍କରା ପରିମାଣ ବୃଦ୍ଧି ହୋଇନଥାଏ।

**ଶ୍ୱାସ ରୋଗ କମାଏ:** ତରଭୁଜ ମଞ୍ଜିରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଛି। ଯାହା ଶ୍ୱାସରୋଗ ବା ଆସ୍ଥମା ରୋଗୀଙ୍କ ପାଇଁ ଅତ୍ୟନ୍ତ ଲାଭ ଦାୟକ ହୋଇଥାଏ। ଭିଟାମିନ୍ ସି ଏକ ଶକ୍ତିଶାଳୀ ଡାଏଟାରୀ ଆଣ୍ଟିଅକ୍ସିଡାଣ୍ଟ ଯାହା ଆସ୍ଥମାର ପ୍ରଭାବ ଧିରେ ଧିରେ ଶରୀରରୁ କମାଇ ଥାଏ। ଶ୍ୱାସ ରୋଗକୁ କମାଇବା ପାଇଁ ତରଭୂଜ ମଞ୍ଜିର ବ୍ୟବହାରକୁ ନେଇ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ତେଣୁ ଆପଣମାନେ ତରଭୁଜ ନଖାଇ ଏହାର ମଞ୍ଜି ଖାଇବାକୁ ଚେଷ୍ଟା କରନ୍ତୁ।

# ପିଲାଙ୍କ ସ୍ମରଣ ଶକ୍ତି ବଢ଼ିବ କେମିତି ?

ପ୍ରତ୍ୟେକ ପିତାମାତା ଚାହାଁନ୍ତି ଯେ ତାଙ୍କ ପିଲା ଶ୍ରେଣୀରେ ଭଲ କରୁ ଜିନିଷ ଗୁଡ଼ିକୁ ଶୀଘ୍ର ମନେ ରଖୁ ଏବଂ ପରୀକ୍ଷା ସମୟରେ ଆତ୍ମବିଶ୍ୱାସୀ ହେଉ। କିନ୍ତୁ କେତେକ ସମୟରେ, ସେମାନେ ଯେତେ କଠିନ ପରିଶ୍ରମ କଲେ ମଧ୍ୟ, ପିଲାମାନେ ଜିନିଷ ଗୁଡ଼ିକୁ ମନେ ରଖିବା ପାଇଁ ସଂଘର୍ଷ କରନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ପିଲା ଦୁର୍ବଳ, ବରଂ ସେମାନଙ୍କ ମସ୍ତିଷ୍କକୁ ଉପଯୁକ୍ତ ତାଲିମ ଆବଶ୍ୟକ। ସ୍ୱାସ୍ଥ୍ୟକର ଖାଦ୍ୟ ମସ୍ତିଷ୍କ ପାଇଁ ଇନ୍ଧନ ପରି ହୋଇଥାଏ। ପିଲାମାନଙ୍କ ମସ୍ତିଷ୍କକୁ ସକ୍ରିୟ ରଖିବା ପାଇଁ ଏକ ସନ୍ତୁଳିତ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଖାଦ୍ୟରେ ଶୁଖିଲା ଫଳ, ଅଣ୍ଡା, ମାଛ, ସବୁଜ ପନିପରିବା, ଫଳ ଏବଂ କ୍ଷୀର ପରି ଖାଦ୍ୟ ସାମିଲ କରନ୍ତୁ। ଏହି



ଖାଦ୍ୟରେ ଉପସ୍ଥିତ ଓମେଗା-୩ ଫ୍ୟାଟି ଏସିଡ୍, ପ୍ରୋଟିନ ଏବଂ ଲୌହ ମସ୍ତିଷ୍କ କୋଷଗୁଡ଼ିକୁ ମଜବୁତ କରେ ଏବଂ ସ୍ମୃତିକୁ ବୃଦ୍ଧି କରେ। ପ୍ରତିଦିନ ସକାଳେ ଭିଜା ବାଦାମ ଦେବା ପିଲାମାନଙ୍କ ସ୍ମୃତିଶକ୍ତି ପାଇଁ ଲାଭଦାୟକ। ନିଦ୍ରା ଅଭାବ ପିଲାମାନଙ୍କର ଏକାଗ୍ରତା ଏବଂ ସ୍ମୃତିକୁ ହ୍ରାସ କରେ। ସ୍କୁଲ ବୟର ପିଲାମାନେ ଅତି କମରେ ୮ରୁ ୧୦ ଘଣ୍ଟା ଶୋଇବା ଉଚିତ। ଯେତେବେଳେ ସେମାନେ ପର୍ଯ୍ୟାପ୍ତ ନିଦ ପାଆନ୍ତି, ମସ୍ତିଷ୍କ ଦିନସାରା ଶିଖିଥିବା ଜିନିଷଗୁଡ଼ିକୁ ସଂଗଠିତ କରେ ଏବଂ ସ୍ମୃତିଶକ୍ତିକୁ ଉନ୍ନତ କରେ। ପ୍ରତିଦିନ ସଂଶୋଧନ କରିବାକୁ ଶିଖନ୍ତୁ।

ପ୍ରତିଦିନ ୧୦ ମିନିଟ ପାଇଁ ସେମାନେ ଅଧ୍ୟୟନ କରିଥିବା ପାଠଗୁଡ଼ିକୁ ସଂଶୋଧନ କରିବାର ଅଭ୍ୟାସ କରନ୍ତୁ। ଏହା ମସ୍ତିଷ୍କର ଦୀର୍ଘକାଳୀନ ସ୍ମୃତି ଅଂଶରେ ସୂଚନା ସଂରକ୍ଷଣ କରିବାରେ ସାହାଯ୍ୟ କରେ। ଅଧ୍ୟୟନକୁ ବିରକ୍ତିକର କରନ୍ତୁ ନାହିଁ। ବରଂ ଖେଳ ଏବଂ କାର୍ଯ୍ୟକଳାପ ମାଧ୍ୟମରେ ଏହାକୁ ମଜାଦାର କରନ୍ତୁ। ପିଲାମାନଙ୍କୁ ହାଇଡ୍ରେଟେଡ ରଖନ୍ତୁ। ପିଲାମାନେ ପ୍ରାୟତଃ ଧ୍ୟାନ ହରାନ୍ତି କାରଣ ସେମାନେ ଡିହାଇଡ୍ରେଟେଡ ହୁଅନ୍ତି। ପାଣିର ଅଭାବ ପିଲାମାନଙ୍କୁ ଅଳସୁଆ ଏବଂ ଦ୍ୱନ୍ଦ୍ୱରେ ପକାଇପାରେ। ପିଲାମାନଙ୍କୁ ସକାଳେ ଉଠିବାକୁ ତାଜା ପବନରେ ଅଳ୍ପ ସମୟ ଚାଲିବାକୁ ଏବଂ ତାପରେ ଅଧ୍ୟୟନ କରିବାକୁ ଉତ୍ସାହିତ କରନ୍ତୁ। ଏହା ଅମ୍ଳଜାନ ସ୍ତର ବୃଦ୍ଧି କରେ ଏବଂ ମସ୍ତିଷ୍କ କାର୍ଯ୍ୟକୁ ଉନ୍ନତ କରେ। ଯୋଗ ଏବଂ ଧ୍ୟାନ ଏକାଗ୍ରତା ବୃଦ୍ଧି କରେ। ଶିଶୁ ମାନଙ୍କୁ ପ୍ରତିଦିନ ୧୦-୧୫ ମିନିଟ ପାଇଁ ଯୋଗ କିମ୍ବା ଧ୍ୟାନ କରିବାକୁ ଉତ୍ସାହିତ କରନ୍ତୁ। ସବୁବେଳେ ପିଲାମାନଙ୍କ ଉପରେ ନିଜର ସ୍ୱପ୍ନ, ନିଜର ଇଛାକୁ ଚାପି ଦେବା ପାଇଁ ତା' ଭାବନାକୁ ବାଧା ପ୍ରାପ୍ତ କରନ୍ତୁ ନାହିଁ। ପିଲାଟି ଦିନରୁ ଭଗବତ୍ ବିଶ୍ୱାସୀ କରାନ୍ତୁ। ପ୍ରତିଦିନ ଯେପରି ବ୍ରାହ୍ମ ମୁହୂର୍ତ୍ତ ଉଠିବ ସେ ଦିଗକୁ ଦେଖନ୍ତୁ। ସୁଷମ ଖାଦ୍ୟ, ଘରୋଇ ପ୍ରସ୍ତୁତ ଖାଦ୍ୟ ପିଲାଟିକୁ ଦିଅନ୍ତୁ। ପିଲାଟି ପିଉଥିବା ପାଣି ଯେପରି ବିଶୋଧିତ ଥାଏ ସେ ଦିଗ ଦେଖନ୍ତୁ। ପଞ୍ଚ ମାନବୀୟ ମୂଲ୍ୟବୋଧ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା, ଏହି ବ୍ରତଟି ପିଲାଟିର ଜୀବନର ଦିଗଦର୍ଶନ ହେଉ। ପିଲାମାନଙ୍କୁ ସକାରାତ୍ମକ ପରିବେଶ ଓ ଭାବନା ସହିତ ବଢ଼ାଇଲେ ସେମାନଙ୍କ ସ୍ମରଣ ଶକ୍ତି ତୀକ୍ଷଣ ଓ ଆଧ୍ୟାତ୍ମିକମୟ ହୋଇପାରିବ।

# ହାତ, ପାଦରୁ ଯକୃତ ରୋଗ ଜଣାପଡ଼େ

ଯକୃତ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟରୁ ଗୋଟିଏ ଯାହା ଡିଟକ୍ସିଫିକେସନ, ପ୍ରୋଟିନ ସଂଶ୍ଳେଷଣ ଏବଂ ପାଚନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଯକୃତ କ୍ଷତି ପ୍ରାୟତଃ ଧୀରେ ଧୀରେ ଆରମ୍ଭ ହୁଏ ଏବଂ ଏହାର ପ୍ରାରମ୍ଭିକ ଲକ୍ଷଣ ଏତେ ସୂକ୍ଷ୍ମ ଯେ ଲୋକମାନେ ସେଗୁଡ଼ିକୁ ସହଜରେ ଅଣଦେଖା କରନ୍ତି। ଯକୃତ କ୍ଷତି ସେତେବେଳେ ହୁଏ ଯେତେବେଳେ ରୋଗ, ଭାଇରାଲ ସଂକ୍ରମଣ, ଅତ୍ୟଧିକ ମଦ୍ୟପାନ କିମ୍ବା କ୍ଷତିକାରକ ବିଷାକ୍ତ ପଦାର୍ଥ ଦ୍ୱାରା ଯକୃତ ଆହତ ହୁଏ। ଅବସ୍ଥା ଗୁରୁତର ହେବା ପର୍ଯ୍ୟନ୍ତ, ଲକ୍ଷଣ ଗୁଡ଼ିକ ହାଲୁକା ରହିଥାଏ, ଯେପରିକି ଜଣ୍ଡିସ କିମ୍ବା ପେଟ ଫୁଲିଯାଏ। ତଥାପି ଯକୃତ କ୍ଷତିର ପ୍ରାରମ୍ଭିକ ଲକ୍ଷଣ ଶରୀରର ସର୍ବାଧିକ ରକ୍ତ ସଞ୍ଚାଳନ ଥିବା ସ୍ଥାନଗୁଡ଼ିକରେ ଦେଖାଯାଏ, ଯଥା ହାତ ଏବଂ ପାଦ। ଯକୃତ କାର୍ଯ୍ୟ ଖରାପ ହେଲେ ଦେଖାଯାଉଥିବା ଏହି ଲକ୍ଷଣ ଗୁଡ଼ିକ ଏକ ଗୁରୁତର ଚେତାବନୀ ସଙ୍କେତ ଯାହା ଶୀଘ୍ର ଚିହ୍ନଟ ହେଲେ, ରୋଗକୁ ରୋକିପାରିବ। ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଦ୍ୱାରା ଯକୃତ ସିରୋସିସ କିମ୍ବା ଯକୃତ ବିଫଳତା ଭଳି ଜୀବନ ଘାତକ ଅବସ୍ଥା ହୋଇପାରେ। ଯକୃତ କ୍ଷତିର ପ୍ରଥମ ସ୍ପଷ୍ଟ ଲକ୍ଷଣ ହାତର ପାପୁଲିରେ ଦେଖାଯାଏ। ଯାହାକୁ ପାମାର ଏରିଥେମା କୁହାଯାଏ। ଏହି ଅବସ୍ଥା ପାପୁଲି ଲାଲ କରିଦିଏ। ଯକୃତ କ୍ଷତି ଶରୀରରେ ରକ୍ତ ପ୍ରବାହ ଧାରାକୁ ଏବଂ ହରମୋନ ସ୍ତରକୁ ପରିବର୍ତ୍ତନ କରେ। ଯେହେତୁ ଯକୃତ ରକ୍ତବାହୀ ନଳୀ କାର୍ଯ୍ୟକୁ ନିୟନ୍ତ୍ରଣ କରେ ଯକୃତର କ୍ଷତି ହାତରେ ରକ୍ତବାହୀ ନଳୀର ଅସ୍ୱାଭାବିକ ପ୍ରସାରଣ ସୃଷ୍ଟି କରିପାରେ। ସିରୋସିସ୍ କିମ୍ବା ହେପାଟାଇଟିସ ଭଳି ରୋଗର ଲକ୍ଷଣ ହୋଇପାରେ। ଯକୃତ କ୍ଷତିର ଆଉ ଏକ ପ୍ରମୁଖ ଲକ୍ଷଣ ହେଉଛି ପାଦ ଏବଂ ଗୋଡ଼ରେ ଫୁଲା। ଯକୃତ ରକ୍ତ ଘନ ପ୍ରୋଟିନ ଆଲବୁମିନ୍ ଉତ୍ପାଦନ କରେ। ଯକୃତ କ୍ଷତିଗ୍ରସ୍ତ ହେଲେ ଆଲବୁମିନ ଉତ୍ପାଦନ ହ୍ରାସ ପାଏ ଯାହା ରକ୍ତବାହୀ ନଳୀରୁ ତରଳ ପଦାର୍ଥ ଲିକେଜ କରି ପାଦ ଟିସୁରେ ଜମା ହୁଏ। ଏହି ଫୁଲା ଏବଂ ଭାରୀପଣ ଶରୀରରେ ତରଳ ସନ୍ତୁଳନରେ ଅସନ୍ତୁଳନକୁ ସୂଚିତ କରେ। ଯକୃତ ରୋଗ ମଧ୍ୟ ନଖକୁ ପ୍ରଭାବିତ କରେ। ଗୁରୁତର ଯକୃତ ରୋଗରେ ନଖର ତଳ ଭାଗ ଧଳା ହୋଇପାରେ ଯାହାକୁ ଟେରିର ନଖ କୁହାଯାଏ। ନଖ ହଳଦିଆ ପଡ଼ିବା ବିଲିରୁବିନ ଜମା (ଜଣ୍ଡିସ) ମଧ୍ୟ ସୂଚାଇପାରେ। ତେଣୁ ଯଦି ଆପଣ ଏହି ଲକ୍ଷଣ ଗୁଡ଼ିକ ଅନୁଭବ କରନ୍ତି ତେବେ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ଯେତେବେଳେ ଯକୃତ ବିଷାକ୍ତ ପଦାର୍ଥ ବାହାର କରିବାରେ ଅସମର୍ଥ ହୁଏ, ରକ୍ତରେ ପିତ୍ତ ଜମା ହୁଏ।



# ଅଫିସ୍‌ରେ ରାତିରେ କାମ କରୁଥିଲେ ସାବଧାନ

ଆଇଟି ସେକ୍ଟର, ହେଲ୍‌ଥି କେୟାର, ମିଡିଆ, କଲ୍ ସେଣ୍ଟରେ ଏବଂ ଅନ୍ୟ କିଛି କ୍ଷେତ୍ରରେ ଲକ୍ଷାଧିକ ଲୋକ ରାତିରେ କାମ କରନ୍ତି। ତା'ସହ ଦିନରେ ସେମାନେ ବିଶ୍ରାମ ନେବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି । ତେବେ ରାତିରେ କାମ କରିବା ଦ୍ୱାରା ନିଦ୍ରାଚକ୍ର ଠିକ୍ ରହେ ନାହିଁ ଏବଂ ଶରୀରକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳି ନ ଥାଏ। ଏହାର ପ୍ରଭାବ ମସ୍ତିଷ୍କ, ହରମୋନ୍, ହୃଦୟ ଏବଂ ପାଚନକ୍ରିୟା ଉପରେ ପଡ଼ିପାରେ । ସେହିପରି ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କ ଠାରେ ଅକ୍ଳାପଣ, ଅବସାଦ, ମେଦବହୁଳତା, ହୃଦ୍ ସମ୍ବନ୍ଧିତ ରୋଗ ଦେଖାଦେଓ୍ୱାର ଆଶଙ୍କା ବଢ଼ିଯାଏ। ତେଣୁ ଏଭଳି ଲୋକ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ସହିତ ଜୀବନଶୈଳୀରେ ସନ୍ତୁଳନ ରକ୍ଷା କରିବା ଉଚିତ।

ମଣିଷ ଶରୀର ଦିନରେ କାମ କରିବା ଏବଂ ରାତିରେ ବିଶ୍ରାମ ନେବା ପାଇଁ ଉଦ୍ଦିଷ୍ଟ। ଏଭଳି କ୍ଷେତ୍ରରେ ଯେତେବେଳେ ଏହି ସନ୍ତୁଳନ ବିଗିଡିଯାଏ ଏହାର ପ୍ରଭାବ ଧୀରେ ଧୀରେ ସ୍ୱାସ୍ଥ୍ୟ ଉପରେ ଦେଖିବାକୁ ମିଳେ। ଅନେକ ଗବେଷଣାରେ ଏକଥା ସାମ୍ନାକୁ ଆସିଛି ଯେ, ଲଗାତାର ନାଇଟ୍ ସିଫ୍ଟ କରିବା ଦ୍ୱାରା ଶରୀରରେ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ସେହିପରି ବାରମ୍ବାର ଥକ୍କା ଲାଗୁଥିବା ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକେ କହିଥାନ୍ତି। ରାତି ତମାମ କାମ କରିବା ପରେ ଦିନରେ ଶୋଇବାକୁ ଚେଷ୍ଟା କରିବା ଦ୍ୱାରା ଭଲରେ ନିଦ ହୋଇ ନଥାଏ। ଏଭଳି ସ୍ଥିତିରେ ଲୋକଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଥକ୍କା ଲାଗେ। ନିଦ ପୂରା ନହେବାର ପ୍ରଭାବ ପ୍ରଥମେ ମସ୍ତିଷ୍କ ଉପରେ ପଡ଼ିଥାଏ । ଏଭଳି ଲୋକଙ୍କ ଠାରେ ସାଧାରଣତଃ ଚିଡ୍‌ଚିଡାପଣ ଦେଖା ଦେବା ସହ ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ହୋଇ ଥାଏ। ଏହାବାଦ୍ ଏହାର ପ୍ରଭାବ ଶରୀରର ମେଟାବଲିଜିମ୍ ଉପରେ ବି ପଡ଼ିଥାଏ। ରାତିରେ କାମ କରିବା ବେଳେ ଲୋକେ



ମୁଖ୍ୟତଃ ଅସ୍ୱାସ୍ଥ୍ୟକର ସ୍ନାକ୍ସ ଏବଂ ଅଧିକ କେଫିନ୍ର ସେବନ କରନ୍ତି।

ଏହାଦ୍ୱାରା ଓଜନ ବୃଦ୍ଧି ଏବଂ ମୋଟାପଣ ସମସ୍ୟା ଦେଖା ଦେବା ଆଶଙ୍କା ଥାଏ। ଏହି ମୋଟାପଣ ଭବିଷ୍ୟତରେ ମଧୁମେହ ଏବଂ ହାର୍ଟ ସହିତ ଜଡ଼ିତ ରୋଗର ବିପଦ ବୃଦ୍ଧି କରିପାରେ। କେବଳ ସେତିକି ନୁହେଁ, ନାଇଟ୍ ସିଫ୍ଟର ପ୍ରଭାବ ପାଚନତନ୍ତ୍ର ଉପରେ ବି ଦେଖିବାକୁ ମିଳିଛି। ବିଳମ୍ବିତ ରାତ୍ରି ଏବଂ ଅନିୟମିତ ସମୟରେ ଭୋଜନ କରିବା ଦ୍ୱାରା ଏସିଡିଟି, ଗ୍ୟାସ୍ ଏବଂ ପେଟ ସହ ଜଡ଼ିତ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ଅନ୍ୟପଟେ ପର୍ଯ୍ୟାପ୍ତ ନିଦ୍ରାଭାବ ଯୋଗୁଁ ରୋଗ ସହିତ ଲଢ଼ିବାର କ୍ଷମତା ବି ହ୍ରାସ ପାଏ। ଏଭଳି ଲୋକେ ଶୀଘ୍ର କ ଶୀଘ୍ର ରୋଗାକ୍ରାନ୍ତ ହେବା ସହ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ।

● ଶୁଣୁନି ପ୍ରଶାସନ

## ନରୂଆ ଇକ୍ରିଶିଂ ରାସ୍ତା ପାଲଟିଛି ମରଣଯନ୍ତା

ଡିଣ୍ଡୋଲ,୧୮ (ସଂଚାର ବ୍ୟୁରୋ): ତହସିଲ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତା ର ନରୂଆ ଛକ ଠାରୁ ଏକ୍ରିଶିଂ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି



ଲାଗିରହିଥିବା ବର୍ଷା ରେ ବେହାଲ ହୋଇ ଯାଇଛି। ଦୈନିକ କେତେକ ଲୋକ ଗାଡି ରେ ଯାଉଥିବା ସମୟରେ ପଡି ଦୁର୍ଘଟଣା ଘଟୁଥିବା ଦେଖା ଦେଉଛି। କିନ୍ତୁ ସେହି ରାସ୍ତା ଦେଇ ଦୈନିକ ଆସୁଥିଲେ ହେଁ ବିଭାଗୀୟ ଅଧିକାରୀ କାହାର ନଜର ନାହିଁ। ବାରମ୍ବାର ଏଭଳି ଦୁର୍ଘଟଣା ହେବା ଓ ପ୍ରଶାସନ ପକ୍ଷରୁ ସବୁ ଜାଣି ନଜାଣିଲା ପରି ରହିବା ପରେ ସାଗବାରିଆ ରାଜସ୍ୱ ଗ୍ରାମର କିଛି ଯୁବକ ସଙ୍ଗଠନ (ଗଛ ନାରାୟଣୀ ଯୁବକ ସଙ୍ଘ) ତରଫରୁ ନରୂଆ ଛକ ଚେକିଲାକୁ ନିକଟର ରାସ୍ତା ଉପରେ ବର୍ଷା ରେ ସୃଷ୍ଟି ହୋଇଥିବା ଏକ ଗାତ ସମେତ କିଛି ଖାଲ କୁ ନିଜ ହାତରୁ ପଇସା ଖର୍ଚ୍ଚ କରି ବଳାଇ କରିଛନ୍ତି। ଏହାର ଏକ ଭିଡିଓ ସୋଶିଆଲ ମିଡିଆ ରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଏଠି ପ୍ରଶ୍ନ ଉଠୁଛି ଯେ ଏକ୍ଷେତ୍ରରେ କାହାପାଇଁ ଅଛି ପ୍ରଶାସନ? ସାଧାରଣ ଲୋକଙ୍କ ପାଇଁ ଛିଡା ହେବା ପାଇଁ ନା ଦୈନିକ ହଜାର ହଜାର ସଂଖ୍ୟାର ଯାତାୟାତ କରୁଥିବା ଲୋକଙ୍କ ଦୁର୍ଘଟଣା ଦେଖିବା ପାଇଁ, ବୋଲି ସାଧାରଣ ଲୋକ ମାନେ ମତ ରଖିଛନ୍ତି।

## ଜ୍ଞାନବିଜ୍ଞାନ ମେଳା: ୨୧୦ ପ୍ରକଳ୍ପ ପ୍ରଦର୍ଶିତ



ଭଞ୍ଜନଗର,୧୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉମାକାନ୍ତ ମିଶ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଜ୍ୟୋତି ରଞ୍ଜନ ବିଷୋୟୀ, ଉପସଭାପତି ଆଦିତ୍ୟ ପ୍ରଧାନ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବରେ ବାଲ୍ମିକୀ ସେଠୀ, ବଳରାମ ଦାସ, ବିଭୁ ପ୍ରସନ୍ନ ମେହେର ,ସୁବାସ ଚନ୍ଦ୍ର ମଲ୍ଲିକ, ରାଧାକୃଷ୍ଣ ନାୟକ, ଝରଣା ରାଣୀ ପଣ୍ଡା, ଅମୂଲ୍ୟ ମିଶ୍ର, ଗୋପାଳକୃଷ୍ଣ ମିଶ୍ର, ପବିତ୍ର ତ୍ରିପାଠୀ, ଉତ୍ତମ କୁମାର ମହାରଣା ଯୋଗଦେଇଥିଲେ। ପ୍ରାଥମିକ ବର୍ଗ, ଶିଶୁ ବର୍ଗ, ବାଲ୍ ବର୍ଗ, କିଶୋର ବର୍ଗରୁ ମୋଟ୍ ୨୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପଗୁଡିକ ବେଲଗୁଣ୍ଠାଠାରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଜ୍ଞାନ ପ୍ରମୁଖ ଚିତ୍ତରଞ୍ଜନ ମିଶ୍ର ବିବରଣୀ ପଠନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଖର୍ଲିକାନି ଜଙ୍ଗଲ ବନାମ୍ ଡମ୍ପିଂୟାର୍ଡ

ବଲାଙ୍ଗିର,୧୮ (ସଂଚାର ବ୍ୟୁରୋ): ସହରର ସବୁ ମଇଳା ନେଇ ସଂରକ୍ଷିତ ଜଙ୍ଗଲ ଭିତରେ ପକାଇ ସେଥିରେ ନିଆଁ ଲଗାଇବା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଏବଂ ଜଙ୍ଗଲ ଭିତରେ କୁଢକୁଢ ମଇଳା ଗଦା ହେବା ପରିସ୍ଥିତି ସୃଷ୍ଟି ହେବାନେଇ 'ସଞ୍ଚାର' ଖବର କାଗଜରେ ପ୍ରଥମେ ଏନେଇ ଗତ ଏପ୍ରିଲ ୧୫ ତାରିଖ ଦିନ (ବାର୍ଜ୍ୟବସ୍ତୁ ପରିଚାଳନାରେ ବଲାଙ୍ଗିର ମୁନିସିପାଲଟି ଫେଲ) "ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସହରର ମଇଳା" ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ଜଙ୍ଗଲ ବିଭାଗ ତତ୍ପରତା ପ୍ରକାଶ କରି ମୁନିସିପାଲିଟି ଅଧିକାରୀ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରିଜୋନାଲ ଶାଖା, ବଲାଙ୍ଗିରକୁ ପତ୍ର ସଂଖ୍ୟା ୪୧୭୯ ତା.୨୮/୪/୨୦୨୬ ରେ ପ୍ରଥମେ ଏକ ପତ୍ର ପ୍ରେରଣ କଲା। ଏହାପରେ ବି ମୁନିସିପାଲଟି ପ୍ରଶାସନ କୌଣସି ପଦକ୍ଷେପ ନେଲେ ନାହିଁ। ସ୍ଥାନୀୟ ଲୋକେଙ୍କ ଅଭିଯୋଗ ଏବଂ ସମାଜିକ କର୍ମି ହେମନ୍ତ ପଣ୍ଡା ଗତ ମାସରେ ବନ ବିଭାଗକୁ ସୂଚନା ଅଧିକାର ନିୟମରେ ସୂଚନା ମାଗିବାରୁ ପୁଣିଥରେ ସ୍ଥାନୀୟ ବନ ବିଭାଗ ତା.୧୦/୭/୨୦୨୬ ପତ୍ର ସଂଖ୍ୟା-୭୧୨୫ରେ ବଲାଙ୍ଗିର ମୁନିସିପାଲଟି ପ୍ରଶାସନକୁ ଚିଠି କଲା ଏବଂ ଏହାସହ ସେହି ଜୁଲାଇ ୧୦ ତାରିଖ ଦିନ ପତ୍ର ସଂଖ୍ୟା-୭୧୨୩ରେ ରାଜ୍ୟ

● ବନ ବିଭାଗର ବାରମ୍ବାର ଚିଠି ପରେ ବି ପ୍ରଶାସନ ଚୁପ

● ସହରର ଆବର୍ଜନାକୁ ନେଇ ଜଙ୍ଗଲରେ ପକାଉଛି ପୌରପରିଷଦ

● ହାତ ବାନ୍ଧି ବସିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରିଜୋନାଲ ଶାଖା ବଲାଙ୍ଗିରକୁ ମଧ୍ୟ ଚିଠି କରିଛନ୍ତି। ତା'ପରେ ମଧ୍ୟ ମୁନିସିପାଲଟି ମଇଳା ପକାଇବା ବନ୍ଦକଲା ନାହିଁ କି ବନ ବିଭାଗ ଚିଠିର ଉତର ରଖିଲା ନାହିଁ। ସତେ ଯେମିତି ବନ ବିଭାଗର ଏହି ଚିଠିକୁ ମୁନିସିପାଲଟିର ଖାତିର ନାହିଁ। ଆଜି ପର୍ଯ୍ୟନ୍ତ ସେହି ଜଙ୍ଗଲ ଭିତରେ ବଲାଙ୍ଗିର ମୁନିସିପାଲଟି ସହରର ସମସ୍ତ ବାର୍ଜ୍ୟବସ୍ତୁ ନେଇ ପକାଉଥିବା ଦେଖିବାକୁ ମିଳୁଛି। କେବଳ ମଇଳା ଗାଡି ଜଙ୍ଗଲ ଭିତରକୁ ଯାଇପାରିବ ବୋଲି ଏକ ଜେସିପି ସହାଯ୍ୟରେ ରାସ୍ତା ଟିକେ ତିଆରି



କରିଦେଇଛି ଏବଂ ବଲାଙ୍ଗିର-ଟିଟିଲାଗଡ଼ ଏନଏଚ-୨୬ ରାସ୍ତା କଡରୁ ଜଙ୍ଗଲ ଭିତରକୁ ଯିବା ରାସ୍ତାରେ କୁଢକୁଢ ମଇଳା ଗଦା ହୋଇ ପଡ଼ି ରହିଛି। ଯେଉଁ ଆଡେ ନଜର ଜିବ କେବଳ ଗଦାଗଦା ମଇଳା ଏବଂ ବର୍ଷା ଯୋଗୁଁ ଏହି ମଇଳାରୁ ଦୁର୍ଘନ୍ଧ ବାହାରିବା ଓ ପରିବେଶକୁ ଖରାପ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବଲାଙ୍ଗିର ମୁନିସିପାଲଟି ସବୁଜ ଓ ସୁନ୍ଦର ସହରକୁ ଗଢିବା ରଖିବା ଏବଂ ବୃକ୍ଷରୋପଣ କରି ସହରକୁ ସବୁଜମୟ କରିବାକୁ ଅଧିକାରୀମାନେ ସଚେତନ କରୁଛନ୍ତି। ଅନ୍ୟପଟେ ଖୋଦ ମୁନିସିପାଲଟି ନିଜେ ପରିବେଶ ଉଜାଡୁଛି। ସଂରକ୍ଷିତ ଜଙ୍ଗଲ ଭିତରେ ବର୍ଷ ବର୍ଷ ହେଲା ସହରର ବାର୍ଜ୍ୟବସ୍ତୁ ପକାଉଛି। ବଲାଙ୍ଗିର-ବୋରିଗୁମା ୨୬ ନମ୍ବର ଜାତୀୟ ରାଜପଥର ଖର୍ଲିକାନୀ ଜଙ୍ଗଲ ଭିତରେ ଥିବା ବହରା ନାଳ ପାଖରେ ବହୁବର୍ଷ ହେଲା ପ୍ରତିଦିନ ମୁନିସିପାଲଟି ସହରର ବାର୍ଜ୍ୟବସ୍ତୁ ଆଣି ଏହି ବେଆଇନ ଡମ୍ପିଂୟାର୍ଡ ଚଳେଇଛି। ଏବେ ରାଜରାସ୍ତା କଡ ପର୍ଯ୍ୟନ୍ତ ବାର୍ଜ୍ୟବସ୍ତୁର ପାହାଡ ଛିଡା ହୋଇ ଗଲାଣି। ବର୍ଷା ସମୟରେ ଜେସିବି ଜରିଆରେ ଆବର୍ଜନାକୁ ପୁଣି କଡକୁ ଠେଲି ଦିଆଯାଉଛି। ଏପରିକି ବାୟୋ ବାର୍ଜ୍ୟବସ୍ତୁ ମଧ୍ୟ ଏଠାରେ ଖୋଲା ପକାଉ ଦିଆଯାଉଛି। ଚାରିପଟେ ଜଙ୍ଗଲ ଥିଲେ ହେଁ ମୁନିସିପାଲଟି ପ୍ରଶାସନ ନିୟମିତ ଏହି କାରବାର ଚଳାଇ ଆସୁଛି। ସୂଚାନା କର୍ମୀ ହେମନ୍ତ ପଣ୍ଡା ବନ ବିଭାଗ କାର୍ଯ୍ୟାଳୟରୁ ଆହୁରି ଉଦ୍‌ବେଗ ଜନକ ତଥ୍ୟ ପାଇଛନ୍ତି। ତଥ୍ୟ ମୁତାବକ, ଏହି ଡମ୍ପିଂୟାଡର ବୈଧତା ନେଇ ବନ ବିଭାଗ ମୁନିସିପାଲଟି ପ୍ରଶାସନ ଏବଂ ପ୍ରଦୁଷଣ ନୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ଚିଠି ଜାରି କରିଥିଲେ ମଧ୍ୟ ତାର ତଦନ୍ତ ହେଲା ନା ନାହିଁ ତାର ରିପୋର୍ଟ ମଧ୍ୟ ବନ ବିଭାଗ ପାଖରେ ପହଞ୍ଚି ପାରଲା ନାହିଁ। ତେବେ ଏହି ଡମ୍ପିଂୟାଡ ପାଇଁ ବଲାଙ୍ଗିର ମୁନିସିପାଲଟି ପ୍ରଶାସନକୁ କୌଣସି ଅନୁମତି ଦିଆଯାଇ ନଥିବା ବନ ବିଭାଗ ଦର୍ଶାଇଛି।

## ୪ ଦିନ ହେଲା ଏକ୍ସ-ରେ ମେସିନ ଅଚଳ

ଦାରିଙ୍ଗବାଡ଼ି,୧୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଏକ ମାତ୍ର ଏକ୍ସ-ରେ ମେଶିନ ଗତ ୪ ଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ଏକ୍ସରେ ଉପରେ ନିର୍ଭର କରୁଥିବା ୨୫ ପଞ୍ଚାୟତର ରୋଗୀମାନେ ନିରାଶ ହୋଇ ଫେରିବା ସହ ଜରୁରୀକାଳିନ ପରିସ୍ଥିତିରେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଫୁଲବାଣୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ କିଛି ରୋଗୀ ବ୍ରହ୍ମପୁର, ଭଞ୍ଜନଗରକୁ ଏକ୍ସରେ କରାଇବା ପାଇଁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି। ଦାରିଙ୍ଗବାଡ଼ିରେ ଅସ୍ଥିଶଲ୍ୟ ବିଭାଗର କୌଣସି ବିଶେଷଜ୍ଞ ନ ଥିଲେ ମଧ୍ୟ ଲୋକଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଦୀର୍ଘବର୍ଷ ଧରି ଏକ୍ସରେ ମେଶିନ ସ୍ଥାପନ କରାଯାଇଛି କିନ୍ତୁ ଉକ୍ତ ଏକ୍ସରେ ମେଶିନ ଅତ୍ୟାଧୁନିକ ଓ ଡିଜିଟାଲ ହୋଇଥିବାରୁ ବାରମ୍ବାର ଅଚଳ ହୋଇପଡ଼ିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଇମେଲ ଓ ଚିଠି କରିବା ପରେ ମରାମତି କରିବାକୁ ଟେକ୍‌ନିସିଆନ ପହଞ୍ଚି ମରାମତି କରନ୍ତି। ଫଳରେ ଏକ୍ସରେ ସ୍ୱାଭାବିକ ହେବାକୁ ଦିନ ପରେ ଦିନ ବିତିଯାଉଥିବାରୁ ଜନ ଅସନ୍ତୋଷ ଦେଖାଯାଉଛି। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କୁ ଯୋଗାଯୋଗ କରାଯାଇଥିଲା କିନ୍ତୁ ସମ୍ଭବ ହୋଇ ନଥିଲା ଏନେଇ ବିପିଏମ୍ ଶାନ୍ତନୁ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଏକ୍ସରେର ସଫ୍ଟୱେର ସମସ୍ୟା ଦେଖାଯାଇଛି। ଆମେ ଆଜି ଫୁଲବାଣୀ ମେଲ୍ ଯୋଗେ ଅବଗତ କରାଇ ଶୀଘ୍ର ସ୍ୱାଭାବିକ କରାଇବାକୁ ପଦକ୍ଷେପ ନେବୁ ବୋଲି କହିଛନ୍ତି।

## କଂଗ୍ରେସର ବନ୍ୟାଞ୍ଚଳ ପରିଦର୍ଶନ

ବଲାଙ୍ଗିର,୧୮ (ସଂଚାର ବ୍ୟୁରୋ): ପୁଇଁନ୍ତଲା ବ୍ଲକ କଂଗ୍ରେସ ର ପୂର୍ବତନ ସଭାପତି ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ଏକ ପ୍ରତିନିଧି ମଣ୍ଡଳି ପୁଇଁନ୍ତଲା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ବନ୍ୟା ପ୍ରପଡ଼ିତ ଅଞ୍ଚଳ ଏବଂ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଘଟଣା ସ୍ଥଳକୁ ଯାଇ ବର୍ଷା ବିପ୍ରାତ ଯୋଗୁଁ ଚାଷୀଙ୍କ ନାହିଁ ନ ଥିବା କ୍ଷୟକ୍ଷତି ଦେଖି ଏବଂ ଲଗାଣ ବର୍ଷାରେ ଘରମାନେ ବ୍ୟାପକ ପରିମାଣରେ ପଡ଼ିଯାଇ ଚୁରମାର ହୋଇଯାଇଥିବା ଦେଖି ଜନସାଧାରଣଙ୍କ ସହ ବିସ୍ତୃତ ବିଚାର ବିମର୍ଷ କରିବା ସହ ଘଟଣା ସ୍ଥଳରୁ ପୁଇଁନ୍ତଲା ବ୍ଲକ ତହସିଲଦାର ଶ୍ରୀଯୁକ୍ତ ବର୍ଗେଙ୍କ ସହ ଫୋନମାଧ୍ୟମରେ କଥା ହୋଇ କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ମଣ୍ଡଳି ତରଫରୁ ଆଲୋଚନା କରାଯାଇଥିଲା। ତହସିଲଦାର ଶ୍ରୀ ବର୍ଗେ ଖୁବ ଶିଘ୍ର ସମସ୍ତ ରାଜସ୍ୱ ନୀରିକ୍ଷକ ଏବଂ ସମସ୍ତ କର୍ମଚାରୀ ମିଶି କ୍ଷୟକ୍ଷତି ଆକଳନ କରିବା ସହ ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ମଣ୍ଡଳି ତରଫରୁ ବଇଁରାସର ରେ କିଛି ଚାଷୀଙ୍କ ସହ ବାର୍ତ୍ତାଲାପ ପରେ ସାରର



ଘୋର ଅଭାବ ତଥା ଚଢା ଦରରେ ଚାଷୀମାନେ କ୍ରୟ କରୁଛନ୍ତି ବୋଲି କମିଟି ପାଖରେ ଜଣାଇଥିଲେ। ପରେ ଖଲିଆପାଲି ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ପ୍ରେମ ମହାକୁରଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳିରେ ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ଯୁବ ନେତା ହରି ନେତା, ଲଳିତ ପଟେଲ, ଅଚ୍ୟୁତ ପଲତା, ସଞ୍ଜିବ କ୍ଷେତି ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଡାଙ୍ଗ, ମଧୁ କାଲସାଏ, ପ୍ରହଲ୍ଲାଦ ମହାକୁର, ମଦନ କର୍ମୀ, ହିରା ଷାଣ୍ଢ, ଖେଡୁ କାଲସାଏ, ଜଗଦିଶ ନାଏକ, ସତ୍ୟନାରାୟଣ ମହାକୁର, ସର୍ବେଶ୍ୱର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ ଦିନ ଭିତରେ ସମସ୍ତ କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ନ ଦେଲେ ତିବ୍ରତର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାଇ ଦିଆଯାଇଛି।

## ସମ୍ବଲପୁରୀକୁ ଦ୍ୱିତୀୟ ଭାଷା ମାନ୍ୟତା ଦାବିରେ ଆମରଣ ଅନଶନ

ବରଗଡ଼,୧୮ (ସଂଚାର ବ୍ୟୁରୋ): ଆଜି ସମ୍ବଲପୁରୀ ଦିନ। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ପୁରପଲ୍ଲୀରେ ସମ୍ବଲପୁରୀ ପୋଷାକ ପରିଧାନ ସହିତ ନାଚଗୀତ, ସଭା, ସମିତି ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। କିନ୍ତୁ ବରଗଡ଼ର କୋଶଲ ସଂଗ୍ରାମୀ ସୁଶାନ୍ତ ମିଶ୍ର ଭିନ୍ନ ଏକ ପଦକ୍ଷେପ ନେଇଛନ୍ତି। ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ଭାଷା ମାନ୍ୟତା ପ୍ରଦାନ ସହିତ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବାକୁ ଦାବି କରିଛନ୍ତି। ଏହି ଦାବିରେ ସେ ବରଗଡ଼ ଗାନ୍ଧିଛକରେ ଆମରଣ ଅନଶନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ମିଳିଲେ ଯାଇ ଅନଶନରୁ ଉଠିବେ ବୋଲି ସୁଶାନ୍ତ କହିଛନ୍ତ। ଅନଶନକୁ ସମର୍ଥନ କରି ଅନେକ ଯୁବକ ସେଠାରେ ଉପସ୍ଥିତ ରହିଛନ୍ତି।




## ସ୍ୱାଧୀନତା ଦିବସରେ ସମ୍ବର୍ଦ୍ଧିତ ହେବେ କୃତୀ ପ୍ରତିଭା



ପାଟଣା,୧୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ଆସନ୍ତା ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚଳିତ ବର୍ଷ ବ୍ଲକ୍ ସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ସୁଚାରୁରୂପେ ଆୟୋଜନ କରିବା ନେଇ ବିଭିନ୍ନ ଦିଗରେ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଚଳିତ ବର୍ଷ ବ୍ଲକ୍ ସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ। ବୈଠକରେ ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ବିଡିଓ ମାନସ ରଞ୍ଜନ ଦଣ୍ଡପାଟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ ଏବଂ ଜିପିଡିଓ ସନ୍ତୋଷ କୁମାର ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଏହାବ୍ୟତୀତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସମ୍ପାଦକ କମଳାକାନ୍ତ ପତି, ଭାଷ୍ୟକାର ପାର୍ଥସାରଥୀ ବେଜ, ବିଜେଡି ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ପାଟଣା ସୁରକ୍ଷା ମଞ୍ଚର ଆବାହକ ବିଜୟ ରତ୍ନ ପତି, କ୍ରୀଡା ଶିକ୍ଷକ ଏବଂ ବ୍ଲକ୍‌ରେ କାର୍ଯ୍ୟରତ ପ୍ରିଣ୍ଟ, ସାଟେଲାଇଟ୍ ଓ ଡିଜିଟାଲ ମିଡିଆର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ମୁନିଲାଲ ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବୈଶିଙ୍ଗା,୧୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ସ୍ଥିତ ମୁନିଲାଲ ହାଇସ୍କୁଲ ର ବରିଷ୍ଠ କିରାଣୀ ବିଜୟ କୁମାର ଦାସ ଙ୍କ ଅବସର ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ସଭାଗୃହରେ ଆଜି ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶଶଧାର ବାରିକ ଯୋଗ ଦେଇ ବରିଷ୍ଠ କିରାଣୀ ଙ୍କ କାର୍ଯ୍ୟଶୈଳୀ କୁ ପ୍ରଶଂସା କରିଥିଲେ ଓ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମେର୍ଦ୍ଦା ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମ, ପାଟଳିପୁରା ସ୍ଥିତ କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଜୟ କୁମାର ରାଉତ, ଯୁଧିଷ୍ଠିର ସାହୁ ଏବଂ ବ୍ରହ୍ମାନନ୍ଦ ମହାପାତ୍ର ମଧ୍ୟ ଯୋଗ ଦେଇ ବିଜୟ ଦାସ ଙ୍କ ଦୀର୍ଘ ଦିନର କିରାଣୀ ଭାବେ ଦାୟିତ୍ୱବୋଧତାକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ / ଶିକ୍ଷୟିତ୍ରୀ ଓ କର୍ମଚାରୀ ଙ୍କ ସମେତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ବିଜୟ ଦାସ ତାଙ୍କର ଅନୁଭୂତିରେ ଏହି ବିଦ୍ୟାଳୟ ପ୍ରତି ଥିବା ଆତ୍ମୀୟତା ସଂପର୍କରେ ବଖାଣିଥିଲେ।

## ସ୍କୁଲ ପଡ଼ିଆରେ ମନ୍ଦିର ନିର୍ମାଣ ମସୁଧା, ତେଜିଲା ଅସନ୍ତୋଷ

ବରଗଡ଼,୧୮ (ସଂଚାର ବ୍ୟୁରୋ): ବରଗଡ଼ ସହରରେ ଥିବା ରାଣାପ୍ରତାପ ହାଇସ୍କୁଲ ପଡ଼ିଆରେ ମନ୍ଦିର ନିର୍ମାଣ ମସୁଧା ଚାଲଛି। ଏଭଳି ଅଭିଯୋଗ କରି ସ୍କୁଲ ପରିଚାଳନା କମିଟି ଏବଂ ଶିକ୍ଷକ, ଅଭିଭାବକ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଏଥିରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବା ପାଇଁ ଶୁକ୍ରବାର ସ୍କୁଲ ପରିଚାଳନା କମିଟି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଲେଖି ଜଣାଇଛି । ଏହାସହିତ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ମଧ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍କୁଲ ଜମିକୁ ଅନ୍ୟ କୌଣସି ସଂସ୍ଥାକୁ ପ୍ରଦାନ କରାଗଲେ ଏହାକୁ ବିରୋଧ ସହିତ ତୀବ୍ର ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି। ସୂଚନା ଅନୁଯାୟୀ, ୧୯୬୦ରେ ପ୍ରତିଷ୍ଠିତ ଉକ୍ତ ଉଚ୍ଚ



ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ତତ୍କାଳୀନ କିଛି ବଦାନ୍ୟ ବ୍ୟକ୍ତି ସ୍କୁଲକୁ ୫ଏକର ୫୫ ଡେସିମିଲ ଜମି ଦାନ ସୂତ୍ରରେ ପ୍ରଦାନ କରିଥିଲେ। ସ୍କୁଲ ନାମରେ ସେହି ଜମି ରେଜିଷ୍ଟ୍ରେଶନ ମଧ୍ୟ ହୋଇଛି । କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଜମିରେ ପର୍ଯ୍ୟାୟକ୍ରମେ ଡିଇଓଙ୍କ କାର୍ଯ୍ୟାଳୟ, ଇନ୍‌ଡୋର ଷ୍ଟାଡିୟମ୍, ଅନ୍ୱେଷା ଛାତ୍ରାବାସ ଭଳି ପ୍ରକଳ୍ପ ନିର୍ମାଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବଳକା ଜମିରେ ପୁଣି ଏବେ ମନ୍ଦିର ନିର୍ମାଣ ପାଇଁ ଏକ ଧାର୍ମିକ ଅନୁଷ୍ଠାନ ଟ୍ରଷ୍ଟବୋର୍ଡକୁ ଜମି ପ୍ରଦାନ ପାଇଁ ମସୁଧା ଚାଲିଛି। ଏହା ଜଣାପଡ଼ିବା ପରେ ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଏବଂ ସ୍କୁଲ ପରିଚାଳନା କମିଟି ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଏହା ପୂର୍ବରୁ ସ୍କୁଲ ପରିଚାଳନା କମିଟି ସ୍କୁଲର ଅବଶିଷ୍ଟ ଜମିକୁ ଆଉ କୌଣସି ସଂସ୍ଥା କିମ୍ବା ପ୍ରକଳ୍ପକୁ ପ୍ରଦାନ ନ କରିବା ଏବଂ ସ୍କୁଲ ନାମରେ ପଟ୍ଟା ପ୍ରଦାନ ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲା। ଏକଦା ଏହି ଜମିରେ ତହସିଲ କାର୍ଯ୍ୟାଳୟ ନିର୍ମାଣ ମସୁଧା ଚାଲିଥିଲା। ଏ ନେଇ ଅସନ୍ତୋଷ ଦେଖାଯିବା ସହିତ ବିରୋଧ କରାଯାଇଥିଲା।

## ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ସୁବର୍ଣ୍ଣପୁର,୧୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ହରଡଖୋଳ କ୍ଲଷ୍ଟର୍ ଅନ୍ତର୍ଗତ ବୈଦ୍ୟନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ



୨୦୨୬-୨୭ଶିକ୍ଷା ବର୍ଷର ଦ୍ୱିତୀୟ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସି.ଆର୍.ସି.ସି. ରଶ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୈଦ୍ୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଘନଶ୍ୟାମ ମିଶ୍ର ସର୍ବପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କ୍ଲଷ୍ଟର ର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀ ଓ ଜ୍ୟୋତିପ୍ରଭା ସାହୁ, ନୂତନ ଭାବରେ କ୍ଲଷ୍ଟର ରେ ଯୋଗ ଦେଇଥିବା ୩ ଲେଭେଲ୍ ଥାର୍ଡ ପ୍ରଧାନ ଶିକ୍ଷକ ବିନୋଦ ମେହେର, ବ୍ୟୋମକେଶ ତ୍ରିପଠୀ ଓ ଗାୟତ୍ରୀ ଦାସ ଏବଂ ସାନଫଳ୍ସି ପ୍ରାଥମିକ ବିଦ୍ୟାଳୟ ରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଦୁଷ୍ମନ୍ତ ମହାପାତ୍ର ଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସି.ଆର୍.ସି.ସି. ରଶ୍ମିତା ସାହୁ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବା ସହ ମଉଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଧାରିତ ଦଳଗତ କାର୍ଯ୍ୟ କରାଇଥିଲେ। ଲକର୍ମା ବିଦ୍ୟାଳୟର ଶିକ୍ଷକ ବିକ୍ରମ କୁମାର ନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଗ୍ୟାଲେରୀ କାର୍ଯ୍ୟକୁ ସମସ୍ତଙ୍କୁ ପ୍ରଦର୍ଶିତ କରାଯିବା ସହ ଶ୍ରୀ ନନ୍ଦ ମଉଖିକ ଭାଷାର ବିକାଶର ଉଦ୍ଦେଶ୍ୟ ଓ ତଦ୍ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ।

## ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲା କଂଗ୍ରେସ କମିଟି ତାତିଲା



ସୁବର୍ଣ୍ଣପୁର,୧୮ (ସଂଚାର ବ୍ୟୁରୋ): ସ୍ଥାନୀୟ ସର୍କିଟ ହାଉସ ଠାରେ ପୂର୍ବତନ ବିଧାୟକ ତଥା ଡିସିସି ସଭାପତି ବିନୋଦ ପାତ୍ର ଙ୍କ ଦ୍ୱାରା ଆହୁତ ଏକ ସାମ୍ବାଦିକ ସମ୍ମିଳନୀ ରେ ଏଆଇସିସି ର କିସାନକମିଟି ଜାତୀୟ ସଂଯୋଜକ ତଥା ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଯୋଗଦେଇ ବର୍ତ୍ତମାନ ର ସରକାରୀ ଚାଷୀ ଓ ଚାଷ ର ବିରୋଧି ବୋଲି ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ଚାଷୀ ଭୋଗୁଥିବା ଧାନ ର ଅଭାବୀ ବିକ୍ରି, କଟଣି ଛଟଣି ଦ୍ୱାରା ଚାଷୀ ତଳିତଳାନ୍ତ ହୋଇଛି। ମଣ୍ଡି ମାନଙ୍କରେ ଅବ୍ୟବସ୍ଥା, ସାର୍ ଅଭାବ ଯୋଗୁଁ ଚାଷୀ କାମ ଆଗେଇ ପାରୁନାହିଁ। ପ୍ରତିବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ସରକାରୀ ଘୋଷଣା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲା ରେ ଗୋଟିଏ ବି ଶୀତଳ ଭଣ୍ଡାର ନିର୍ମାଣ ହୋଇପାରିନାହିଁ। ଆଗାମୀ ଦିନରେ ଏହିସବୁ ଦାବି ଯଦି ପୁରଣ ନହେବ ତାହେଲେ କଂଗ୍ରେସ ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଆଜି ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ରେ ଜିଲ୍ଲା କଂଗ୍ରେସ ଦଳର ଦିବଂଗତ ବରିଷ୍ଠ ନେତା ସ୍ୱର୍ଗତ ଧରମ୍ ସିଂ ବଡ଼ପଣ୍ଡା ଙ୍କ ନିଧନ ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅମିୟ କୁମାର ପଟ୍ଟନାୟକ, ବିନୋଦ ପାତ୍ର, ସୁଧିର କୁମାର ପଣ୍ଡା, ପ୍ରଦୀପ ସେଠି, ସଂଗ୍ରାମ କେଶରୀ ନାୟକ, ଶେଷଦେବ ମେହେର, ଲକ୍ଷ୍ମଣ ସୁନା, ସତ୍ୟ ତ୍ରିବେଦୀ, ରାଜେନ୍ଦ୍ର ମେହେର, ଭୀଷ୍ମ ମଲ୍ଲିକ, ଦଧୀବାବନ ଦାଶ, ହୃଷିକେଶ କର୍ଣ୍ଣ, ମହମ୍ମଦ ଇମ୍ରାନ୍, ସପ୍ନେଶ୍ୱର ପୃଷ୍ଟି, ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଗାନ୍ଧି ଷ୍ଟାଡିୟମ୍ ପାଇଁ ୨୫ କୋଟି ୭୫ ଲକ୍ଷ ମଞ୍ଜୁରୀ

ସୁବର୍ଣ୍ଣପୁର,୧୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ର ସଦର ମହକୁମା ଠାରେ ଥିବା ଗାନ୍ଧୀ ଷ୍ଟାଡିୟମ ର ଉନ୍ନତି କରଣ ନିମନ୍ତେ ଆଜି ଓଡିଶା ସରକାର ୨୫ କୋଟି ୭୫ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି। ଆଜି ଏହି ଖବର ଶୁଣିଲା ପରେ ସୋନପୁର ର କ୍ରୀଡ଼ାବିତ, ଖେଳପ୍ରେମୀ ଓ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘ ର ସାଧାରଣ ସମ୍ପାଦକ ପିୟୁଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ, କ୍ରୀଡ଼ାବିତ ଏବଂ ଜିଲ୍ଲା କ୍ରିକେଟ ସଂଘ କର୍ମକର୍ତ୍ତା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ .ନୃପରାଜ ସାହୁଙ୍କ ବାସଭବନ ଅଫିସ ରେ ସାକ୍ଷାତ କରି ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଓଡ଼ିଶା ସରକାର ମୋହନ ଚରଣ ମାଝୀ ଙ୍କ ସମେତ ସ୍ଥାନୀୟ ବିଧାୟକ ଶ୍ରୀ



ନିରଞ୍ଜନ ପୂଜାରୀ, ବୀର ମହାରାଜ ପୁର ବିଧାୟକ ରଘୁନାଥ ଜଗଦଲା ଙ୍କୁ ମଧ୍ୟ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂଘ ର ଉପଦେଷ୍ଟା ଦିଲ୍ଲୀପ ଗୁରୁ, ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ, ଫୁଟବଲ୍ ସଂପାଦକ ରାଜୀବ ସାହୁ ପ୍ରମୁଖ ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ କ୍ରୀଡ଼ାବିତ ସାମିଲ ଥିଲେ ।

ପୁଣି ଲାଞ୍ଜିଗଡ଼ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ତାଣ୍ଡବ

## ଘର ଭାଙ୍ଗିଦେଇ ୬୧ ବର୍ଷୀୟା ବୃଦ୍ଧାଙ୍କ ନେଲା ଜୀବନ

ଲାଞ୍ଜିଗଡ଼,୧୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ରେଞ୍ଜର କୁମଖାଲ ଗ୍ରାମପଞ୍ଚାୟତ ସ୍ଥିତ ପୀତେଲବାଜୁ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୩୦ଟିକିଆ ହାତୀପଲ ପଶି ତାଣ୍ଡବ ରଚିଥିଲେ। ହାତୀଙ୍କ ଆକ୍ରମଣରେ ତିଲାଏ ହରିଜନ (୬୧)ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ଘର ଓ ଆସବାବପତ୍ର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ପାଞ୍ଚ ଜଣଙ୍କ ମଧ୍ୟରୁ ଚାରିଜଣ ପ୍ରାଣ ବଞ୍ଚାଇ ବାହାରକୁ ପଳାଇଥିଲେ। କିନ୍ତୁ ବୃଦ୍ଧା ଜଣକ ବାହାରି ପାରିନ'ଥିବାରୁ ହାତୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ। ଘଟଣା ପରେ ଅଞ୍ଚଳରେ ଶୋକ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିବା



ବେଳେ ଘଟଣାକୁ ନେଇ ଉତ୍ୟକ୍ତ ହୋଇ ଗ୍ରାମବାସୀ ବିଶ୍ୱନାଥପୁର- ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ସକାଳେ ଅବରୋଧ କରି କ୍ଷତିପୂରଣ ଓ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଏବଂ ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ଦାବି କରିଥିଲେ। ଏହା ପରେ ଲାଞ୍ଜିଗଡ଼ ଅତିରିକ୍ତ ତହସିଲଦାର ସତ୍ୟବ୍ରତ ନାୟକ, ବିଶ୍ୱନାଥପୁର ଥାନାଧିକାରିଣି କଳ୍ପନା ବେହେରା, ଏସିଏଫ ନରୋତମ ମାଝୀଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା।ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ କ୍ଷୟକ୍ଷତିର ଆକଳନ ଓ ସରକାରୀ ସହାୟତା ପ୍ରଦାନ ପ୍ରକ୍ରିୟା ଚାଲିଥିବା ସୂଚନା ମିଳିଛି। ହାତୀ-ମଣିଷ ସଂଘର୍ଷ ଏବେ ଲାଞ୍ଜିଗଡ଼ ଅଞ୍ଚଳ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ମଣିଷର ଜୀବନ ଯାଉଛି।ଏହି ଦୁର୍ଗମ ଅଞ୍ଚଳରେ କେବେ ସରିବ ଏହି ହାତୀ ମଣିଷର ଲଢ଼େଇ। ବନବିଭାଗ ଦ୍ୱାରା ହାତୀଙ୍କ ଗତିବିଧିର କୌଣସି ସୂଚନା ନ'ଦେବା ଓ ରାତିରେ ବିଦ୍ୟୁତ କାଟ୍ ଯୋଗୁଁ ଏପରି ଘଟୁଥିବା ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ବାରମ୍ବାର ହାତୀ ଉପଦ୍ରବ ଯୋଗୁଁ ଉପାନ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି।